
‘ପରମ ସୁନ୍ଦରୀ’
ପାଇଁ ୧୨ କୋଟି

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-70 ◆WEDNESDAY ◆3 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୭୦ ◆ବୁଧବାର ◆୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଝିଅ କବିତାଙ୍କୁ ଦଳରୁ ନିଲମ୍ବନ କଲେ କେସିଆର୍



■ ହାଇଦରାବାଦ, ୨।୯ (ଏଜେନ୍ସି): ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଭାରତୀୟ ରାଷ୍ଟ୍ର ସମିତି (ବିଆରଏସ)ରେ ଭାଇ-ଭଉଣୀ କଳି ଉଗ୍ରରୂପ ଧାରଣ କରିଛି। ଏହି କ୍ଷମତା କନ୍ଦଳରେ ବାପା ପୁଅର ପକ୍ଷ ନେଇ ଝିଅ ତଥା ଏମଏଲସି କେ. କବିତାଙ୍କୁ ତତ୍କାଳ ପ୍ରଭାବରେ ମଙ୍ଗଳବାର ଦଳରୁ ନିଲମ୍ବନ କରିଦେଇଛନ୍ତି। ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବିଆରଏସ ପକ୍ଷରୁ କୁହାଯାଇଛି। ଦିନକ ତଳେ ସାମ୍ବାଦିକ ସମ୍ମିଳନୀ କରି କବିତା ଭାଇ କେଟିଆର୍ ଏବଂ ସମ୍ପର୍କୀୟ ଭାଇ ଟି ହରିଶ ରାଓଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ଦଳର ସହଯୋଗୀମାନେ କେସିଆର ଛବି ଖରାପ କରୁଥିବା କହିଥିଲେ। ସୂଚନା ଅନୁଯାୟୀ ଦୀର୍ଘ ଦିନ ହେଲା ଦଳର ନେତୃତ୍ୱକୁ ନେଇ ନିଜ ଭାଇ କେଟିରାମା ରାଓ ଓରଫ କେଟିଆର ଏବଂ ସମ୍ପର୍କୀୟ ଭାଇ ଟି. ହରିଶଙ୍କ ସହ ତାଙ୍କର ବିବାଦ ଚାଲିଛି। କବିତା ଅଭିଯୋଗ କରିଥିଲେ ଯେ ବିଆରଏସର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କେଟିଆର ଦଳକୁ ବିଜେପିରେ ମିଶାଇବାକୁ ଚାହୁଁଛନ୍ତି। ସେହିପରି ବରିଷ୍ଠ ନେତା ଟି ହରିଶ ରାଓ ଏବଂ ପୂର୍ବତନ ସାଂସଦ ମେଘା କୃଷ୍ଣ ରେଡ୍ଡୀ ତାଙ୍କ ବାପାଙ୍କୁ ଦୁର୍ନୀତି ମାମଲାରେ ବଳି ବୋଦା କରିବାକୁ ଚାହୁଁଛନ୍ତି। ତେଲଙ୍ଗାନାର ▶ପୃଷ୍ଠା-୧୦

## ପୁଲିସକୁ ଗୁଳିକରି ଦୁଷ୍କର୍ମ ଅଭିଯୁକ୍ତ ବିଧାୟକ ଫେରାର




■ ଚଣ୍ଡୀଗଡ଼, ୨।୯ (ଏଜେନ୍ସି): ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିବା ପଞ୍ଜାବ ଆମ ଆଦମୀ ପାର୍ଟି (ଆପ୍) ବିଧାୟକ ହରମିତ୍ ସିଂହ ପଠାଣମାଜରା ପୁଲିସକୁ ଗୁଳିକରି ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ପୁଲିସ୍ ସୂଚନା ଅନୁଯାୟୀ, ଗିରଫ ପରେ ପଠାଣମାଜରାଙ୍କୁ ପଟିଆଲାର ଏକ ସ୍ଥାନୀୟ ପୋଲିସ ଷ୍ଟେସନକୁ ନିଆଯାଉଥିବା ସମୟରେ ସେ ଏବଂ ତାଙ୍କ ସହଯୋଗୀମାନେ ପୋଲିସ ଉପରେ ଗୁଳି ଚଳାଇ ଏକ ଧଳା ଏସ୍ୟୁଭି ଗାଡ଼ିରେ ଖସି ପଳାଇଛନ୍ତି। ଜଣେ ପୁଲିସ୍ କର୍ମଚାରୀ ସେମାନଙ୍କ ଗୁଳିରେ ଆହତ ହୋଇଛନ୍ତି। ମଙ୍ଗଳବାର ସକାଳେ ପଠାଣମାଜରାଙ୍କୁ ହରିୟାଣାର କରନାଲ ଜିଲ୍ଲାର ଡାବରି ଗାଁରୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ଗିରଫ କରାଯାଇଥିଲା। ତାଙ୍କୁ ଧରିବା ପାଇଁ ପଞ୍ଜାବ ପୋଲିସ ଏକ ବ୍ୟାପକ ତଲାସୀ ଅଭିଯାନ ଆରମ୍ଭ କରିଛି।

ସୋମବାର ରାତିରେ ସନୌର ବିଧାୟକ ହରମିତ୍ ସିଂହ ପଠାଣମାଜରାଙ୍କ ବିରୁଦ୍ଧରେ ପଟିଆଲାର ସିଭିଲ୍ ଲାଇନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଜିରକପୁରର ଜଣେ ମହିଳାଙ୍କ ଅଭିଯୋଗ ଉପରେ ଏହି ଏଫଆଇଆର ରୁଜୁ ହୋଇଥିଲା। ପଠାଣମାଜରା ଏକ ଭିଡିଓ ଜାରି କରି ତାଙ୍କ ନିଜ ଦଳର ନେତୃତ୍ୱ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି।

### ‘ସେମିକନ୍-୨୦୨୫’ ସମ୍ମିଳନୀରେ ଓଡ଼ିଶାର ତିନି ଚିପ୍

## ଏନ୍ଆଇଟି ରାଉରକେଲା, ବ୍ରହ୍ମପୁର ପିଏମ୍ଇସିରୁ ପ୍ରସ୍ତୁତ ହୋଇଛି ଚିପ୍



■ ଭୁବନେଶ୍ୱର, ୨।୯ (ସମିସ): ଦିଲ୍ଲୀରେ ଆରମ୍ଭ ହୋଇଥିବା ‘ସେମିକନ୍-୨୦୨୫’ ସମ୍ମିଳନୀରେ ରାଜ୍ୟର ଦୁଇଟି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଦ୍ୱାରା ନିର୍ମିତ ୩ଟି ସେମିକଣ୍ଡକ୍ଟର ଚିପ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିଛନ୍ତି କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଏଥି ମଧ୍ୟରୁ ଦୁଇଟି ଚିପ୍ ଏନ୍ଆଇଟି ରାଉରକେଲା ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ଗୋଟିଏ ଚିପ୍ ବ୍ରହ୍ମପୁର ସ୍ଥିତ ପାରଳା ମହାରାଜ ଇଂଜିନିୟରିଂ କଲେଜ(ପିଏମ୍ଇସି)ରେ ପ୍ରସ୍ତୁତ ହୋଇଛି। ଦେଶର ୭୮ ଟି ବିଶ୍ୱବିଦ୍ୟାଳୟ ଓ ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏହି ଚିପ୍ ପ୍ରସ୍ତୁତ କରିଛନ୍ତି। ସେମିକଣ୍ଡକ୍ଟର ଶିଳ୍ପର ବିକାଶ ଓ ପ୍ରସ୍ତୁତି କ୍ଷେତ୍ରରେ ଦେଶରେ ଆରମ୍ଭ ହୋଇଥିବା ବୈପ୍ଲବିକ ଯାତ୍ରାରେ ଓଡ଼ିଶାର ଯୋଗଦାନକୁ ଜାତୀୟ ସ୍ତରରେ ପ୍ରଶଂସା ମିଳିଛି। ଏହି ଚିପ୍‌ଗୁଡ଼ିକ ଭାରତର ପ୍ରଥମ ସ୍ୱଦେଶୀ ସେମିକଣ୍ଡକ୍ଟର ଚିପ୍ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକାକୁ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ଆମର ବିଗତ ଶତାବ୍ଦୀ ତେଲ ଦ୍ୱାରା ଗଢ଼ା ହୋଇଥିଲା। ବିଶ୍ୱର ଭାଗ୍ୟ ତୈଳ କୂପ ଦ୍ୱାରା ▶ପୃଷ୍ଠା-୧୦

### ଆଜିଠୁ ଜିଏସ୍‌ଟି ପରିଷଦ ବୈଠକ

# କମିବ ୧୭୫ ସାମଗ୍ରୀର ଟିକସ ହାର

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୯ (ସମିସ): ବୁଧବାରଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେଉଛି ଜିଏସ୍‌ଟି ପରିଷଦର ୫୬ତମ ବୈଠକ। ସେପ୍ଟେମ୍ବର ୩ ଏବଂ ୪ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ବୈଠକ ଉପରେ ସାରା ଦେଶର ନଜର ରହିଛି। ଭାରତ ଉପରେ ଆମେରିକା ୫୦% ଟାରିଫ୍ ଲଗାଇଥିବା ପରିପ୍ରେକ୍ଷୀରେ ଏହି ବୈଠକ ବହୁ ଗୁରୁତ୍ୱବହନ କରୁଛି। ନିକଟ ଅତୀତରେ ଜିଏସ୍‌ଟି ମନ୍ତ୍ରୀ ପରିଷଦ ବୈଠକରେ ଜିଏସ୍‌ଟିର ୪ଟି ବର୍ଗ ମଧ୍ୟରୁ ୧୨% ଓ ୨୮% ଟିକସ ଉଚ୍ଛେଦ ସହ ଅତ୍ୟଧିକ ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ୪୦% ପର୍ଯ୍ୟନ୍ତ ଟିକସ ଲାଗୁ ନିମନ୍ତେ ପ୍ରସ୍ତାବ ରହିଥିଲା। ଆସନ୍ତାକାଲି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇପାରେ। ତେବେ କେନ୍ଦୁପତ୍ର ଓ ହସ୍ତତନ୍ତ ଉପରେ ଆଦାୟ ହେଉଥିବା ଜିଏସ୍‌ଟି ଉଚ୍ଛେଦ ପାଇଁ ହେଉଥିବା ବହୁଦିନର ଦାବି ସଂକ୍ରାନ୍ତରେ କି ନିଷ୍ପତ୍ତି ନିଆଯିବ ତାହା ଏଯାଏ ସ୍ଥିର ହୋଇନାହିଁ।




▶▶ ସିଗାରେଟ୍ ଉପରେ ଲାଗିବ ୪୦% ଟିକସ

▶▶ ଜିଏସ୍‌ଟି ମୁକ୍ତ ହୋଇପାରେ ବୀମା ଦେୟ

ସୂଚନା ଅନୁସାରେ ଜିଏସ୍‌ଟି ପରିଷଦ ବୈଠକରେ ପ୍ରାୟ ୧୭୫ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇପାରେ। ବୈଠକର କାର୍ଯ୍ୟସୂଚୀରେ ୫% ଏବଂ ୧୮% ଦୁଇଟି ମୁଖ୍ୟ ଟିକସ ହାର ସ୍ଥିର କରିବାର ପ୍ରସ୍ତାବ ରହିଛି। ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ଟିଭି, ଫ୍ରିଜ୍, କାର, ବାଇକ୍, ପ୍ରସାଧନ ସାମଗ୍ରୀ, ଟାୟାର ଓ ଅନ୍ୟ ଉତ୍ପାଦଗୁଡ଼ିକ ଶସ୍ତା ହୋଇପାରେ ବୋଲି ଆଶା କରାଯାଉଛି। ତେଣୁ ସ୍ୱାଭାବିକ ଭାବରେ ଭାରତୀୟ ଉଦ୍ୟୋଗ, ନିବେଶକ ଏବଂ ସେୟାର ବଜାରର ନଜର ଏବେ ଏହି ଜିଏସ୍‌ଟି ପରିଷଦ ବୈଠକ ଉପରେ ରହିଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୩୧ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ। ବୈଠକ ପୂର୍ବରୁ ରାଜ୍ୟଗୁଡ଼ିକର ଜିଏସ୍‌ଟି ଅଧିକାରୀମାନଙ୍କର ଏକ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ଯେଉଁଥିରେ ଟିକସ ହାର ପରିବର୍ତ୍ତନ ନିମନ୍ତେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ଏବଂ ଅନୁପାଳନ ପ୍ରସଙ୍ଗ ଉପରେ ଗଭୀର ଆଲୋଚନା ହୋଇଛି। ଏହି ବୈଠକରେ ୫ ଏବଂ ୧୮ ପ୍ରତିଶତର ଦୁଇ-ସ୍ତରୀୟ ଟିକସ ହାର ପ୍ରଚଳନ ସହ ଉଚ୍ଚମୂଲ୍ୟର ବିଳାସପୂର୍ଣ୍ଣ ଗାଡ଼ି ଉପରେ ୪୦% ଟିକସ ଲାଗୁ ହୋଇପାରେ ବୋଲି କୁହାଯାଉଛି। ପୂର୍ବରୁ ମନ୍ତ୍ରୀ ▶ପୃଷ୍ଠା-୧୦

**ସୃଷ୍ଟି ହେଲା ଲଘୁଚାପ**

# ସାରା ରାଜ୍ୟରେ ପ୍ରବଳ ବର୍ଷା

### ପୁଣି ଉତ୍ତରରେ ଫୁଲିବ ନଦୀ

### ହାଟଡିହିରେ ସର୍ବାଧିକ ୨୨୫.୧ ମିମି ବର୍ଷା ରେକର୍ଡ

■ ଭୁବନେଶ୍ୱର, ୨।୯ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ପ୍ରଭାବରେ ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ହୋଇଛି। ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ଗୋଟିଏ ସ୍ଥାନରେ ଅତି ପ୍ରବଳ, ୪ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ୫ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। କେନ୍ଦୁଝରର ହାଟଡିହିରେ ସର୍ବାଧିକ ୨୨୫.୧ ମିମି ବର୍ଷା ରେକର୍ଡ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ଅଧିକ ଘନୀଭୂତ ହେବା ସହ ଏହା ସଦୃଶ ଲଘୁଚାପରେ ପରିଣତ ହୋଇ ଉତ୍ତର-ପଶ୍ଚିମ ଦିଗରେ ଗତି କରିବ ଓ ଓଡ଼ିଶା ମଧ୍ୟ ଦେଇ ଆଗକୁ ଯିବ। ଫଳରେ ବୁଧବାର ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ନେଇ ▶ପୃଷ୍ଠା-୧୦


ବାଲେଶ୍ୱର ସହରରେ ବନ୍ୟା

## ରାସ୍ତାରେ ଜାଲ ପକାଇଲେ

**ରାସ୍ତା ଉପରେ ୪ ଫୁଟ୍‌ର ପାଣି**

■ ବାଲେଶ୍ୱର, ୨।୯ (ସମିସ): ଲଘୁଚାପଜନିତ ଲଗାଣ ବର୍ଷାରେ ବାଲେଶ୍ୱର ସହର ଉବୁଟୁବୁ ହୋଇଛି। ରେମୁଣା ଗୋଲେଇଠାରୁ ବାଲେଶ୍ୱର ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ନୂଆସାହି-ବାଲିଆ ରାସ୍ତାରେ ୪ଫୁଟ୍‌ରୁ ଉର୍ଦ୍ଧ୍ୱ ଉଚ୍ଚର ଜଳ ପ୍ରବାହିତ ହେଉଛି। ଏଥିସହ ସହରର ଅନ୍ୟ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇ ଲୋକେ ହନ୍ତସନ୍ତ ହୋଇଛନ୍ତି। ଆଜି ସ୍ଥାନୀୟ ଲୋକମାନେ ସେହି ରାସ୍ତା ଉପରେ ଲହଡି ମାରୁଥିବା ପାଣିରେ ଜାଲ ପକାଇ ଅଭିନବ ▶ପୃଷ୍ଠା-୧୦

## ହୀରାକୁଦରୁ ୬ ଗେଟ୍‌ରେ ଜଳ ନିଷ୍କାସନ



■ ସମ୍ବଲପୁର, ୨।୯ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତରରେ ବୃଦ୍ଧି ପାଉଥିବାରୁ ଆଜି ପର୍ଯ୍ୟାୟକ୍ରମେ ୬ଟି ଗେଟ୍ ଖୋଲାଯାଇଛି। ନଦୀବନ୍ଧର ବାମପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱର ୨ଟି, ଏହିଭଳି ମୋଟ୍ ୬ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପିଛା ୬୭,୧୨୯ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୩୩,୫୧୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୭,୦୧୪ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୨,୨୫୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ▶ପୃଷ୍ଠା-୧୦

### ବିଜେପିକୁ ଅଡୁଆ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

# ସେପଟେ ଲବି, ଏପଟେ ଚାପ

■ ଭୁବନେଶ୍ୱର, ୨।୯ (ସମିସ): ରାଜ୍ୟ ବିଜେପି ସରକାରକୁ ୧୫ ମାସ ଚାଲୁଥିବା ବେଳେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ନେଇ ଏଯାବତ୍ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ମନ୍ତ୍ରିମଣ୍ଡଳକୁ ନେଇ ଶୀର୍ଷ ନେତୃତ୍ୱ ସ୍ତରରେ ବାରମ୍ବାର ପ୍ରୟାସ ହୋଇଥିଲେ ହେଁ ବିଭିନ୍ନ କାରଣ ଯୋଗୁଁ ଏହା ସମ୍ଭବ ହୋଇପାରୁ ନାହିଁ। ଏପଟେ ଖାଲିଥିବା ୬ ମନ୍ତ୍ରୀ ପଦ ପାଇଁ ଦଳର ଦୁଇ ଡଜନ ନେତା ଚାହିଁ ବସିଛନ୍ତି। ସେହିପରି ମନ୍ତ୍ରିମଣ୍ଡଳରେ ବର୍ତ୍ତମାନ ଥିବା କିଛି ମନ୍ତ୍ରୀଙ୍କୁ ବାଦ ଦିଆଯିବା ପାଇଁ ଯୋଜନା ହେଉଥିଲେ ହେଁ ଲବି ଓ ଚାପ ଯୋଗୁଁ ତାହା ସମ୍ଭବ ହୋଇପାରୁ ନାହିଁ।

ନିକଟ ଅତୀତରେ ଦଳର ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର ମନ୍ତ୍ରିମଣ୍ଡଳକୁ ନେଇ ଦଳକୁ ଅଡୁଆରେ ପକାଇବା ଭଳି ଅନେକ ଅଭିମାନପୂର୍ଣ୍ଣ ମନ୍ତବ୍ୟ ଦେଇଥିବା ବେଳେ ମଙ୍ଗଳବାର ପୁଣି ତାହାକୁ ଦୋହରାଇଛନ୍ତି। କେବଳ ଜୟ ନାରାୟଣ ନୁହନ୍ତି, ବିଧାୟକ

### ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ; ଓଡ଼ିଶାରେ ଅଭିମାନ

### ଖେଞ୍ଚ ମାରିଲେ ଜୟ, ଦାବି କଲେ ପ୍ରକାଶ

ପ୍ରକାଶ ସୋରେନ ମଧ୍ୟ ବରିଷ୍ଠଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବା କଥା କହି ନିଜ ଦାବି ଉପସ୍ଥାପନ କରିଛନ୍ତି।

ଜୟନାରାୟଣ କହିଛନ୍ତି ଯେ ସମ୍ପ୍ରସାରଣକୁ ନେଇ ଚର୍ଚ୍ଚା ଆଲୋଚନା ହୁଏ। ମନ୍ତ୍ରିମଣ୍ଡଳ ଯେହେତୁ ଖାଲି ଅଛି, ଚର୍ଚ୍ଚା ହେବା ଏକ ସ୍ୱାଭାବିକ କଥା। ସମ୍ପ୍ରସାରଣ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀଙ୍କ ଅଧୀନ ବିଷୟ। ସେ ଯେତେବେଳେ ଚାହିଁବେ ଏହାକୁ ପୂରଣ କରିବେ। ଏପରିକି ସେ ଏକା ମଧ୍ୟ ମନ୍ତ୍ରିମଣ୍ଡଳ ଚଳାଇପାରିବେ। ମୁଁ ଦଳର ଗୋଟେ ଛୋଟିଆ କର୍ମୀ, ତୃଣମୂଳ କାମ କରିବା ଜାଣେ; ଉପର କଥା ଜାଣେ ନାହିଁ। ରାଜନୀତିରେ ବରିଷ୍ଠ ଅଭିଜ୍ଞର କୌଣସି ମୂଲ୍ୟ ନାହିଁ। ଦଳ ପାଇଁ ନିଷ୍ଠାର ସହ କାମ ଏବଂ କେସ ଖାଇବା ମୂଲ୍ୟହୀନ। ଏସବୁର କିଛି ଗୁରୁତ୍ୱ ନଥାଏ। ମୋ ପାଇଁ ସରକାର ଆସିଛି କି କାହା ପାଇଁ ଆସିଛି ସେକଥା କିଏ ଜାଣେ। ଲୋକେ ନିଷ୍ପତ୍ତି ନେବେ। ମାତ୍ର ଅନେକ ଲୋକ ତାଙ୍କ ପାଇଁ ସରକାର ଆସିଛି ତାହାକୁ ଆମେ ସ୍ୱୀକାର କରୁଛୁ ବୋଲି କହୁଛନ୍ତି ▶ପୃଷ୍ଠା-୧୦

## ଫୁଲବାଣୀ, ତାଳଚେର ମେଡିକାଲ କଲେଜରେ ଡାକ୍ତରୀ ପାଠ୍ୟକ୍ରମକୁ ମଞ୍ଜୁରୀ

■ ଭୁବନେଶ୍ୱର, ୨।୯ (ସମିସ): ୨୦୨୫-୨୬ ଶିକ୍ଷାବର୍ଷରେ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜରେ ଏମବିବିଏସ ପାଠ୍ୟକ୍ରମ ଆରମ୍ଭ ହେବ। ଚଳିତ ଶିକ୍ଷା ବର୍ଷ ପାଇଁ ଉଭୟ କଲେଜରେ ୧୦୦ ଲେଖାଏଁ ଏମବିବିଏସ ସିଟ୍‌ରେ ନାମ ଲେଖା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ମାସରେ ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୧୦୦ଟି ଲେଖାଏଁ ସମୁଦାୟ ୨୦୦ ଏମବିବିଏସ ସିଟରେ ନାମ ଲେଖା ପାଇଁ ଅନୁରୋଧ କରିଥିଲେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଭେଟି ଅନୁମତି ପତ୍ର ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଏହାପରେ କେନ୍ଦ୍ର ସରକାର ଉପରୋକ୍ତ

### ୧୦୦ ଲେଖାଏଁ ସିଟରେ ନାମଲେଖାକୁ ଅନୁମୋଦନ

### ପ୍ରଧାନମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୂଚନା ଅନୁସାରେ ଉପରୋକ୍ତ ଦୁଇଟି ମହାବିଦ୍ୟାଳୟ ଓଡ଼ିଶାରେ ଚିକିତ୍ସା କ୍ଷେତ୍ରରେ ନୂଆଭାବେ ପ୍ରତିଷ୍ଠିତ ହୋଇଛି । ଏହି ଦୁଇ ଅନୁଷ୍ଠାନର ଡିନ ଓ ପ୍ରିନ୍ସିପାଲ ମାନେ ଅନୁମତି ପତ୍ର ପାଇବା ପାଇଁ ଆବେଦନ ଗତ ଜାନୁଆରୀ ୧୮ ତାରିଖରେ ନ୍ୟାସନାଲ ମେଡିକାଲ କମିଶନ(ଏନଏମସି)ର ▶ପୃଷ୍ଠା-୧୦

### ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍ ରିପୋର୍ଟ

# ବସ୍ତାନୀ ବୋଝରେ ବଙ୍କା ପିଲାଙ୍କ ମେରୁଦଣ୍ଡ

■ ଭୁବନେଶ୍ୱର, ୨।୯ (ସମିସ): ଆଜିକାଲି ଅନେକ ପିଲା କିଶୋର ବୟସରେ ମେରୁଦଣ୍ଡ ଯନ୍ତ୍ରଣା, କାନ୍ଧରେ ଚାପ ଓ ପିଠି ଯନ୍ତ୍ରଣା ଭଳି ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। ଓଜନିଆ ସ୍କୁଲ ବ୍ୟାଗ୍ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ପ୍ରତିଦିନ ପିଲାମାନଙ୍କ କାନ୍ଧରେ ଝୁଲୁଥିବା ଏହି ବ୍ୟାଗ ସେମାନଙ୍କ ସ୍ୱାସ୍ଥ୍ୟ, ଅଙ୍ଗଭଙ୍ଗୀ ଏବଂ ଶାରୀରିକ ବୃଦ୍ଧି ଉପରେ ସିଧାସଳଖ ପ୍ରଭାବ ପକାଉଛି।

ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍‌ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ପିଲାମାନେ ପ୍ରାୟତଃ ସେମାନଙ୍କ ଶରୀରର ଓଜନର ୧୦ ରୁ ୨୫ ପ୍ରତିଶତ ସ୍କୁଲ ବ୍ୟାଗ ବହନ କରନ୍ତି। ଯାହା ପିଲାଙ୍କ ସ୍ୱାସ୍ଥ୍ୟ ଓ ଶରୀର ପାଇଁ ବିପଦ ସୃଷ୍ଟି କରିଛି। ସାଧାରଣତଃ ଗୋଟିଏ ସ୍କୁଲ ପିଲା ଦିନକୁ ପ୍ରାୟ ୮ଟି ବିଷୟରେ ବିଦ୍ୟାଳୟରେ



### ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ଗୁରୁତର ପ୍ରଭାବ

### ପୁଅଙ୍କ ଅପେକ୍ଷା ଝିଅମାନଙ୍କ ସ୍ୱାସ୍ଥ୍ୟ ଅଧିକ ପ୍ରଭାବିତ

ପଢ଼ିଥାଏ। ତେଣୁ ସ୍କୁଲକୁ ଅତି କମରେ ୮ଟି ବହି ସମେତ ନୋଟବୁକ୍, ୱାର୍କସିଟ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ସାଥିରେ ନେଇଥାଏ। ଦିନକୁ ଅନ୍ୟୁନ ୨୦ ରୁ ୨୫ ମିନିଟ୍ ପାଇଁ ପିଲାମାନେ ତାକୁ କାନ୍ଧରେ ବୋହିଥାନ୍ତି। ଏଣୁ ସେମାନଙ୍କ ପିଠିରେ ଯନ୍ତ୍ରଣା ହୋଇଥାଏ। ଏହି ରିପୋର୍ଟ ଅନୁସାରେ ପୁଅମାନଙ୍କ ତୁଳନାରେ ଝିଅମାନେ ଏହି ଯନ୍ତ୍ରଣାରେ ଅଧିକ ପୀଡ଼ିତ ହୋଇଥାନ୍ତି। ବିଶେଷକରି ଭାରୀ ବ୍ୟାଗ୍ ବୋହିଥିବା ପିଲାମାନେ ବ୍ୟାଗ୍ ଓଜନରେ ସନ୍ତୁଳନ ଆଣିବା ପାଇଁ ପ୍ରାୟତଃ ଆଗକୁ ନଇଁ ଚାଲନ୍ତି। ଏହା ଶରୀରର ସ୍ଥିତିକୁ ଅସ୍ୱାଭାବିକ କରିବା ସହ ମେରୁଦଣ୍ଡକୁ କ୍ରମଶଃ ବଙ୍କା କରିଦିଏ। ସ୍କୋଲିଓସିସ୍ ପରି ମେରୁଦଣ୍ଡ ସମସ୍ୟା ଥିବା ପିଲାଙ୍କ କ୍ଷେତ୍ରରେ ଆହୁରି ଜଟିଳ ସ୍ଥିତି ସୃଷ୍ଟି ହୋଇଥାଏ। ପିଲାର ପିଠି, କାନ୍ଧ କିମ୍ବା ଗୋଡରେ ଯନ୍ତ୍ରଣା ହେବା ଆରମ୍ଭ ହେବା ଓଜନିଆ ବ୍ୟାଗ୍‌ର ପ୍ରଭାବ ହୋଇପାରେ। ଏହା ବ୍ୟତୀତ ପିଠି, ବେକ ଓ କାନ୍ଧରେ ଯନ୍ତ୍ରଣା ବା କଠିନ ହେବା, ହାତ ଝିମ୍‌ଝିମ୍ ହେବା, ଚାଲିବା ଓ ବସିବାରେ ଅସମାନତା, ଲଗାତାର ଅସ୍ଥିରତା, ହାଲୁକା ଜ୍ୱର କିମ୍ବା ଓଜନ ହ୍ରାସ, ପରିସ୍ରା ସମସ୍ୟା ତୀବ୍ର ହୁଏ କିମ୍ବା ଲାଗି ରହିବା ଏହାର ଅନ୍ୟତମ କାରଣ। ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହା ଖରାପ ପ୍ରଭାବ ପକାଇଥାଏ। ପିଲାଙ୍କ ମଧ୍ୟରେ ଚିଡ଼ିଚିଡ଼ା, ଅସ୍ଥିରତା ଏବଂ ସ୍କୁଲ୍ ନ ଯିବାକୁ ବାହାନା ଆଦି ଲକ୍ଷଣ ଦେଖାଯାଏ। ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିଲେ ▶ପୃଷ୍ଠା-୧୦

# ଚୀନ୍ ରଣନୀତିର ଶିକାର ହେବ ଭାରତ!

ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜବାବୀ ଶୁଳ୍କ ବିଶ୍ୱ ରାଜନୀତିରେ ବଡ଼ ପରିବର୍ତ୍ତନ ଆଣିଛି। ଏଥିରେ ଆମେରିକାର ଲାଭ ହେଉ କି ନ ହେଉ, କ୍ଷତି କିନ୍ତୁ ଅଧିକ ହେଉଛି। ଟ୍ରମ୍ପଙ୍କ ଏହି ଶୁଳ୍କ ନୀତି ଏବଂ ନୋବେଲ ଶାନ୍ତି ପୁରସ୍କାର ପାଇବାର ଅଭିଳାଷ ପାଇଁ ଅନେକ ବନ୍ଧୁ ରାଷ୍ଟ୍ର ୱାସିଂଟନଠାରୁ ଦୂରେଇ ଯାଇଛନ୍ତି। ଏହି ଦେଶଗୁଡିକ ମଧ୍ୟରେ ଭାରତ ସାମିଲ ରହିଛି। ଟ୍ରମ୍ପଙ୍କ ନୀତି ଯୋଗୁଁ ଶତ୍ରୁ ରାଷ୍ଟ୍ର ଚୀନ୍ ସହ ଭାରତର ଘନିଷ୍ଠତା ବଢ଼ି ଚାଲିଛି। ଦିନେ ତଳେ ଶେଷ ହୋଇଥିବା ଏସ୍‌ସିଓ ଶିଖର ସମ୍ମିଳନୀରେ ଏହାର ଝଲକ ଦେଖିବାକୁ ମିଳିଛି। ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ମଧ୍ୟରେ ଆମେରିକୀୟ ଶୁଳ୍କର ମୁକାବିଲା ପାଇଁ ଚର୍ଚ୍ଚା ହୋଇଛି। ଏସ୍‌ସିଓ ମଞ୍ଚରୁ ଜିନ୍‌ପିଙ୍ଗ ଆମେରିକାର ଏକଚାଟିଆ ନୀତିକୁ ବିରୋଧ କରି ବିଶ୍ୱରେ ନୂଆ ଆର୍ଥିକ ଏବଂ ସୁରକ୍ଷା ବ୍ୟବସ୍ଥା ଆପଣାଇବାକୁ ଆହ୍ୱାନ ଦେଇଛନ୍ତି। ଏହି ମଞ୍ଚରେ ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଅଣଦେଖା କରି ଭାରତ ସହ ଘନିଷ୍ଠତା ବଢ଼ାଇବାର ସଙ୍କେତ ଦେଇଛନ୍ତି। କିନ୍ତୁ ଚୀନ୍ ବିଶ୍ୱାସର ପାତ୍ର ନୁହେଁ ବୋଲି ପୂର୍ବରୁ ସଙ୍କେତ ଦେଇସାରିଛି। ତେଣୁ ସତର୍କତାରେ ଚୀନ୍ ସହ ଘନିଷ୍ଠତା ବଢ଼ାଇବା ଉଚିତ ବୋଲି ବିଶେଷଜ୍ଞମତ ଦେଉଛନ୍ତି। ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜିନପିଙ୍ଗ ଲେଖିଥିବା ଗୁପ୍ତ ଚିଠି ପାଇଁ ଦୁଇ ଦେଶ ମଧ୍ୟରେ ପୁଣିଥରେ ଘନିଷ୍ଠତା ବଢ଼ିଲା ବୋଲି କୁହାଯାଉଛି। କିନ୍ତୁ ହାତ ବଢ଼ାଇ ଛୁରା ମାରିବାର ଉଦାହରଣ ମଧ୍ୟ ଚୀନ୍ ସୃଷ୍ଟି କରିଛି। ଦିବଂଗତ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ସମୟରେ ଚୀନ୍ ଏଭଳି କରିଥିଲେ। ଏପଟେ ବନ୍ଧୁତାର ହାତ ବଢ଼ାଇ ଭାରତ ଉପରେ ଆକ୍ରମଣ କରିଥିଲା। ତେଣୁ ଚୀନ୍‌କୁ ବିଶ୍ୱାସ କରିବା ଘାତକ ହୋଇପାରେ ବୋଲି କୁହାଯାଉଛି।

ଚୀନ୍ ରାଷ୍ଟ୍ରପତି ଭାରତ ପ୍ରତି ଯେଉଁ ରଣନୀତି ଆପଣାଇଛନ୍ତି ତାହାକୁ ନେଇ ସଂଶୟ ଲାଗି ରହିଛି। ସେ କେବଳ ଭାରତକୁ ବଜାର ଭାବେ ଦେଖୁଥିବା କୁହାଯାଉଛି। ଆଉ ତାଙ୍କର ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆମେରିକୀୟ ଶୁଳ୍କ ସହାୟତା କରିଛି। ୨୦୧୪ରେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ଜିନପିଙ୍ଗ ପ୍ରଥମ ଥର ପାଇଁ ଭାରତ ଆସିଥିଲେ। ଏହି ସମୟରେ ମୋଦୀ ତାଙ୍କୁ ସାବରମତୀରେ ବୁଲାଇ ଥିଲେ। ସେହିପରି ମୋଦୀଙ୍କ ଚୀନ୍ ଗସ୍ତରେ ଜିନପିଙ୍ଗ ତାଙ୍କୁ ନିଜ ଗୃହ ସହର ସିଆନକୁ ନେଇଥିଲେ। ଏହା ଭାରତ-ଚୀନ୍ ମଧ୍ୟରେ ନୂଆ ସମ୍ପର୍କ ସୃଷ୍ଟି କରିବ ବୋଲି ଲାଗୁଥିଲା। କିନ୍ତୁ ଏହାର ଦୁଇ ବର୍ଷ ପରେ ଡୋକଲାମରେ ଭାରତ-ଚୀନ୍ ସେନା ମୁହାଁମୁହିଁ ହୋଇଥିଲେ। ୭୩ ଦିନ ଆଲୋଚନା ପରେ ଉଭୟ ଦେଶ ପଛକୁ ହଟି ଥିଲେ। ଏହା ମଧ୍ୟରେ ଆମେରିକା ଏବଂ ଭାରତ ଅଧିକ ଘନିଷ୍ଠ ହେବାରେ ଲାଗିଥିଲେ। ମାତ୍ର ଏହା ଦେଖି ଚୀନ୍ ସହି ପାରି ନ ଥିଲା। ଭାରତ ମଧ୍ୟ ରୋଡ ଆଣ୍ଡ ବେଲ୍ଟ ଇନିସିଏଟିଭ (ବିଆରସି)ରେ ସାମିଲ ହେବାକୁ ମନା କରିଦେଇଥିଲା। ଏହା ପରେ ୨୦୨୦ରେ ଗଲୱାନରେ ଭାରତ-ଚୀନ୍ ସୈନିକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହା ଦୁଇ ଦେଶର ସମ୍ବନ୍ଧକୁ ଅଧିକ ତିକ୍ତ କରିଦେଇଥିଲା। ସ୍ଥିତି ୧୯୬୨ ଯୁଦ୍ଧ ପରର ହୋଇଯାଇଥିଲା। କିନ୍ତୁ ଗତ ବର୍ଷ ଅକ୍ଟୋବରରେ ରୁଷରେ ଏସ୍‌ସିଓ ସମ୍ମିଳନୀ ଚାଲିଥିବା ସମୟରେ ଦୁଇ ଦେଶ ପୁଣିଥରେ ସମ୍ପର୍କ ବଢ଼ାଇବାର ସଙ୍କେତ ଦେଇଥିଲେ। ଆମେରିକା ଶୁଳ୍କ ଲଗାଇବା ପରେ ଏହି ସମ୍ପର୍କ ଅଧିକ



## ଭାରତଠୁ କ'ଣ ଚାହୁଁଛନ୍ତି ଜିନ୍‌ପିଙ୍ଗ

ନିବିଡ଼ ହୋଇଥିଲା। କହିବାକୁ ଗଲେ ଗତ ୧୦-୧୧ ବର୍ଷ ହେଲା ଭାରତକୁ ନେଇ ଜିନପିଙ୍ଗ ସହଯୋଗ ଏବଂ ସଂଘର୍ଷର ଦୋମୁହାଁ ନୀତି ଆପଣାଉଛନ୍ତି।

ବିଶେଷଜ୍ଞଙ୍କ ଅନୁଯାୟୀ ମାଓ-ସେ-ତୁଙ୍ଗ ହେବାର ସ୍ୱପ୍ନକୁ ଜିନପିଙ୍ଗ ପୂରଣ କରିସାରିଛନ୍ତି। ଏବେ ସେ ୨୦୪୯ ସୁଦ୍ଧା ଚୀନ୍‌କୁ ବିଶ୍ୱ ନେତା କରିବାକୁ ଚାହୁଁଛନ୍ତି। ଏ ଦିଗରେ ସେ ଆଗକୁ ବଢୁଛନ୍ତି। ଏ ପର୍ଯ୍ୟନ୍ତ ଆମେରିକାର ନିୟମରେ ବିଶ୍ୱ ଚାଲୁଛି, କିନ୍ତୁ ଚୀନ୍ ନିଜ ହିସାବରେ ବିଶ୍ୱକୁ ଚଲାଇବାକୁ ଚାହୁଁଛି। ଗତ ଦୁଇ ତିନି ବର୍ଷ ହେଲା ଆମେରିକା ଏବଂ ଏହାର ମିତ୍ର ରାଷ୍ଟ୍ରଙ୍କ ସହ ଚୀନ୍ ପ୍ରତିଦ୍ୱନ୍ଦ୍ୱିତା କରୁଛି। 'ଗ୍ଲୋବାଲ ସାଉଥ' ଦେଶକୁ ଏକାଠି କରି ଆମେରିକା ବିରୋଧୀ କରାଇବା ହେଉଛି ଜିନ୍‌ପିଙ୍ଗ ଲକ୍ଷ୍ୟ ବୋଲି ଆମେରିକାର ବରିଷ୍ଠ ସାମ୍ବାଦିକ ମାଇକେଲ ସୁମ୍ୟାନ କହିଛନ୍ତି।

ଏସିଆ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପ୍ରଭାବ ବଢ଼ାଇବା ଲାଗି ଆମେରିକା ଭାରତ ସହ ବନ୍ଧୁତାର ହାତ ବଢ଼ାଇ ଥିଲା। ଏବେ ଦୁଇ ଦେଶର ସମ୍ବନ୍ଧରେ ତିକ୍ତତା ଦେଖା ଦେଇଛି। ତେଣୁ ଏହି କ୍ଷେତ୍ରରେ ପ୍ରଭାବ ବଢ଼ାଇବା ଲାଗି ଚୀନ୍ ଭାରତର ନିକଟତର ହେବାରେ ଲାଗିଛି। ଏହି ଦେଶ ନିଜକୁ ଆମେରିକାଠାରୁ ଭରସାଯୋଗ୍ୟ ସହଯୋଗୀ ଭାବେ ଦେଖାଇବା ପାଇଁ ଚାହୁଁଛି। ଏହା ବ୍ୟତୀତ ଭାରତୀୟ ବଜାର ଉପରେ ଚୀନ୍‌ର ନଜର ରହିଛି। ଚୀନ୍ ପାଇଁ ଭାରତ ଏକ ବୃହତ ବଜାର। ଚୀନ୍‌ରେ ଉତ୍ପାଦନ ଏତେ ବଢ଼ି ଯାଇଛି ଯେ ଏହା ବିଦେଶକୁ ରପ୍ତାନୀ କରିବା ଜରୁରୀ ହୋଇ ପଡ଼ିଛି। ୨୦୨୪ରେ ଭାରତକୁ ଚୀନ୍ ୧୨୦ ବିଲିୟନ ଡଲାରର ସାମଗ୍ରୀ ରପ୍ତାନୀ କରିଥିଲା। ଏହାକୁ ଅଧିକ ବଢ଼ାଇବା ପାଇଁ ଚୀନ୍ ଚାହୁଁଛି। ବିଶେଷଜ୍ଞଙ୍କ ଅନୁଯାୟୀ ଦକ୍ଷିଣ-ପୂର୍ବ ଏସିଆ ଦେଶର ଅର୍ଥବ୍ୟବସ୍ଥା ପାଶ୍ଚାତ୍ୟ ଦେଶର ରପ୍ତାନୀ ଉପରେ ନିର୍ଭରଶୀଳ। ୟୁରୋପ ଏକ ବଡ଼ ବଜାର ହୋଇଥିଲେ ବି ଏଠାରେ ସୁଯୋଗ କମ୍ ରହିଛି। ଏଭଳି ସ୍ଥିତିରେ ଭାରତୀୟ ବଜାର ଚୀନ୍‌କୁ ଆକୃଷ୍ଟ କରୁଛି।

ଏସିଆରେ ଚୀନ୍‌ର ପ୍ରତିଦ୍ୱନ୍ଦ୍ୱି ହେଉଛି ଭାରତ। ମାନବ ସମ୍ବଳ ହେଉ କି ପ୍ରାକୃତିକ ସମ୍ପଦ ସବୁଥିରେ ଚୀନ୍‌କୁ ଭାରତ ଟକ୍କର ଦେଉଛି। ମାତ୍ର ଗଣତନ୍ତ୍ର ଯୋଗୁଁ ପାଶ୍ଚାତ୍ୟ ଦେଶ ଭାରତକୁ ପ୍ରାଧାନ୍ୟ ଦେଉଛନ୍ତି। ତେଣୁ ସୁପରପାୱାର ହେବା ଦିଗରେ ଭାରତ ସମସ୍ୟା ନ ହେଉ ବୋଲି ଚୀନ୍ ଚାହୁଁଛି। ସୁଚିନ୍ତିତ ରଣନୀତି ଆପଣାଇ ଚୀନ୍ ଭାରତର ନିକଟତର ହେଉଛି। କିନ୍ତୁ ପରବର୍ତ୍ତିତ ଭୂ-ରାଜନୈତିକ ସ୍ଥିତି ଯୋଗୁଁ ଭାରତ ଚୀନ୍ ସହ ସମ୍ପର୍କ ବଢ଼ାଉଛି। ଭାରତ ଏବଂ ଚୀନ୍‌ର ବିଶେଷଜ୍ଞ ମିଶି ଆମେରିକା ଉପରୁ ନିର୍ଭରଶୀଳତା କମ୍ କରିବା ପାଇଁ ବାଟ ବାହାର କରିପାରନ୍ତି। ତେବେ ଦୀର୍ଘ ଦିନ ପର୍ଯ୍ୟନ୍ତ ଚୀନ୍ ଉପରେ ନିର୍ଭର ରହିଲେ ଭାରତର ଘରୋଇ ଉତ୍ପାଦନ କ୍ଷମତା ହ୍ରାସ ପାଇପାରେ। ସେହିପରି ସତର୍କତାର ସହ ଚୀନ୍ ସହ କୂଟନୈତିକ ସମ୍ପର୍କ ରଖିବା ଉଚିତ ବୋଲି ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ରାଜ୍ ଶୁକ୍ଲା କହିଛନ୍ତି।

## ଅକ୍ଟୋବର ୯ରୁ ବଜେଟ୍ ପ୍ରକ୍ରିୟା ଆରମ୍ଭ

■ ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ୨୦୨୬-୨୭ ଆର୍ଥିକବର୍ଷ ପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆସନ୍ତା ଅକ୍ଟୋବର ୯ରୁ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିବ। ମଙ୍ଗଳବାର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭୂ-ରାଜନୈତିକ ଅନିଶ୍ଚିତତା ଏବଂ ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଆମେରିକା ଦ୍ୱାରା ଲାଗୁ ହୋଇଥିବା ୫୦ ପ୍ରତିଶତର ଭାରୀ ଶୁଳ୍କକୁ ଦୃଷ୍ଟିରେ ରଖି ଆଗାମୀ ଆର୍ଥିକବର୍ଷର ବଜେଟ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାର ଆଗାମୀ ଆର୍ଥିକବର୍ଷର ବଜେଟ୍‌ରେ ଚାହିଦା ବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ଅର୍ଥନୀତିକୁ ୮%ରୁ ଅଧିକ ଅଭିବୃଦ୍ଧି ହାର ପ୍ରଦାନ ଉପରେ ଧ୍ୟାନ ଦେବେ। ସରକାର ଆକଳନ କରିଛନ୍ତି ଯେ ୨୦୨୬-୨୭ ଆର୍ଥିକବର୍ଷରେ ଭାରତୀୟ ଅର୍ଥନୀତି ୬.୩-୬.୮% ମଧ୍ୟରେ ଅଭିବୃଦ୍ଧି ହାସଲ କରିବ। ଅର୍ଥନୈତିକ ବ୍ୟାପାର ବିଭାଗର ବଜେଟ୍ ସର୍କୁଲାର (୨୦୨୬-୨୭) ଅନୁଯାୟୀ, ସଚିବ (ବ୍ୟୟ)ଙ୍କ ଅଧ୍ୟକ୍ଷତାରେ ପ୍ରାକ୍-ବଜେଟ୍ ବୈଠକ ଅକ୍ଟୋବର ୯ରୁ ଆରମ୍ଭ ହେବ। ସରକାର ଚଳିତ ଆର୍ଥିକ ବର୍ଷର ବଜେଟ୍ ରେ ନାମମାତ୍ର ଆଧାରରେ ୧୦.୧ ପ୍ରତିଶତ ଅଭିବୃଦ୍ଧି ହାର ଆକଳନ କରିଛନ୍ତି। ଅନ୍ୟପକ୍ଷରେ, ଆର୍ଥିକ ନିଅଣ୍ଟ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୪ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି।

## ମରାଠା ସଂରକ୍ଷଣ; ଅନଶନ ଭାଙ୍ଗିଲେ ଜରାଙ୍ଗେ

● ଦାବି ପୂରଣ କରିବାକୁ ସରକାର ରାଜି

ମୁମ୍ବଇ, ୨।୯ (ଏଜେନ୍ସି): ମରାଠା ସଂରକ୍ଷଣ ପାଇଁ ଚାଲିଥିବା ଆନ୍ଦୋଳନ ସଫଳ ହୋଇଛି। ମରାଠା ନେତା ମନୋଜ ଜରାଙ୍ଗେ ପାଟିଲଙ୍କ ଦାବିକୁ ମହାରାଷ୍ଟ୍ର ସରକାର ମାନି ନେଇଛନ୍ତି। ହାଇଦରାବାଦ ରାଜପତ୍ରକୁ କାର୍ଯ୍ୟକାରୀ କରାଯିବ ବୋଲି କୁହାଯାଇଛି। ଏହି ରାଜପତ୍ରରେ ମରାଠାଙ୍କୁ କୁନବି ସମ୍ପ୍ରଦାୟର ବୋଲି କୁହାଯାଇଛି। ଏହା ସହିତ ସଂରକ୍ଷଣ ପାଇଁ ଆନ୍ଦୋଳନ କରୁଥିବା ବିକ୍ଷୋଭକାରୀଙ୍କ ଉପରୁ ମାମଲା ପ୍ରତ୍ୟାହାର କରିବାକୁ ଏବଂ ସପ୍ତାହେ ଭିତରେ ପ୍ରାଣ ହରାଇଥିବା ବିକ୍ଷୋଭକାରୀଙ୍କୁ ସହାୟତା ପ୍ରଦାନ ନେଇ ସରକାର ସହମତି ପ୍ରକାଶ କରିଛନ୍ତି। ଦାବି ପୂରଣ ହେବାରୁ ଜରାଙ୍ଗେ ନିଜର ପାଞ୍ଚ ଦିନିଆ ଆମରଣ ଅନଶନ ଭାଙ୍ଗିଛନ୍ତି। ମନ୍ତ୍ରୀ ରାଧାକୃଷ୍ଣ ଭିଖେପାଟିଲ ତାଙ୍କୁ ପାଣି ପିଆଇ ଅନଶନ ଶେଷ କରିଛନ୍ତି। ଆମେ ଜିତିଲୁ ବୋଲି କହିଛନ୍ତି। ଏହି ଦାବି ପୂରଣ ନେଇ ନିର୍ଦ୍ଦେଶ ଜାରି କରିବା ପରେ ରାତି ସୁଦ୍ଧା ବିକ୍ଷୋଭସ୍ଥଳ ଖାଲି କରିଦିଆଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ଏହି ଆନ୍ଦୋଳନକୁ ନେଇ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ। ପଡ଼ିଆ ଖାଲି କରିବା ପାଇଁ କହିଥିଲେ।

## ଡାକ୍ତରଖାନାରେ ମୂଷା କାମୁଡିଲା; ନବଜାତକ ମୃତ

ଇନ୍ଦୋର, ୨।୯ (ଏଜେନ୍ସି): ମଧ୍ୟପ୍ରଦେଶ ଇନ୍ଦୋରର ଏମ ୱାଇ ସରକାରୀ ଡାକ୍ତରଖାନାରୁ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଡାକ୍ତରଖାନାର ଶିଶୁ ୱାର୍ଡ ଏନଆଇସିୟୁରେ ମୂଷା ଆତଙ୍କ ସୃଷ୍ଟି କରିଛନ୍ତି। ଦୁଇ ନବଜାତକଙ୍କ ହାତ, ଆଙ୍ଗୁଠି ଏବଂ ମୁଣ୍ଡକୁ କାମୁଡି ରକ୍ତାକ୍ତ କରି ଭୟର ପରିବେଶ ସୃଷ୍ଟି କରିଛି। ଏହି ଶିଶୁଙ୍କ ମଧ୍ୟରେ ଜଣେ ମଙ୍ଗଳବାର ପ୍ରାଣ ହରାଇଛି। ଅନ୍ୟ ନବଜାତକର ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ତାକୁ ଭେଣ୍ଟିଲେଟରରେ ରଖାଯାଇଛି। ୱାର୍ଡରେ ମୂଷା ବୁଲୁଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ବିରୋଧୀ ସରକାରଙ୍କୁ ନିଶାଣ କରିଛନ୍ତି। ତେବେ ମୂଷା କାଟିବା ଯୋଗୁଁ ନବଜାତକର ମୃତ୍ୟୁ ହୋଇ ନଥିବା କହି ହସ୍ପିଟାଲ ପ୍ରଶାସନ ଦୋଷ ଝାଡ଼ିବାକୁ ପ୍ରୟାସ କରିଛନ୍ତି। ଅନ୍ୟପଟେ ପ୍ରଶାସନ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛି। ସୂଚନା ଅନୁଯାୟୀ ହସ୍ପିଟାଲରେ ମୂଷା ଉତ୍‌ପାତ କରୁଛନ୍ତି। କିଛି ଦିନ ହେଲା ଏନଆଇସିୟୁରେ ଏକ ବଡ଼ ମୂଷାକୁ ଦେଖିବାକୁ ମିଳୁଛି। ଏହାକୁ ଦେଖି କର୍ମଚାରୀ ମଧ୍ୟ ଡରି ଯାଉଛନ୍ତି। ଏହି ମୂଷା କାମୁଡା ମାମଲାରେ ଦୁଇ ନର୍ସିଂ ଅଧିକାରୀଙ୍କୁ ନିଲମ୍ବନ କରିଦିଆଯାଇଛି।

## ସୁଦାନରେ ଭୂସ୍ଖଳନ; ୧୦୦୦ ମୃତ




ଖାର୍ତୁମ୍, ୨।୯ (ଏଜେନ୍ସି): ସୁଦାନର ପଶ୍ଚିମ ଦରାଫୁର କ୍ଷେତ୍ରର ମରା ପାର୍ବତ୍ୟାଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ବଡ଼ଧରଣର ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ପରେ ହୋଇଥିବା ଏହି ପ୍ରାକୃତିକ ବିପର୍ଯ୍ୟୟରେ ତାରାସିନ ଗାଁ ମାଟିରେ ମିଶିଯାଇଛି। ଏଥିରେ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ସୌଭାଗ୍ୟବଶତଃ କେବଳ ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚି ଯାଇଛି। ସୁଦାନ ଲିବରେସନ ଆର୍ମି (ଏସଏଲଏମ/ଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉଦ୍ଧାରକାର୍ଯ୍ୟରେ ସହଯୋଗ ପାଇଁ ଜାତିସଂଘ ଏବଂ ଅନ୍ୟ ଅନ୍ତର୍ଜାତୀୟ ଏଜେନ୍ସିଙ୍କୁ ଏସଏଲଏମ ସହାୟତା ମାଗିଛି। ସୂଚନା ଅନୁଯାୟୀ ଉତ୍ତର ଦରାଫୁର କ୍ଷେତ୍ରରେ ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ର୍‍ୟାପିଡ ଆକ୍ସନ ଫୋର୍ସ ମଧ୍ୟରେ ଦୁଇ ବର୍ଷ ହେଲା ଗୃହଯୁଦ୍ଧ ଚାଲିଛି। ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ମରା ପର୍ବତରେ ଶରଣ ନେଇଛନ୍ତି। ବିନା ଖାଦ୍ୟ ଏବଂ ଔଷଧରେ ବଞ୍ଚିବା ପାଇଁ ଲୋକେ ସଂଘର୍ଷ କରୁଛନ୍ତି।

## ଆଫଗାନିସ୍ତାନ ଭୂକମ୍ପ: ମୃତ୍ୟୁସଂଖ୍ୟା ୧୪୦୦ ଟପିଲା

କାବୁଲ, ୨।୯ (ଏଜେନ୍ସି): ଆଫଗାନିସ୍ତାନରେ ଆସିଥିବା ୬.୩ ତୀବ୍ରତାର ପ୍ରଳୟଙ୍କାରୀ ଭୂକମ୍ପ ଜନିତ ମୃତ୍ୟୁସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏହି ସଂଖ୍ୟା ୧୪୧୧ରେ ପହଞ୍ଚି ଯାଇଛି। ୩୫୦୦ରୁ ଅଧିକ ଆହତ ହୋଇଛନ୍ତି। ହଜାର ହଜାର ଲୋକ ଏବେ ବି ନିଖୋଜ ଅଛନ୍ତି। ଅବଶେଷ ତଳୁ ଜୀବନ ଖୋଜା ଚାଲିଛି। ତେଣୁ ଆଗାମୀ ଦିନରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଅଧିକାରୀମାନେ କହିଛନ୍ତି। ସ୍ଥାନୀୟ ଲୋକଙ୍କ ସହୟତାରେ ବିଭିନ୍ନ ଏଜେନ୍ସି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ଭୂକମ୍ପ ଯୋଗୁଁ ଅନେକ ସ୍ଥାନରେ ଭୂସ୍ଖଳନ ହୋଇଛି। ରାସ୍ତାଘାଟ ବନ୍ଦ ରହିଛି। ଏଥିପାଇଁ ଉଦ୍ଧାରକାର୍ଯ୍ୟ ପ୍ରଭାବିତ ହେଉଛି। ଏହି ସବୁ ରାସ୍ତା ଖୋଲିବା ପାଇଁ ଉଦ୍ଧାରକାରୀ ଦଳ ପ୍ରୟାସ କରୁଛନ୍ତି। ଅଞ୍ଚଳରେ ୮ ହଜାରରୁ ଅଧିକ ଘର ଧ୍ୱଂସ ହୋଇଯାଇଛି ବୋଲି 'ଆଫଗାନ ରେଡ୍ କ୍ରିସେଣ୍ଟ ସୋସାଇଟି' ପକ୍ଷରୁ କୁହାଯାଇଛି। ମାଟି, କାଠ ଏବଂ ଇଟାରେ ଘରଗୁଡିକ ନିର୍ମାଣ ହୋଇଥିବାରୁ ଭୂକମ୍ପ ଝଟ୍‌କାରେ ସବୁ ତାସ୍ ପତା ଭଳି ଭୁଶୁଡ଼ି ଯାଇଥିଲା ବୋଲି କୁହାଯାଉଛି। ୬.୩ ଭୂକମ୍ପପରେ ଆହୁରି ଅନେକ ଥର ମୃଦୁ ଭୂକମ୍ପ ଆସିଥିଲା। ଏହା ସ୍ଥିତିକୁ ଅଧିକ ଗମ୍ଭୀର କରିଦେଇଥିଲା। ମଙ୍ଗଳବାର ସକାଳେ ମଧ୍ୟ ୫.୨ ତୀବ୍ରତାର ଭୂକମ୍ପ ହୋଇଛି।

ଏହି ଭୂକମ୍ପ କୁନାର ପ୍ରଦେଶରେ ସର୍ବାଧିକ କ୍ଷତି ଘଟାଇଛି। ନଦୀ କୂଳିଆ ଏବଂ ପାହାଡ଼ିଆ ଅଞ୍ଚଳରେ ରହୁଥିବା ଅନେକ ଲୋକ ପ୍ରାଣ ହରାଇଛନ୍ତି। ହଜାର ହଜାର ଲୋକ ଅବେଶଷ ତଳେ ଫସି ରହିଥିବା ସୂଚନା ମିଳିଛି। କୁନାର ଗ୍ରାମରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଆହୁରି ଅଧିକ ଦୂରାନ୍ତ ଅଞ୍ଚଳରେ ପହଞ୍ଚିବାକୁ ପ୍ରୟାସ କରାଯାଉଛି। ଆହତଙ୍କୁ ହେଲିକପ୍ଟରରେ ମେଡିକାଲ ନିଆଯାଉଛି ବୋଲି ବିପର୍ଯ୍ୟୟ ପ୍ରଶମନ ବିଭାଗର ପ୍ରାଦେଶିକ ମୁଖ୍ୟ ଇସାନୁଲ୍ଲାହ ଏହସାନ କହିଛନ୍ତି।

## "ବ୍ୟକ୍ତିଗତ ଲାଭ ପାଇଁ ଭାରତ ସହ ସମ୍ପର୍କ ଖରାପ କରୁଛନ୍ତି ଟ୍ରମ୍ପ"

ୱାଶିଂଟନ, ୨।୯ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଦେଖୁଛନ୍ତି ବୋଲି ଆମେରିକାର ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଜ୍ୟାକ୍ ସୁଲିଭାନ୍ ଅଭିଯୋଗ କରିଛନ୍ତି। ଏକ ସାକ୍ଷାତକାର ସେ କହିଛନ୍ତି ଯେ ପାକିସ୍ତାନ ସହିତ ପାରିବାରିକ ବ୍ୟବସାୟ ପାଇଁ ଟ୍ରମ୍ପ ଭାରତ ସହିତ ଆମେରିକାର ସମ୍ପର୍କକୁ ନଷ୍ଟ କରିଛନ୍ତି। ଏହାର ଫଳ ସମଗ୍ର ଦେଶକୁ ଭୋଗିବାକୁ ପଡିବ। ବ୍ୟକ୍ତିଗତ ଲାଭ ପାଇଁ ଟ୍ରମ୍ପ ଭାରତ-ପାକିସ୍ତାନ ବିବାଦ ବନ୍ଦ କରିବାକୁ ଦାବି କରିଛନ୍ତି। ଟ୍ରମ୍ପଙ୍କ ବୈଦେଶିକ ନୀତିର ଏହି ପ୍ରସଙ୍ଗକୁ ଏ ପର୍ଯ୍ୟନ୍ତ ଉତ୍ଥାପନ କରାଯାଇନାହିଁ। ସେ ବିଦେଶ ନୀତିରୁ ବିଚ୍ୟୁତ ହୋଇ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଆମେରିକା ସବୁବେଳେ ଭାରତ ସହିତ ଭଲ ସମ୍ପର୍କ ରଖିବାକୁ ଚାହୁଁଛି। ଏହା ଦ୍ୱାରା ଦେଶର ଲାଭ ହେବ।

### ଏସ୍‌ସିଓ ବୈଠକ କେବଳ ପ୍ରହସନ: ଆମେରିକା ଅର୍ଥମନ୍ତ୍ରୀ

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନଭାରୋ କହିଛନ୍ତି ଯେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ମୋଦୀ ଛିଡ଼ା ହେବା ଲଜ୍ଜାଜନକ। ରୁଷ୍ ବଦଳରେ ସେ ଆମେରିକାର ସାଥିରେ ଛିଡ଼ା ହେବା ଉଚିତ।ଆମେରିକା ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ କହିଛନ୍ତି ଯେ ଭାରତର ତୈଳ କ୍ରୟ ଦ୍ୱାରା ରୁଷ୍‌ର ଯୁଦ୍ଧ ମେସିନକୁ ଶକ୍ତି ମିଳୁଛି। ସେ ଭାରତକୁ ଖରାପ ଖେଳାଳି ମାନ୍ୟତା ଦେଇଛନ୍ତି। ଏସ୍‌ସିଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରାଧାନ୍ୟକୁ ସେ ପ୍ରହସନ କହିଛନ୍ତି।

## ଚାଷୀଙ୍କ ଜମି କିଣିଲେ ଶାହାରୁଖଙ୍କ ଝିଅ ସୁହାନା

■ ବିନା ଅନୁମତିରେ କିଣିଥିବା ଅଭିଯୋଗ
■ ତହସିଲଦାରଙ୍କୁ ରିପୋର୍ଟ ମାଗିଲା ମୁମ୍ବଇ ପୁଲିସ

ମୁମ୍ବଇ, ୨।୯ (ଏଜେନ୍ସି): ବଲିଉଡ ଅଭିନେତା ଶାହାରୁଖ ଖାନଙ୍କ ଝିଅ ସୁହାନା ଚାଷୀଙ୍କଠାରୁ ଜମି କିଣିବା ମାମଲାରେ ଫସିଛନ୍ତି। ଏହି ମାମଲା ଅଲିବାଗ ଅନ୍ତର୍ଗତ ଥଲ ଗ୍ରାମର ଘଟଣା। ଏଠାରେ ଚାଷ ପାଇଁ ଚାଷୀଙ୍କୁ ସରକାର ଜମି ପ୍ରଦାନ କରିଥିଲେ। କିନ୍ତୁ ସୁହାନା ବିନା ଅନୁମତିରେ ଏହି ଜମି କିଣି ନେଇଛନ୍ତି। ଏଥିପାଇଁ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ପାଳନ କରିନାହାନ୍ତି। ସୁହାନା ପ୍ରାୟ ୧୨. ୯୧ କୋଟି ଟଙ୍କା ଦେଇ ଏହି ଜମି କିଣିଥିଲେ। ସେ ମୁମ୍ବଇର କଫ ପରେଡରେ ରହୁଥିବା ଖୋଟେ ପରିବାର ସହ କାରବାର କରିଥିଲେ। ୭୭.୪୬ ଲକ୍ଷର ଷ୍ଟାମ୍ପ ଶୁଳ୍କ ବି ଦେଇଥିଲେ। ୨୦୨୩ ମେ' ୩୦ରେ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ମାଧ୍ୟମରେ ଏହି ଦେଣନେଣ ହୋଇଥିଲା। ଏବେ ମୁମ୍ବଇ ପୁଲିସର ରେସିଡେଣ୍ଟ ଡେପୁଟି କମିଶନର ଏହି ଚୁକ୍ତିର ଯାଞ୍ଚ ପାଇଁ ଅଲିବାଗ ତହସିଲଦାରଙ୍କୁ ରିପୋର୍ଟ ମାଗିଛନ୍ତି।

ମହାରାଷ୍ଟ୍ରର ନିୟମ ଅନୁଯାୟୀ ଜଣେ କୃଷକ କିମ୍ବା ପୂର୍ବରୁ ଚାଷ ଜମି ଥିବା ବ୍ୟକ୍ତି ହିଁ ଏଭଳି ଜମି କିଣିପାରିବ। ଯଦି ସରକାର କୌଣସି ଜମି କେବଳ ଚାଷ କାର୍ଯ୍ୟ ପାଇଁ ଚାଷୀ ପରିବାରକୁ ଦେଇଛନ୍ତି ତେବେ ସେ ସିଧାସଳଖ ଏହାକୁ ବିକିପାରିବେ ନାହିଁ। ଏଥିପାଇଁ ଜିଲ୍ଲାପାଳଙ୍କ ମଞ୍ଜୁରୀ ନେବା ଜରୁରୀ। କ୍ରେତା ଏବଂ ବିକ୍ରେତା ଉଭୟଙ୍କୁ ତହସିଲଦାର ଓ ଜିଲ୍ଲାପାଳଙ୍କଠାରୁ ଏନ୍‌ଓସି ନେବାକୁ ପଡ଼ିବ। କିନ୍ତୁ ଏହି ମାମଲାରେ ସୁହାନା କୌଣସି ପ୍ରକ୍ରିୟା ପାଳନ କରି ନ ଥିଲେ।

## ଜିନପିଙ୍ଗଙ୍କୁ ଭେଟିଲେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଓ ସେନାମୁଖ୍ୟ

ବେଜିଂ, ୨।୯ (ଏଜେନ୍ସି): ଏସ୍‌ସିଓ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରିଥିବା ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଦୋମୁହାଁ ନୀତି ସାମ୍ନାକୁ ଆସିଛି। ଏସ୍‌ସିଓ ବୈଠକରେ ଦିନକ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନୀର ଆଜି ଚୀନ୍ ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି। ଏହି ସମୟରେ ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଆଞ୍ଚଳିକ ସହଯୋଗ ଉପରେ ବ୍ୟାପକ ଆଲୋଚନା କରିଥିଲେ। ଚୀନ୍-ପାକିସ୍ତାନ ସମ୍ପର୍କର ଜିନପିଙ୍ଗ ଗୁରୁତ୍ୱାରୋପ କରିଥିଲେ। ଏକବିଂଶ ଶତାବ୍ଦୀରେ ବିଶ୍ୱରେ ଦ୍ରୁତ ପରିବର୍ତ୍ତନ ହେଉଥିବାବେଳେ ଦୁଇ ଦେଶ ନାଗରିକଙ୍କ ପାଇଁ ବ୍ୟାପକ ମଡେଲ ପ୍ରସ୍ତୁତ କରିବା ନିମନ୍ତେ କହିଥିଲେ। ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର ଏବଂ ମୁକ୍ତ ବାଣିଜ୍ୟ ଚୁକ୍ତିରେ କାମ କରିବାକୁ ଚୀନ୍ ଆଗ୍ରହୀ ଥିବା କହିଥିଲେ। ଚୀନ୍ ଶ୍ରମିକ, ପ୍ରକଳ୍ପ ଏବଂ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବାକୁ ପାକିସ୍ତାନକୁ ଜିନପିଙ୍ଗ ଅନୁରୋଧ କରିଥିଲେ।

## ରାଷ୍ଟ୍ରପତିଙ୍କ ମାମଲାରେ ସମ୍ବିଧାନର ବାଖ୍ୟା କରିବେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨।୯ (ଏଜେନ୍ସି): କେବଳ ରାଷ୍ଟ୍ରପତିଙ୍କ ମାମଲାରେ ସମ୍ବିଧାନର ବାଖ୍ୟା କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେବେ କୌଣସି ରାଜ୍ୟ କିମ୍ବା ବ୍ୟକ୍ତିଙ୍କ ସମ୍ବନ୍ଧି ମାମଲାରେ ଏଭଳି କରାଯିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ବିଲ୍ ଉପରେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ସମୟସୀମା ଧାର୍ଯ୍ୟ ମାମଲାର ଶୁଣାଣି କରି ମଙ୍ଗଳବାର ଭାରତର ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ସମ୍ବିଧାନ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ଶୁଣାଣି ସମୟରେ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ଯଦି ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା କିମ୍ବା କର୍ଣ୍ଣାଟକ ଭଳି ରାଜ୍ୟର ଉଦାହରଣ ଦେବେ ତେବେ କେନ୍ଦ୍ରକୁ ମଧ୍ୟ ଜବାବ ଦାଖଲ କରିବାକୁ ହେବ। ଏହାକୁ ନେଇ ଖଣ୍ଡପୀଠ କହିଥିଲେ ଯେ ଅଲଗା ଅଲଗା ରାଜ୍ୟ ମାମଲାରେ ଚର୍ଚ୍ଚା କରାଯିବ ନାହିଁ। କେବଳ ସମ୍ବିଧାନର ଧାରା ଉପରେ ବିଚାର କରାଯିବ। ଏହା ପୂର୍ବରୁ ମେ' ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ଚିଠି ଲେଖି ସମୟସୀମା ଧାର୍ଯ୍ୟ କରିବା ପ୍ରସଙ୍ଗରେ ପରାମର୍ଶ ମାଗିଥିଲେ।

## ବାସନକୁସନରେ ବନ୍ୟା ଜଳ ଭର୍ତ୍ତିକରି ରଖ: ପାକ୍ ମନ୍ତ୍ରୀ

ଇସଲାମାବାଦ,୨।୯ (ଏଜେନ୍ସି): ପାକିସ୍ତାନରେ ପଞ୍ଜାବ ପ୍ରଦେଶରେ ଭୟଙ୍କର ବନ୍ୟା ଆସିଛି। ଏଥିରେ ୯୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଏପରି ସମୟରେ ବନ୍ୟାର ମୁକାବିଲା ପାଇଁ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଅଜବ ପରାମର୍ଶ ଦେଇ ଚର୍ଚ୍ଚାରେ ଅଛନ୍ତି। ସେ ବନ୍ୟାକୁ ବରଦାନ ଭାବେ ଦେଖିବା ପାଇଁ ଲୋକଙ୍କୁ କହିଛନ୍ତି।

### ବନ୍ୟା ବରଦାନ

ବନ୍ୟା ଜଳକୁ ଡ୍ରେନରେ ଛାଡ଼ିବା ପରିବର୍ତ୍ତେ ତାହାକୁ ଟ୍ୟୁବ୍ସ, ବାସନକୁସନ ଆଦିରେ ସଂଗ୍ରହ କରି ରଖିବାକୁ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଏହାକୁ ଆଶୀର୍ବାଦ ଭାବି ଠୁଳ କରିବା ଆବଶ୍ୟକ ବୋଲି ବନ୍ୟାକୁ ନେଇ ବିକ୍ଷୋଭ କରୁଥିବା ଲୋକଙ୍କୁ କହିଛନ୍ତି। ଏହା ସହିତ ଆସିଫ ସାକ୍ଷତକାରରେ ପରାମର୍ଶ ଦେଇଛନ୍ତି ଯେ ବଡ଼ ଡ୍ୟାମ୍ ନିର୍ମାଣ ପାଇଁ ଅପେକ୍ଷା କରିବା ପରିବର୍ତ୍ତେ ଦ୍ରୁତ ବେଗରେ କ୍ଷୁଦ୍ର ବନ୍ଧ ନିର୍ମାଣ କରିବା ଉଚିତ। ଏହା ଦ୍ୱାରା ବନ୍ୟା ସ୍ଥିତିରୁ ମୁକ୍ତି ମିଳିବ।

# ୭ରେ ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ

## ମଧ୍ୟାହ୍ନ ୧୨ଟା ୫୭ରୁ ପାକତ୍ୟାଗ

ପୁରୀ, ୨।୯(ସମିସ): ଆସନ୍ତା ୭ ତାରିଖ ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମାରେ ସଂଗଠିତ ହେବ ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ। ଏହା ଭାରତରେ ଦୃଶ୍ୟମାନ ହେବ। ରବିବାର ରାତି ୯ଟା ୫୮ ମିନିଟ୍‌ରେ ଗ୍ରହଣ ସ୍ପର୍ଶ ହୋଇ ରାତି ୧ଟା ୨୬ରେ ସର୍ବମୋକ୍ଷ ହେବ। ଗ୍ରହଣ ସ୍ପର୍ଶ ହେଉଥିବାରୁ ମଧ୍ୟାହ୍ନ ୧୨ଟା ୫୭ ମିନିଟ୍‌ରୁ ଅନ୍ନଭୋଜନ ଓ ଦେବନୀତି ନିଷେଧ ରହିବ। ବାଳକ, ବୃଦ୍ଧ, ରୋଗୀମାନଙ୍କ ପକ୍ଷେ ନିୟମ ଲଂଘନୀୟ। ତେଣୁ ମଧ୍ୟାହ୍ନ ୧୨ଟା ୫୭ ମିନିଟ୍ ପୂର୍ବରୁ ଦେବନୀତି ଶେଷ କରିବାକୁ ପଡ଼ିବ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦବନୀତି ଓ ଅନ୍ନଭୋଜନ କରାଯାଇପାରିବ। ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ମଙ୍ଗଳବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯାଇ ନୀତିକାନ୍ତିକୁ ଅନୁମୋଦନ ମିଳିଛି। ଉକ୍ତ ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ନୀତି ରହିଥିବାରୁ ନୀତିକୁ ତ୍ୱରାନ୍ୱିତ କରିବା ଉପରେ ବିଶେଷ ଆଲୋଚନା ହୋଇଛି। ଗ୍ରହଣ ସ୍ପର୍ଶ ପରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ଅନ୍ୟାନ୍ୟ ନୀତି କରାଯିବ।



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ୭ ତାରିଖ ପୂର୍ବ ରାତି ୨ଟାରୁ ଦ୍ୱାର ଫିଟାଯିବ। ୨ଟା ୪୦ରେ ମଙ୍ଗଳଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ଚାଲିବ। ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଇନ୍ଦ୍ରଗୋବିନ୍ଦ ବନ୍ଦାପନା ନୀତି ଶେଷ କରି ମହାପ୍ରଭୁ ବାହୁଡ଼ା ବିଜେ କରିବା ନେଇ ସ୍ଥିର ହୋଇଛି। ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି କରାଯିବ। ବୈଠକରେ ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୬ ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଶୁଣାଣି

# ଚଳିତ ସପ୍ତାହରେ ପ୍ରଥମ ବୈଠକ

ଭୁବନେଶ୍ୱର, ୨।୯ (ସମିସ): ଚଳିତ ସପ୍ତାହରେ ଛତିଶଗଡ଼ ସହ ଜଳସମ୍ପଦ ବିଭାଗର ପ୍ରଥମ ଯନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏଥିପାଇଁ ବିଭାଗ ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଉଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଛତିଶଗଡ଼ ସହ ହେବାକୁ ଥିବା ବୈଠକ ପାଇଁ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ କରାଯାଇଛି। କମିଟିରେ ସର୍ବୋଚ୍ଚ ଯନ୍ତ୍ରୀ (ପ୍ଲାନିଂ ଓ ଡିଜାଇନ), ସର୍ବୋଚ୍ଚ ଯନ୍ତ୍ରୀ(ସ୍କିମ ଓ ମନିଟରିଂ)ଙ୍କ ପରି ବରିଷ୍ଠ ଅଧିକାରୀ ସ୍ଥାନ ପାଇଛନ୍ତି। ଛତିଶଗଡ଼ ସହ ବୈଠକ ବେଳେ କେଉଁ କେଉଁ ପ୍ରସଙ୍ଗ ଉତ୍ଥାପନ କରାଯିବ, ସେ ସଂକ୍ରାନ୍ତରେ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି।

ସୂଚନା ଅନୁଯାୟୀ, ଅନୁଷ୍ଠିତ ହେବାକୁ ଥିବା ସାପ୍ତାହିକ ବୈଠକରେ ବୈଷୟିକ କମିଟିଗୁଡ଼ିକ ମହାନଦୀ ଜଳ ବଣ୍ଟନ ଉପରେ ଦୃଢ଼ ସମନ୍ୱୟ ପାଇଁ ସଂସ୍ଥାଗତ ଢାଞ୍ଚା ସୃଷ୍ଟି କରିବା ବିଷୟରେ ମଧ୍ୟ ଆଲୋଚନା କରିବେ। ବିଶେଷକରି କେଉଁ କେଉଁ ପ୍ରସଙ୍ଗ ନେଇ ଉଭୟ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇ ପାରୁନାହିଁ, ସେନେଇ ଉଭୟ ରାଜ୍ୟର

**ଜଳସମ୍ପଦ ବିଭାଗ ଗଠନ କଲା ବୈଷୟିକ କମିଟି**

**ଛତିଶଗଡ଼ର ଆଭିମୁଖ୍ୟକୁ ନେଇ ସନ୍ଦେହରେ ବିଶେଷଜ୍ଞ**

ବରିଷ୍ଠ ଜଳସମ୍ପଦ ଅଧିକାରୀ ଆଲୋଚନା କରିବାକୁ ଯାଉଛନ୍ତି। ଏଥିପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଗଠିତ କମିଟି ନିଜର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଏନେଇ ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ବୈଠକରେ କେଉଁ କେଉଁ ପ୍ରସଙ୍ଗ ଆଲୋଚିତ ହେବ, ସେନେଇ ବିସ୍ତୃତ ଆଲୋଚନା କରାଯାଇଛି।

ଚଳିତ ମାସରେ ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ୪ଟି ବୈଠକ ଅନୁଷ୍ଠିତ ହେବା ପରେ ଅକ୍ଟୋବରରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବଙ୍କ ସହିତ ମୁଖ୍ୟ ସଚିବସ୍ତରରେ ଏକ ବୈଠକ ଆୟୋଜନ କରାଯିବ। ତେବେ ଏହି ପ୍ରସଙ୍ଗର ଆପୋସ ବୁଝାମଣା ଉଦ୍ୟମ ଯେ ଫଳପ୍ରଦ ହେବ, ସେନେଇ କେତେକ ଜଳ ବିଶେଷଜ୍ଞ ଏବେ ମଧ୍ୟ ସନ୍ଦେହ ଘେରରେ ଅଛନ୍ତି। ଅତୀତରେ ଟ୍ରିବ୍ୟୁନାଲରେ ଏକାଧିକ ଶୁଣାଣି ସମୟରେ ଛତିଶଗଡ଼ ଆବଶ୍ୟକୀୟ ସହଯୋଗ କରୁ ନ ଥିବା ଏବଂ ଶୁଣାଣି ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବିତ କରୁଥିବା ନଜିର୍ ରହିଛି। ତେଣୁ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ, ମୁଖ୍ୟ ସଚିବ ସ୍ତରୀୟ ବୈଠକରେ ଯେ ଛତିଶଗଡ଼ ଓଡ଼ିଶାର ନ୍ୟାଯ୍ୟ ଦାବିଗୁଡ଼ିକୁ ସହଜରେ ମାନି ନେବ, ସେନେଇ ଜଳବିଶେଷଜ୍ଞ ଏବେ ମଧ୍ୟ ଭରସି ପାରୁନାହାନ୍ତି।

ଏହା ସତ୍ତ୍ୱେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନାକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ପରି ସଂଗଠନ ସ୍ୱାଗତ କରିଛନ୍ତି। ତେବେ ରାଜ୍ୟ ସରକାର ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକକୁ ଯାଉଥିବା ବେଳେ ଆସନ୍ତା ୬ ତାରିଖରେ ହେବାକୁ ଥିବା ଟ୍ରିବ୍ୟୁନାଲ ଶୁଣାଣି ଉପରେ ସମସ୍ତଙ୍କର ଧ୍ୟାନ ରହିଛି। ଉଭୟ ରାଜ୍ୟ ପାରସ୍ପରିକ ଆଲୋଚନାକୁ ଗୁରୁତ୍ୱ ଦେଉଥିବା ବେଳେ ଆସନ୍ତା ଶୁଣାଣିରେ ଉଭୟ ପକ୍ଷ ଟ୍ରିବ୍ୟୁନାଲରେ କେଉଁ ଯୁକ୍ତି ଉପସ୍ଥାପନ କରୁଛନ୍ତି, ତାହାକୁ ନେଇ ବିଶେଷଜ୍ଞ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି। ଉଭୟ ରାଜ୍ୟ ମଧ୍ୟରେ ଆପୋସ ବୁଝାମଣା ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଉଭୟ ରାଜ୍ୟ ଶୁଣାଣି ପାଇଁ ଅନ୍ୟ ଏକ ତାରିଖ ଧାର୍ଯ୍ୟ କରିବାକୁ ଟ୍ରିବ୍ୟୁନାଲଙ୍କୁ ନିବେଦନ କରିପାରନ୍ତି ବୋଲି ଆଶଙ୍କା କରାଯାଉଛି।

## ଛଣଗିରି ଅଳଙ୍କାର ଦୋକାନରୁ ଲୁଟ୍‌ର ପର୍ଦ୍ଦାଫାସ୍

# କେଜିଏ ସୁନା ଜବତ, ୪ ଗିରଫ

ଖୋର୍ଦ୍ଧା, ୨।୯ (ସମିସ): ଜଙ୍କିଆ ଥାନା ପୁଲିସ୍‌କୁ ଏକ ବଡ଼ଧରଣର ସଫଳତା ମିଳିଛି। ଛଣଗିରି ବଜାରରେ ଥିବା ଅଳଙ୍କାର ଦୋକାନରୁ ଲୁଟ୍ ଘଟଣାରେ ପୁଲିସ୍ ୩ ଲୁଟେରାଙ୍କ ସମେତ ସେମାନଙ୍କଠାରୁ ଚୋରି ଅଳଙ୍କାର କିଣିଥିବା ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଲୁଟେରାମାନେ ହେଲେ, କଟକ

- ୨କେଜି ଚାନ୍ଦି, ବନ୍ଧୁକ, ଗୁଳି ସହ ୯ ଲକ୍ଷ ଟଙ୍କା ଜବତ
- ଅପରେସନ ଗୋଲ୍ଡେନ୍ ଷ୍ଟ୍ରାଇକ୍‌କୁ ସଫଳତା: କେନ୍ଦ୍ରାଞ୍ଚଳ ଡିଆଇଜି

ଜିଲ୍ଲା ବେଣ୍ଟକାର ଥାନା ବୟାଳିଶିମୌଜା ଅଞ୍ଚଳର ବିଶ୍ୱଜିତ୍ ପଟ୍ଟନାୟକ ଓରଫ୍ ଲକି(୨୨), ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଗୋଡ଼ିପଡ଼ା ଅଞ୍ଚଳର ଅଶୋକ ସେନାପତି ଓରଫ୍ ବୁଲୁ (୩୨), ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଭୀମପଡ଼ା ଅଞ୍ଚଳର ଚନ୍ଦନ ନାୟକ(୨୫)। ଏହାସହ ଏମାନଙ୍କଠାରୁ ଚୋରା ସୁନା କିଣିଥିବା ବୋଲଗଡ଼ ଥାନା ଶାମପୁର ଅଞ୍ଚଳର ନବ ସାହୁ (୩୨)ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି।

ଗିରଫ ଅଭିଯୁକ୍ତମାନଙ୍କଠାରୁ ୯୦୦ ଗ୍ରାମ୍ ୬୫୦ ମିଲିଗ୍ରାମ୍ ସୁନା ଅଳଙ୍କାର, ୨ କେଜି ୩୬୩ ଗ୍ରାମ ରୁପା ଅଳଙ୍କାର, ଚୋରି ସାମଗ୍ରୀ ବିକ୍ରି ବାବଦ ଅର୍ଥ ନଗଦ ୯ଲକ୍ଷ ୪୫ହଜାର ଟଙ୍କା, ଏକ ଦେଶୀ ପିସ୍ତଲ, ଗୁଳି ଏବଂ ଭୁଜାଲି ଜବତ ହୋଇଛି। ଜିଲ୍ଲା



ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୁଲିସ୍ ପକ୍ଷରୁ ଅପରେସନ 'ଗୋଲ୍ଡେନ୍ ଷ୍ଟ୍ରାଇକ୍' କରାଯାଇଥିଲା। ଖୋର୍ଦ୍ଧା, ପୁରୀ, କଟକ ଏବଂ ନୟାଗଡ଼ ପୁଲିସର ମିଳିତ ସହଯୋଗରେ ଅଭିଯୁକ୍ତମାନଙ୍କୁ ଧରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

ସୂଚନାନୁସାରେ, ଗତ ଅଗଷ୍ଟ ୨୪ରେ ଛଣଗିରି ବଜାରରେ ଥିବା ସାଇସୋନୁ ଅଳଙ୍କାରରୁ ଲୁଟ୍ ହୋଇଥିଲା। ୪ଟି ବାଇକ୍‌ରେ ୮ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବଜାରେ ପହଞ୍ଚି ବୋମା ଫୁଟାଇ ଆତଙ୍କ ସୃଷ୍ଟି କରିବା ସହ ଉକ୍ତ ଦୋକାନରୁ ୧୧.୫ କିଲୋ ସୁନା ଓ ୫ କିଲୋ ଚାନ୍ଦିର ଅଳଙ୍କାର ଲୁଟି ନେଇଥିଲେ। ଏହି ସମୟରେ ସେମାନଙ୍କୁ ବାଧା ଦେବାକୁ ଚେଷ୍ଟା କରୁଥିବା ସରପାରୀ ଅଞ୍ଚଳର ରଞ୍ଜିତ ପ୍ରଧାନଙ୍କୁ ଜଣେ ଦୁର୍ବୃତ୍ତ ଗୁଳି ମାଡ଼ କରିଥିଲା। ଏନେଇ ଅଭିଯୋଗ ହେବା ପରେ ଜଙ୍କିଆ ପୁଲିସ୍ ୨୯୭/୨୫ରେ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇଥିବା ବେଳେ ଡିଆଇଜି ଡ. ନାୟକଙ୍କ ତତ୍ତ୍ୱାବଧାନରେ ଅପରେସନ ଗୋଲ୍ଡେନ୍ ଷ୍ଟ୍ରାଇକ୍ କରାଯାଇଥିଲା। ଜିଲ୍ଲା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତିଙ୍କ ନେତୃତ୍ୱରେ ଏସ୍‌ଡିପିଓ ଖୋର୍ଦ୍ଧା ଓ ବାଲୁଗାଁ, ଜଙ୍କିଆ, ସଦର ନିରାକାରପୁର, ବାଲୁଗାଁ, ବାଣପୁର, ଟାଙ୍ଗୀ ଥାନା ଅଧିକାରୀଙ୍କ ସମେତ ଖୋର୍ଦ୍ଧା, ନୟାଗଡ଼, କଟକ ଓ ପୁରୀର ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଗଠିତ ବିଭିନ୍ନ ଟିମ୍ ଜିଲ୍ଲା ଓ ଜିଲ୍ଲା ବାହାରେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଘଟଣା ଘଟିବାର ଏକ ସପ୍ତାହ ମଧ୍ୟରେ ପୁଲିସକୁ ସଫଳତା ମିଳିଛି। ଏଥିରେ ସମ୍ପୃକ୍ତ ୧୦ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେଥିରୁ ୩ ଜଣଙ୍କୁ ପୁଲିସ ଗିରଫ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସର ଚଢ଼ଉ ଚାଲିଛି, ଖୁବ୍‌ଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଡିଆଇଜି ଡ. ନାୟକ କହିଛନ୍ତି।

## ଆମ୍ବୁଲାନ୍ସ ଅକ୍ସିଜେନ ଅଭାବରୁ ରୋଗୀ ମୃତ୍ୟୁ ଘଟଣା

# ଡ୍ରାଇଭର ଓ ମାଲିକଙ୍କ ବିରୋଧରେ ଏତଲା

ଜଗତସିଂହପୁର,୨।୯ (ସମିସ): ଗତ ଅଗଷ୍ଟ ୩୧ ରାତିରେ ଏକ ଘରୋଇ ଆମ୍ବୁଲାନ୍ସରେ କଟକ ବଡ଼ ମେଡିକାଲ ଯାଉଥିବା ଜଣେ ରୋଗୀ ଅକ୍ସିଜେନ ଅଭାବରୁ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା। ମୃତ ମହିଳାଙ୍କ ସ୍ୱାମୀ ଆଜି ଜଗତସିଂହପୁର ସଦର ଥାନାରେ ଉକ୍ତ ଆମ୍ବୁଲାନ୍ସର ଡ୍ରାଇଭର ଓ ମାଲିକଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏତଲା ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅଳା ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମର ବରିଷ୍ଠ ଆଇନଜୀବୀ ପୀତାମ୍ବର ପଣ୍ଡାଙ୍କ ପତ୍ନୀ କମଳା ପଣ୍ଡା ୩୧ ତାରିଖ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ୧୦୮ ଆମ୍ବୁଲାନ୍ସ କିମ୍ବା ଚିକିତ୍ସାଳୟରେ ସେବା ଯୋଗାଉଥିବା ଅନ୍ୟ କୌଣସି ଆମ୍ବୁଲାନ୍ସ ନ ମିଳିବାରୁ ବାଧ୍ୟ ହୋଇ ମା' କୁତାମଚଣ୍ଡୀ ନାମକ ଏକ ଘରୋଇ ଆମ୍ବୁଲାନ୍ସରେ ଅକ୍ସିଜେନ ଲଗାଇ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସିଲିଣ୍ଡରରେ ଅକ୍ସିଜେନ୍ ନଥିବାରୁ ମାତ୍ର ୨ କିମି ଯିବା ପରେ ଜଗତସିଂହପୁର ସହରର ଗୋପାଳସାଗର ନିକଟରେ ମହିଳା ରୋଗୀ ନିସ୍ତେଜ ହୋଇଯାଇଥିଲେ। ପରେ ଆମ୍ବୁଲାନ୍ସକୁ ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା ଓ ଲୋକମାନେ ଆମ୍ବୁଲାନ୍ସକୁ ଭଙ୍ଗାରୁଜା କରିଥିଲେ। ସେଠାରେ ଉପସ୍ଥିତ ଥିବା ପୁଲିସ ଆମ୍ବୁଲାନ୍ସକୁ ଥାନାକୁ ନେଇଥିଲା। ଆଜି ଏନେଇ ମୃତ ମହିଳାଙ୍କ ସ୍ୱାମୀ ସଦର ଥାନାରେ ଏତଲା ଦେଇଛନ୍ତି। ଆସନ୍ତାକାଲି ମହିଳାଙ୍କ ସ୍ୱାମୀ ଆଇନଜୀବୀ ପୀତାମ୍ବର ପଣ୍ଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ନିକଟରେ ମଧ୍ୟ ଘଟଣା ସମ୍ପର୍କରେ ଅଭିଯୋଗ କରିବେ ବୋଲି କହିଛନ୍ତି।

# ଘର ସମ୍ମୁଖରେ ଦଳିଦେଲା ଦନ୍ତା

ହିନ୍ଦୋଳ, ୨।୯(ସମିସ): ଘର ସମ୍ମୁଖରେ ଦଳିଦେଲା ଦନ୍ତା। ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ସେକ୍ସନ୍‌ରେ ଗତରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, କର୍ଣ୍ଣପୁର ବିଟ୍ ଅଧୀନ ନୂଆଗାଁ ଗ୍ରାମର ସଂସାରି ଗଡ଼ନାୟକ (୬୬)। ଗତରାତିରେ ଗାଁରେ



ଗଣେଶ ଭସାଣି ଚାଲିଥିଲା। ଗାଁର ଅନ୍ୟ ୨ଜଣଙ୍କ ସହ ସେ ମଣ୍ଡପରେ ବସି ଭସାଣି ଦେଖୁଥିଲେ। ଏହି ସମୟରେ ଏକ ଦନ୍ତାହାତୀ ଗାଁ ଭିତରକୁ ଅତର୍କିତ ଭାବେ ପଶି ଆସିଥିଲା। ସମସ୍ତେ ଜୀବନ ବିକଳରେ ଦୌଡ଼ି ପଳାଇଥିବା ବେଳେ ସଂସାରି ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ିବା ସହ ପାଦରେ ଦଳି ଦେଇଥିଲା। ଗ୍ରାମବାସୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୁଳ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନାନୁଯାୟୀ, ହିନ୍ଦୋଳ ସେକ୍ସନ୍‌ରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନି। ଦିନେ ଛଡ଼ା ଦିନେ ହାତୀ ଆକ୍ରମଣରେ ଜୀବନହାନୀ ଘଟୁଛି। କିନ୍ତୁ ଏଥିପ୍ରତି ବନ ବିଭାଗ ବେଫିକର୍ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହାତୀ ଆକ୍ରମଣଜନିତ ମୃତ୍ୟୁ ଘଟିଲେ, ପ୍ରତିଥର ବନ ବିଭାଗ ପ୍ରତିଶ୍ରୁତିରେ ପୋତି ପକାଏ। ସୋଲାର ବାଡ଼ ଲଗାଯିବା ସହ ହାତୀ କରିଡର୍, ଲାଇଟ ଲାଗିବ ଓ ଅଧିକ ଗଜସାଥୀ ନିଯୁକ୍ତି କରି ହାତୀ ଆକ୍ରମଣକୁ ରୋକାଯିବ ବୋଲି ପ୍ରତିଶ୍ରୁତି ଦେଇଥାଏ। କିନ୍ତୁ ସେହି ପ୍ରତିଶ୍ରୁତି ପରେ ପାଣିଫୋଟକା ଭଳି ମିଳାଇଯାଏ ବୋଲି ଅଭିଯୋଗ ହୋଇଛି। ଅପରପକ୍ଷେ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଖବର ପାଇ ଡିଏଫଓ ସୁମିତ କରଙ୍କ ସହ ଫୋନ୍‌ରେ ଆଲୋଚନା କରି ମୃତକଙ୍କ ପରିବାରକୁ ତୁରନ୍ତ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ହାତୀ ଶାବକର ଶବ ଉଦ୍ଧାର

ନରସିଂହପୁର,୨।୯(ସମିସ): ନରସିଂହପୁର ପୂର୍ବ ବନାଞ୍ଚଳ ଅଧୀନ ପାଞ୍ଚଗୋଛିଆ ବିଟ୍ ପତ୍ରଭାଗ ଜଙ୍ଗଲରୁ ବନ ବିଭାଗ ଆଜି ଏକ ଅଣ୍ଡିରା ହାତୀ ଶାବକର ଶବ ଉଦ୍ଧାର କରିଛି। ଶବଟି ଏକ ନାଳରେ ପଡ଼ି ରହିଥିଲା। ପ୍ରାୟ ୩ ଦିନ ତଳେ ଉକ୍ତ ହାତୀ ଶାବକଟିର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ କେଉଁ କାରଣରୁ ମୃତ୍ୟୁ



ହୋଇଛି, ତାହା ସ୍ପଷ୍ଟ ହୋଇନଥିବା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କୁହାଯାଇଛି। ଖବର ପାଇ ଆଠଗଡ଼ ଉପଖଣ୍ଡ ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ, ରେଞ୍ଜର ଖୁଲେଶ କୁମାର ସାହୁ, ନରସିଂହପୁର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସମେତ ବନପାଳ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତ ଶାବକଟିର ବ୍ୟବଚ୍ଛେଦ ପରେ ସେହି ସ୍ଥାନରେ ପୋତି ଦିଆଯାଇଛି।

# ଭିସୁଟ୍ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ସମ୍ବଲପୁର,୨।୯ (ସମିସ): ସମ୍ବଲପୁର ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଜଣେ ଛାତ୍ରଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ଛାତ୍ରଜଣଙ୍କ ହେଲେ, ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ନାରୀଗାଁର ଅଞ୍ଜନେୟ ଦାଶ। ସେ ଭିସୁଟ୍ ମେକାନିକାଲ ଇଞ୍ଜିନିୟରିଂ ବିଭାଗର ଶେଷ ବର୍ଷର ଛାତ୍ର।



ଗତକାଲି ବିଳମ୍ବିତ ରାତିରେ ସେ ସମ୍ବଲପୁର-ବରଗଡ଼ ଜାତୀୟ ରାଜପଥ ୫୩ର ବୁର୍ଲା ନିକଟ ପାୱାର୍ ଚ୍ୟାନେଲ ବ୍ରିଜ୍ ତଳେ ଗୁରୁତର ଅବସ୍ଥାରେ ପଡ଼ିଥିବା ଖବର ପାଇ କିଛି ବନ୍ଧୁ ତାଙ୍କୁ ଉଦ୍ଧାର କରି ଭୀମସାର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରିବାରଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ଅଞ୍ଜନେୟଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଦାଦା ବୁର୍ଲା ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୁର୍ଲା ଏସ୍‌ଡିପିଓ ବାଲେଶ୍ୱର ଗିଧି କହିଛନ୍ତି,

- ହତ୍ୟା ଅଭିଯୋଗ ଆଣିଲେ ପରିବାର
- ବ୍ରିଜ୍ ତଳୁ ଗୁରୁତର ଅବସ୍ଥାରେ ଉଦ୍ଧାର, ହସ୍ପିଟାଲରେ ମୃତ୍ୟୁ

ଛାତ୍ର ମୃତ୍ୟୁ ମାମଲାକୁ ସବୁ ଦିଗରୁ ତଦନ୍ତ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ଉପରୁ ରହସ୍ୟ ହଟିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

ଅପରପକ୍ଷେ, ଅଞ୍ଜନେୟ କାହିଁକି ରାତିରେ ପିସି ବ୍ରିଜ୍ ନିକଟକୁ ଯାଇଥିଲେ? ତଳକୁ କିପରି ଖସିପଡ଼ିଲେ ନା ତାଙ୍କୁ କିଏ ଠେଲି ଦେଇଛି, ଏମିତି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି। ତେବେ ଭିସୁଟ୍ କୁଳପତି ଏବଂ କୁଳସଚିବ ଏକ ବୈଠକରେ ଯୋଗଦେବାକୁ ସମ୍ବଲପୁର ବାହାରେ ଥିବାରୁ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

## ୪କୋଟି ସରକାରୀ ଟଙ୍କା ହେରଫେର ଅଭିଯୋଗ

# ବନ୍ଧା ହେଲେ ନିଲମ୍ବିତ ଜାମଦା ତହସିଲଦାର

ବାରିପଦା, ୨।୯ (ସମିସ): ସରକାରୀ ଅର୍ଥ ହେରଫେର୍ ମାମଲାରେ ମୟୂରଭଞ୍ଜ ଜିଲ୍ଲା ଜାମଦା ତହସିଲଦାର ମଧୁମିତା ସିଂଙ୍କୁ ଆଜି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ୪ କୋଟି ଟଙ୍କାର ସରକାରୀ ଅର୍ଥ ହେରଫେର୍ ଅଭିଯୋଗରେ ତାଙ୍କୁ ରାଜ୍ୟ ସରକାର ଚାକିରିରୁ ନିଲମ୍ବନ କରିବା ପରେ ମଙ୍ଗଳବାର



ଇଓଡବ୍ଲ୍ୟୁ ଗିରଫ କରିଛି। ସୂଚନାଯୋଗ୍ୟ, ମଧୁମିତା ବେଲପାହାଡ଼ରେ କାର୍ଯ୍ୟରତ ଥିବା ବେଳେ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର୍ କରିଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଥିଲା। ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁ କରି ତତ୍କାଳୀନ ଆକାଉଣ୍ଟାଣ୍ଟ ବିଭୂତି ସାହୁଙ୍କୁ ଗିରଫ କରିଥିଲା। ପରେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ବେଳେ ଆର୍ଥିକ ଅନିୟମିତତା ଯୋଗୁଁ ଭିଜିଲାନ୍ସ କୋର୍ଟରେ ମଧୁମିତା ସିଂ ଦଣ୍ଡିତ ହେବା ସହ ୩୦ ତାରିଖରେ ରାଜସ୍ୱ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା। ଏହାପରେ ଆଜି ତାଙ୍କୁ ଗିରଫ କରାଯାଇଛି।

## ୭ ମାସ ମଧ୍ୟରେ ରାଜ୍ୟ ପୁଲିସ କିଣିଛି ୧୨ଟି ଡ୍ରୋନ୍

# ଟେଣ୍ଡର୍ ପ୍ରକ୍ରିୟାକୁ ଗୁପ୍ତ ରଖି ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁକମ୍ପା

ଭୁବନେଶ୍ୱର,୨।୯(ସମିସ): ପୁଲିସର ଆଧୁନିକୀକରଣ ପାଇଁ କୋଟି କୋଟି ଟଙ୍କା ପାଣି ଯୋଗାଇ ଦିଆଯାଉଛି । ମାତ୍ର ଏହି ପାଣି କିପରି ଓ କେଉଁଠି ଖର୍ଚ୍ଚ ହେଉଛି ତାହାର କିଛି ହିସାବ ନାହିଁ। ଏପରିକି ନିମ୍ନମାନର ସାମଗ୍ରୀ କିଣି ଏ ବାବଦ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ମଧ୍ୟ ଆସୁଛି। ଏପରିକି ଟେଣ୍ଡର ପ୍ରକ୍ରିୟାକୁ ଗୋପନ ରଖି ନିର୍ଦ୍ଦିଷ୍ଟ ସଂସ୍ଥା ବା ବ୍ୟକ୍ତି ବିଶେଷଙ୍କୁ ଅନୁଗୃହୀତ କରାଯାଉଥିବା ମଧ୍ୟ କୁହାଯାଉଛି। ଗତ କେଇମାସ ମଧ୍ୟରେ ରାଜ୍ୟ ପୁଲିସ ପକ୍ଷରୁ କିଣାଯାଇଥିବା ଡ୍ରୋନ୍‌କୁ ନେଇ ଆସିଛି ଅନୁରୂପ ଅଭିଯୋଗ। ଟେଣ୍ଡର ପ୍ରକ୍ରିୟାକୁ ସାର୍ବଜନୀନ ନ କରି ନିର୍ଦ୍ଦିଷ୍ଟ କମ୍ପାନୀଠାରୁ ଦୁଇଟି ପର୍ଯ୍ୟାୟରେ ୧୮ଟି ଡ୍ରୋନ୍ କ୍ରୟ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ବିଡ଼ମ୍ବନା ହେଉଛି ଯେଉଁ ଡ୍ରୋନ୍ କ୍ରୟ କରାଯାଇଛି ସେହି ଡ୍ରୋନର ମାନ ଓ କ୍ଷମତାକୁ ନେଇ ମଧ୍ୟ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନକ୍ସଲ ଗତିବିଧି ଉପରେ ନଜରରଖିବା ଓ ସୂଚନା ସଂଗ୍ରହ ପାଇଁ ୨୦୨୪ ମସିହାରେ ରାଜ୍ୟ ପୁଲିସ ୬ଟି ଡ୍ରୋନ୍ କିଣିଥିଲା । ପରବର୍ତ୍ତୀ ସମୟରେ ୨୦୨୫ ରେ ଉପକୂଳ ସୁରକ୍ଷା ଓ ଅପରେସନ ୱିଙ୍ଗ ପାଇଁ ଆଉ ୧୨ଟି ଡ୍ରୋନ କିଣିଥିଲା। ଏହି ଡ୍ରୋନର ମୂଲ୍ୟ

**ଗୋଟିଏ ଡ୍ରୋନର ମୂଲ୍ୟପ୍ରାୟ ୧.୨୦କୋଟି ଟଙ୍କା**

ପ୍ରାୟ ୧.୨ କୋଟି ଟଙ୍କା ଓ ଦୁଇଟି ପର୍ଯ୍ୟାୟରେ କିଣାଯାଇଥିବା ୧୮ଟି ଡ୍ରୋନ୍ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ହୋଇଥିବା କୁହାଯାଉଛି । ଏବେ ପୁଣି ପୁଲିସ ଆଉ ୨ଟି ଡ୍ରୋନ୍ କିଣିବାକୁ ନିଷ୍ପତ୍ତି ନେଇଛି । ତେବେ ରହସ୍ୟଜନକ କଥାଟି ହେଉଛି ପୂର୍ବରୁ ଡ୍ରୋନ୍ ଯୋଗାଣ କରିଥିବା ସଂସ୍ଥା ରାଜ୍ୟ ପୁଲିସ ପାଇଁ ଏକମାତ୍ର ଯୋଗ୍ୟ ବିଡ଼ର ରହିଥିବାବେଳେ ଏବେ ଡ୍ରୋନ୍ କ୍ରୟ ସମୟରେ ମଧ୍ୟ ଅନୁରୂପ ଭାବରେ ସେହି ଗୋଟିଏ ସଂସ୍ଥାକୁ ଡ୍ରୋନ୍ ଯୋଗାଣ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ଅଭିଯୋଗ ହୋଇଛି । ତେଣୁ ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତା ଓ ପ୍ରତିଯୋଗିତାକୁ ନେଇ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ତା'ଛଡ଼ା ଯେଉଁସବୁ ଡ୍ରୋନ୍ କ୍ରୟ ହୋଇଛି ତାହା ବାସ୍ତବରେ ମୂଲ୍ୟ ଅନୁପାତରେ ଉପଯୋଗୀ କି ନୁହେଁ ତାହାର ମୂଲ୍ୟାୟନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ମାସରେ କ୍ରୟ ହୋଇଥିବା ଡ୍ରୋନ ୪୦-୫୦କିମି ବେଗରେ ବୋହୁଥିବା ପବନକୁ ପ୍ରତିରୋଧ କରିପାରିବ ନାହିଁ କିମ୍ବା ଦୀର୍ଘ ସମୟ ପର୍ଯ୍ୟନ୍ତ ଉଡ଼ାଣ ମଧ୍ୟ କରିବାରେ ସକ୍ଷମ ନୁହେଁ ବୋଲି ପୁଲିସ ବାହିନୀର ଆଭ୍ୟନ୍ତରୀଣ ସୂତ୍ରରୁ ସୂଚନା ମିଳିଛି। ଏହା ସତ୍ତ୍ୱେ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଡ୍ରୋନକୁ କ୍ରୟ ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି।

## ଥାନାରେ ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ

# ପ୍ରେମିକ, ଲଜ୍ ମାଲିକ ଗିରଫ

ବ୍ରହ୍ମପୁର, ୨।୯(ସମିସ): ଗୋପାଳପୁର ଥାନା ପରିସରରେ ଜଣେ ନାବାଳିକା ଛାତ୍ରୀ ତରଳ ରାସାୟନିକ ପିଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ପୁଲିସ ଆଜି ନାବାଳିକାଙ୍କ ପ୍ରେମିକ ସହ ଲଜ୍ ମାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦ୍ୱୟ ହେଲେ, ନିମଖଣ୍ଡି ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀର କେଦାର ଦାସ (୨୮) ଓ ଲଜ୍ ମାଲିକ ତଥା ଗୋପାଳପୁରର ଯୋଗେନ୍ଦ୍ର କୁମାର ସିଂ(୩୯)। ନାବାଳିକାଙ୍କୁ ଅପହରଣ କରି ଘରେ ରଖିବା ଓ ସେଠାରେ ତାଙ୍କୁ ଅସଦାଚାରଣ କରିବା ଅଭିଯୋଗରେ ପୁଲିସ କେଦାରଙ୍କୁ ଗିରଫ କରିଥିବା ବେଳେ ନାବାଳିକାଙ୍କୁ ଲଜ୍‌ରେ ରହିବାକୁ ଅନୁମତି ଦେବା ଅଭିଯୋଗରେ ଯୋଗେନ୍ଦ୍ରଙ୍କୁ ଗିରଫ କରାଯାଇଛି। ପୁଲିସ୍ ଅଭିଯୁକ୍ତଦ୍ୱୟଙ୍କ ମୋବାଇଲ ଜବତ କରି ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ନାବାଳିକାଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି।

ସୂଚନାଯୋଗ୍ୟ, କେଦାର ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ। ସୋମବାର ମଧ୍ୟାହ୍ନରେ ସେ ନାବାଳିକାଙ୍କୁ ଫୋନ୍ କରି ଖଲ୍ଲିକୋଟ କଲେଜ ନିକଟକୁ ଡାକିଥିଲା। ସେଠାରୁ ସେ ତାଙ୍କୁ ବାଇକ୍‌ରେ ଗୋପାଳପୁର ନେଇଥିଲା। ସେଠାରେ ସେ ଜଣେ ବ୍ୟକ୍ତିଙ୍କୁ ୨ଘଣ୍ଟା ପାଇଁ ଘରଭଡ଼ା ଦେବାକୁ କହିଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତି ମନା କରିବା ପରେ ଗୋପାଳପୁର ଅଞ୍ଚଳର ଏକ ଲଜ୍‌ର ମାଲିକ ଯୋଗେନ୍ଦ୍ର ସିଂ ଦୁଇଘଣ୍ଟା ପାଇଁ କେଦାରଙ୍କୁ ଅନୁମତି ଦେଇ ତାଙ୍କଠାରୁ ଅନ୍‌ଲାଇନରେ ୭୦୦ ଟଙ୍କା ନେଇଥିଲେ। କେଦାର ଓ ନାବାଳିକାଜଣକ ସେଠାରେ କିଛି ସମୟ ଅତିବାହିତ କରିବା ମଧ୍ୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପାଟି ଶୁଣି ଲଜ୍ ମାଲିକ ଉଭୟଙ୍କୁ ତୁରନ୍ତ ରୁମ୍ ଖାଲି କରିବାକୁ କହିଥିଲେ। ତେବେ ରୁମ୍ ଭଡ଼ା ବାବଦ ଟଙ୍କା ନେଇ ସେମାନଙ୍କୁ ବାହାର କରିଦେବା ଘଟଣାକୁ ନେଇ କେଦାର ଓ ନାବାଳିକାଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ବେଳେ ପୁଲିସ୍ ଜାଣିବାକୁ ପାଇଥିଲା ଯେ ଛାତ୍ରୀଜଣଙ୍କ ନାବାଳିକା। ତେଣୁ ପୁଲିସ ତାଙ୍କ ପୁରୁଷବନ୍ଧୁ କେଦାରକୁ ଥାନାରେ ଅଟକ ରଖିବା ସହ ନାବାଳିକାଙ୍କ ପରିବାରଲୋକଙ୍କୁ ସୂଚନା ଦେଇଥିଲା। ପୁଲିସ୍ କେଦାରଙ୍କୁ ପଚରାଉଚରା କରୁଥିବା ବେଳେ ନାବାଳିକାଜଣଙ୍କ ବ୍ୟାଗ୍‌ରେ ଆଣିଥିବା ତରଳ ରସାୟନିକ ପିଇ ବାନ୍ତି କରିବା ଆରମ୍ଭ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପୁଲିସ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ସୁସ୍ଥ ହେବା ପରେ ତାଙ୍କୁ ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

# ଆର୍‌ଏସ୍‌ପି ପକ୍ଷରୁ ମାଷ୍ଟର ଟ୍ରେନରଙ୍କ ପାଇଁ କର୍ମଶାଳା



ରାଉରକେଲା, ୨୧୯ (ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ରେ ତିନି ଦିନ ବ୍ୟାପୀ ରାଷ୍ଟ୍ରୀୟ କର୍ମଯୋଗୀ ବୃହତ୍ ଜନସେବା କାର୍ଯ୍ୟକ୍ରମର ସାମର୍ଥ୍ୟ ଗଠନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାର ଉଦଯାପନୀ ଅଧିବେଶନରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଅଧକ୍ଷତା କରିଥିଲେ। ଏହି ଅବସରରେ ଏଚ୍‌ଆର୍‌ଏଲ ଏଣ୍ଡ ଡି ବିଭାଗର ସିଜିଏମ୍ ପିକେ ସାହୁ ମଞ୍ଚାସୀନ ଥିଲେ। ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣକାରୀଙ୍କ ସହ ମତବିନିମୟ କରିବା ସହିତ ସେମାନଙ୍କର ମତାମତ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, କାରଖାନାର ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ମାଷ୍ଟର ଟ୍ରେନର ଭାବେ ତାଲିମ ଦିଆଯାଇଥିଲା, ଯେଉଁମାନେ ସମ୍ପୃକ୍ତ ବିଭାଗର କର୍ମଚାରୀମାନଙ୍କୁ ତାଲିମ ଦେବେ। ଏହି ଅବସରରେ ଶ୍ରୀ କୁମାର ଏକ ପ୍ରତିକ୍ରିୟାଶୀଳ, ଦକ୍ଷ ଏବଂ ନାଗରିକ-କୈନ୍ଦ୍ରିକ କର୍ମଶକ୍ତି ଗଠନରେ ରାଷ୍ଟ୍ରୀୟ କର୍ମଯୋଗୀ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀ ସାହୁ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ଟିଆଇ ସିଏଚଆରଡି ବିଭାଗର ଜିଏମ୍ ଜେଏନ୍ ହେମ୍ବ୍ରମ ଏବଂ କେଆଇଓଏମ୍‌ର ଡିଜିଏମ ଆର. ବିଶ୍ୱାସ ତାଲିମ ପ୍ରଦାନ କରିଥିଲେ। ମାଷ୍ଟର ପ୍ରଶିକ୍ଷକମାନେ ଆର୍‌ଏସ୍‌ପି ଏବଂ ଓଡ଼ିଶା ଗ୍ରୁପ ଅଫ୍ ମାଇନ୍ସର ଅବଶିଷ୍ଟ କର୍ମଚାରୀମାନଙ୍କ ପାଇଁ ଏକ ଦିନିକିଆ କର୍ମଶାଳା ପରିଚାଳନା କରିବେ।

## ପୋଲ ଉପରେ ତିନି ଫୁଟ୍ ଉଚ୍ଚର ପାଣି

# ବାହ୍ୟ ଜଗତରୁ ବିଚ୍ଛିନ୍ନ ଭାଲୁପାଣି ପଞ୍ଚାୟତ

ବଣାଇଁ, ୨୧୯ (ସମିସ)



ବଣାଇଁ ବ୍ଲକ ସରସରା ପଞ୍ଚାୟତ ବଲାଙ୍ଗ ଛକ ନିକଟରେ ପ୍ରବାହିତ ହେଉଛି ପଟଙ୍ଗା ନାଳ। ଗତ କାଲିଠାରୁ ପଶ୍ଚିମ ଓଡ଼ିଶାରେ ବର୍ଷାର ମାତ୍ରା ବଢ଼ିଥିବା ବେଳେ ପ୍ରବଳ ବର୍ଷା ଯୋଗୁଁ ପଟଙ୍ଗା ନାଳ ଉପରେ ଥିବା ପୋଲ ଉପରେ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଯାହା ଫଳରେ ଉଭୟ ପାର୍ଶ୍ୱରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଲୋକମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଛାତ୍ରଛାତ୍ରୀ ସ୍କୁଲ ଯିବା ଆସିବାଠାରୁ ଆରମ୍ଭ କରି ସରସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ଯିବା ଆସିବା ପାଇଁ ସେହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ନାଳ ଉପରେ ଥିବା ପୋଲଟି ବହୁତ ପୁରୁଣା ତଥା କମ୍ ଉଚ୍ଚତାରେ ଥିବା ହେତୁ ବର୍ଷା ହେଲେ ପାହାଡ଼ିଆ ଅଞ୍ଚଳର ପାଣି ତୁରନ୍ତ ମାଡ଼ିଆସି ପୋଲ ଉପର ଦେଇ ପ୍ରବାହିତ ହୁଏ। ଫଳରେ ସରସରା ପଞ୍ଚାୟତ ଉପରେ ନିର୍ଭର କରୁଥିବା ଲୋକମାନେ ଘଣ୍ଟା ଘଣ୍ଟା ଧରି ଉଭୟ ପାର୍ଶ୍ୱରେ ଛିଡ଼ା ହୋଇ ରହିଥାନ୍ତି। ପରେ ପାଣି ଟିକିଏ କମିଗଲେ ଜୀବନକୁ ବାଜି ଲଗାଇ ଯିବାଆସିବା କରିଥାନ୍ତି। ବର୍ଷା ସମୟରେ ଗର୍ଭବତୀ ମହିଳା, ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନା ନେବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼େ। ଫଳରେ ୧୦ଟି ଗାଁ, ଭାଲୁପାଣି, ବରଘାଟ, ଉଲସୁରା, ଭାଡ଼ିମରା, ଇତ୍ୟାଦିର ଲୋକମାନେ ଜଳବନ୍ଦୀ ଭାବେ ଜୀବନ ବିତାଇବାକୁ ବାଧ ହୋଇଥାନ୍ତି। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିବାବେଳେ ଆଜି ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ପାରୁନାହିଁ। ତେଣୁ ଏହି ସମସ୍ତ ଗ୍ରାମର ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ପଟଙ୍ଗା ନାଳ ଉପରେ ଏକ ଉଚ୍ଚ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଡିୱାଇଏଫ୍‌ଆଇ ସମ୍ମିଳନୀ ଉଦ୍‌ଯାପିତ



**ରାଉରକେଲା, ୨୧୯ (ସମିସ):** ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫ୍‌ଆଇ) ଓଡ଼ିଶା ରାଜ୍ୟ କମିଟିର ୧୩ତମ ଦୁଇ ଦିନିଆ ସମ୍ମିଳନୀ ରାଉରକେଲାସ୍ଥିତ ଆଦର୍ଶ ପାଠାଗାରଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ସଂଗଠନର ପ୍ରାକ୍ତନ ରାଜ୍ୟ ସଭାପତି ଯୁଧିଷ୍ଠିର ବେହେରା ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ନିର୍ବାଚନ ସମୟରେ ଦେଶର ଯୁବ ସମାଜକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ସମ୍ପୂର୍ଣ୍ଣ ପ୍ରତାରଣାରେ ପରିଣତ ହୋଇଛି ବୋଲି କହିଥିଲେ। ସମ୍ମିଳନୀରେ ରାଜ୍ୟ ସଭାପତି ସରୋଜ ନାୟକ, ରାଜ୍ୟ ଉପସଭାପତି ରାଜ କିଶୋର ପ୍ରଧାନ ଓ ଅପର୍ଣ୍ଣା ନାଏକ ଉପସ୍ଥିତ ଥିଲେ। ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି, ଯୁଗ୍ମ ସମ୍ପାଦକ ଶେଖର ଶର୍ମା, ଅଜିତ ପାଣିଗ୍ରାହୀଙ୍କୁ ନେଇ ପରିଚାଳନା କମିଟି ସମ୍ମିଳନୀ ଗଠନ କରାଯାଇଥିଲା। ଶେଷରେ ଆଗାମୀ ଦିନ ପାଇଁ ଏକ ୧୯ ଜଣିଆ ରାଜ୍ୟ କମିଟି ଗଠିତ ହୋଇଥିଲା। କମିଟିର ରାଜ୍ୟ ଆବାହକ ଭାବରେ ସରୋଜ ନାୟକ ନିର୍ବାଚିତ ହୋଇଥିବା ବେଳେ ରାଜ୍ୟ କମିଟିକୁ ଶେଖର ଶର୍ମା, ବାଦଲ ବାରିକ୍, ମନୋଜ ପୂର୍ତ୍ତି, ବିପିନ୍ ବାକ୍ସ, ବିରଞ୍ଚି ପ୍ରଧାନ, ଶ୍ରୀଧର ସ୍ୱାଇଁ, ପ୍ରଦୀପ ମଣ୍ଡଳ, ଚନ୍ଦନ ସାହୁ, ଚନ୍ଦନ କାମିଲା ପ୍ରମୁଖଙ୍କ ସମେତ ଅନ୍ୟମାନେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଶେଷରେ ଅଭ୍ୟର୍ଥନା କମିଟି ପକ୍ଷରୁ କୋଷାଧକ୍ଷ ଚନ୍ଦ୍ରଭାନୁ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଜେପି ପକ୍ଷରୁ ସମ୍ବର୍ଦ୍ଧନା

**କୁତ୍ରା, ୨୧୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକରେ ବିଜେପି ପକ୍ଷରୁ ନୂତନ ଭାବେ ଯୋଗଦେଇଥିବା ବିଡିଓଙ୍କୁ ସ୍ୱାଗତ ଓ ପୁରୁଣା ବିଡିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଡିଓ ଯୁଗଳ କିଶୋର ବିଶ୍ୱାଳଙ୍କ ବୌଦ୍ଧ ବ୍ଲକକୁ ବଦଳି ହୋଇଯାଇଛି। ସିମୁଳିଆ ବ୍ଲକର ବିଡିଓ ଗୋପୀନାଥ ଖାଖା କୁତ୍ରା ବ୍ଲକକୁ ବଦଳି ହୋଇ ଆସିଛନ୍ତି। କୁତ୍ରା ବ୍ଲକରେ ନୂତନ ଭାବେ ବରିଷ୍ଠ ଯନ୍ତ୍ରୀ ସମରା କିଣ୍ଡୋ ଯୋଗ ଦେଇଛନ୍ତି। ସମସ୍ତଙ୍କୁ କୁତ୍ରା ବିଜେପିର ସାଂସଦ ପ୍ରତିନିଧି ଦେବେନ୍ଦ୍ର ସିଂହ, କୁତ୍ରା ବିଜେପି ମଣ୍ଡଳ ସଭାପତି ରାଜେଶ ଲାକ୍ରା, ଖତକୁରବାହଲ ମଣ୍ଡଳ ବିଜେପି ସଭାପତି ରମେଶ ସିଂ, କୁତ୍ରା ବ୍ଲକ ପୂର୍ବତନ ସାଂସଦ ପ୍ରତିନିଧି ମହାରାଜ ମାଝୀ, କୁତ୍ରା ମଣ୍ଡଳ ପୂର୍ବତନ ବିଜେପି ସଭାପତି ସଞ୍ଜୀବ



ମହାନନ୍ଦିଆ, ଖତକୁରବାହଲର ମଣ୍ଡଳ ପୂର୍ବତନ ସଭାପତି ପ୍ରଫୁଲ୍ଲ ସିଂ, ପ୍ରକାଶ କେରକେଟା, କରୁଣାକର ଜୟପୁରିଆ, ବର୍ମା ହେସ, ପୁନମ ଟପ୍ପୋ, ପ୍ରବିନ ସାହୁ, ବଦ୍ରି ସାହୁ, ସଞ୍ଜିବ ବରୁଆ ଓ କାହ୍ନୁ ଚରଣ ସାହୁ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ଶେୟାର୍ ପକ୍ଷରୁ ଜାତୀୟ କ୍ରୀଡ଼ା ସପ୍ତାହ



**ରାଉରକେଲା, ୨୧୯ (ସମିସ):** ସାମାଜିକ ସଂଗଠନ ଶେୟାର୍ ପକ୍ଷରୁ ବସ୍ତିଆ ଭବନରେ ଜାତୀୟ କ୍ରୀଡ଼ା ସପ୍ତାହ ପାଳିତ ହୋଇଯାଇଛି। ଶେୟାର୍ ଅଧକ୍ଷ ସରୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ପ୍ରଦୀପ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଦିଗମ୍ବର ଦାସ, ନିର୍ଦ୍ଦେଶକ ଦିଲୀପ କୁମାର ପରିଡ଼ା, ଆନ୍ତର୍ଜାତୀୟ ରେଫରୀ ନିଖିଳ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଦିଲୀପ କୁମାର ପରିଡ଼ା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅଧକ୍ଷ ସରୋଜ କୁମାର ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନିଖିଳ ପ୍ରଧାନ, ପ୍ରଦୀପ କୁମାର ଦାସ ଓ ଦିଗମ୍ବର ଦାସ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ହକିରେ କୃଷ୍ଣ ମୋହନ, ଟେବୁଲ୍ ଟେନିସ୍‌ରେ ମିସ୍ ଆନି କିଣ୍ଡୋ, ଅଥଲେଟିକ୍‌ରେ ପ୍ରତିକ ମହାରଣା, କବାଡିରେ ନବୀନ ରତନ ଦାସ, ବ୍ୟାଡମିଣ୍ଟନରେ ଗୀତାଶ୍ରୀ ଦେୟ, ଭଲିବଲରେ ରାଜ୍ କିଣ୍ଡୋ, ଡିସେବଲ୍ଡ୍ କ୍ରିକେଟରେ ନରେଶ କୁଜୁର, ଚେସ୍‌ରେ ବନାନୀ ମୁଖାର୍ଜୀ, ବାସକେଟ୍ ବଲରେ ଆର୍ଚ୍ଚିତା ମହାପାତ୍ର, ଅଥ୍ଲେଟ୍‌ରେ ଅଦିତ୍ୟ କୁମାର ରାଉତଙ୍କୁ 'ଶେୟାର ସ୍ପୋର୍ଟସ' ଆୱାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ଜାତୀୟ ଓ ଆନ୍ତର୍ଜାତୀୟ କୋଚ୍ ଶିବ ପ୍ରସାଦ ମିଶ୍ରଙ୍କୁ ସ୍ପୋର୍ଟସ କଣ୍ଟ୍ରିବ୍ୟୁସନ ଆୱାର୍ଡ, ପ୍ରତିକ ମହାରଣାଙ୍କୁ 'ସ୍ପୋର୍ଟସ ପର୍ସନ ଅଫ୍ ଦି ଇୟର', ପଦ୍ମନାଭ ମହାପାତ୍ରଙ୍କୁ ସୋସିଆଲ କଣ୍ଟ୍ରିବୁସନ ଆୱାର୍ଡ ଓ କଳ୍ପନା ମହାତୋଙ୍କୁ ଡିସାବୁଲ ଟିଚର ସ୍ୱତନ୍ତ୍ର ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ପ୍ରଦୀପ୍ତ ମହାନ୍ତି, ଉପାଧକ୍ଷ ଅନ୍ନା କେରକେଟା, ଧର୍ମେନ୍ଦ୍ର ଦାସ, ସଂଯୋଗୀ ସମନ୍ୱୟକାରୀ ସସ୍ମିତା ଦାସ, ସହସଚିବ ବିମଳ ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ରଶ୍ମିତା ଚୌଧୁରୀ, ସରୋଜ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅନିଲ ମଲ୍ଲିକ୍ ପରିଚାଳନା କରିଥିବା ବେଳେ ଧର୍ମେନ୍ଦ୍ର ଦାସ, ଆନ୍ନା କେରକେଟା, ସସ୍ମିତା ଦାସ, ରାଜୀବ ନାୟକ, ଜିତେନ୍ ମହାନ୍ତି, ଅଭିନାଶ ଖଟୁଆ, ପ୍ରଦୀପ୍ତ ମହାନ୍ତି, ଲିନା ସେନାପତି, ମନୋଜ ନାୟକ, ସଞ୍ଜିତ ମଲ୍ଲିକ୍, ଆଲବର୍ଟ କିଣ୍ଡୋ, ବସନ୍ତ ସ୍ୱାଇଁ, ଅଜିତ ବଡ୍‌ରା, ବିମଳ ସାହୁ ଓ ଅନିଲ ମଲ୍ଲିକ ସହଯୋଗ କରିଥିଲେ। ଡ. ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପିର ଗୁଣବତ୍ତା ମଣ୍ଡଳୀ ପ୍ରତିଯୋଗିତା

**ରାଉରକେଲା, ୨୧୯ (ସମିସ):** ଆର୍‌ଏସ୍‌ପିର ଗୁଣବତ୍ତା ମଣ୍ଡଳୀ (ପିଏଲ୍‌କ୍ୟୁସି) ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଏଥିରେ ରେକର୍ଡ ସଂଖ୍ୟକ ଗୁଣବତ୍ତା ମଣ୍ଡଳୀ, କାରଖାନାର ବିଭିନ୍ନ ବିଭାଗରୁ ୩୯ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୩୪ଟି ଦଳ ସ୍ୱର୍ଣ୍ଣ ପୁରସ୍କାର ହାସଲ କରିଥିଲେ। ପ୍ରତିଯୋଗିତାର ପରବର୍ତ୍ତୀ ପର୍ଯ୍ୟାୟ ଚାପ୍ଟର କନ୍‌ଭେନସନ୍ ଅଫ୍ କ୍ୱାଲିଟି ସର୍କଲ୍ (ସିସିକ୍ୟୁସି -୨୦୨୪) ପ୍ରତିଯୋଗିତା ସେପ୍ଟେମ୍ବର ୨୦ ଓ ୨୧ ତାରିଖରେ ଅନୁଷ୍ଠିତ ହେବ। ଆର୍‌ଏସ୍‌ପିର ଗୋପବନ୍ଧୁ ଅଡିଟୋରିୟମଠାରେ ଆୟୋଜିତ କାର୍ଯ୍ୟକ୍ରମର ପୁରସ୍କାର ବିତରଣ ସମାରୋହରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଅଧକ୍ଷତା କରିଥିଲେ। ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଆତିଶ ଚନ୍ଦ୍ର ସରକାର, ମେଣ୍ଟେନାନ୍ସ ବିଭାଗର ଏସ୍ ଏସ୍ ରାୟ ଚୌଧୁରୀ ଏବଂ ଏଚଆର ଏଲ୍‌ଏଣ୍ଡଡି ବିଭାଗର ପିକେ ସାହୁ ଉପସ୍ଥିତ ଥିଲେ। ଉତ୍କର୍ଷତା ହାସଲ କରିଥିବା ଦଳଗୁଡ଼ିକୁ ବରିଷ୍ଠ ଅଧିକାରୀମାନେ ସମ୍ମାନିତ କରିଥିଲେ। ଏଥିସହ ଆର୍‌ଏସ୍‌ପିର ମାନବସମ୍ବଳକୁ ଶିଳ୍ପର ସର୍ବୋତ୍ତମ ବୋଲି ବର୍ଣ୍ଣନା କରିଥିଲେ। ଏହି ଅବସରରେ ବିଚାରକ ମଣ୍ଡଳୀର ସଦସ୍ୟଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଏଥିରେ ରୋଲ ସପ ବିଭାଗର ଜିଏମ୍ ଇନ୍‌ଚାର୍ଜ ସମୀର ମହାପାତ୍ର, ବିଇ, ଆଇଇଡି ଏଣ୍ଡ ଏଚଏ ବିଭାଗର ଜିଏମ ଆରକେ ବର୍ମା, ନୂତନ ପ୍ଲେଟ ମିଲ ବିଭାଗର ଜିଏମ ନୀଳମଣି ମହାପାତ୍ର, ସିଇଡି ବିଭାଗର ଜିଏମ ଏସ୍‌ଆର୍ ପତି, ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ଜିଏମ୍ ୟୁକେ ଭୁଜବଳ, ଟେକ୍ନିକାଲ୍ ସେଲ୍ ବିଭାଗର ଡିଜିଏମ ଫରାଜ ଆବାସିଙ୍କ ସମେତ ପାଇପ ପ୍ଲାଣ୍ଟ ବିଭାଗର ଡିଜିଏମ ଏମପିଭି



ନାଇଡୁ ସାମିଲ ଥିଲେ। ଆର୍ ଆଣ୍ଡ ସି ଲାବୋରେଟୋରୀ ବିଭାଗର ଜିଏମ୍ ଇନ୍‌ଚାର୍ଜ ଆର୍‌ଏସ୍ ଶର୍ମା ସମାବେଶକୁ ସ୍ୱାଗତ କରିଥିବା ବେଳେ ଉକ୍ତ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଖୁସବୁ ମିଶ୍ର, କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଆର୍ କିରଣ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ ସମ୍ମିଳନୀର ନୂତନ କର୍ମକର୍ତ୍ତା ଚୟନ

**ରାଉରକେଲା, ୨୧୯ (ସମିସ):** ଉତ୍କଳ ସମ୍ମିଳନୀ ରାଉରକେଲା ଶାଖାର ଏକ ସାଧାରଣ ପରିଷଦ ବୈଠକ ଛେଣ୍ଡ କଲୋନୀ ସ୍ଥିତ ଧାମରା ସଂଘ ସଭାଗୃହରେ ଶାଖାର ସଭାପତି ସୁଦାମ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ଅଧିକାରୀ ଗିରିଜା ଶଙ୍କର ଦ୍ୱିବେଦୀ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରାଜ୍ୟ ଉପସଭାପତି ପଦ୍ମନାଭ ସାମଲ ଯୋଗଦେଇ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ଏହି ଅବସରରେ ସଭାପତି ଭାବେ ସୁଦାମ ଚନ୍ଦ୍ର ଦାଶ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ଚିତ୍ତ ରଞ୍ଜନ ଦାଶ, ତପସ୍ୱିନୀ ବହିଦାର, ଡକ୍ଟର କିଶୋରୀ ଦାଶ, ନବଘନ ପାଣି, ଅନୀଲ କୁମାର ଦାଶ ଓ ସାଧାରଣ ସମ୍ପାଦକ ଭାବେ ଅକ୍ଷୟ କୁମାର ଦାସ ମନୋନୀତ ହୋଇଛନ୍ତି। ସେହିପରି ସହ ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ବରାଳ, କୋଷାଧକ୍ଷ ଭଗବାନ ମହାପାତ୍ର, ସମ୍ପାଦକ ରାଜ କିଶୋର ମିଶ୍ର, ହରିହର ଶତପଥୀ, ବିଜୟ କୁମାର ସାହୁ, ନିରଞ୍ଜନ ସାମଲ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଡ. ଉମାକାନ୍ତ ପଣ୍ଡା, ରାଜେନ୍ଦ୍ର କୁମାର ମହାନ୍ତି, ଡ. ଚନ୍ଦ୍ରକାନ୍ତି ନାୟକ, ସଚଳା ପଣ୍ଡା, ଜ୍ୟୋସ୍ନାରାଣୀ ନାୟକ, ସୁଶାନ୍ତ କୁମାର ନାୟକ, ଅଜୟ କୁମାର ପ୍ରଧାନ, ଉତ୍ତମ କୁମାର ବାରିକ, ଅରୁଣ କୁମାର ପରିଡ଼ା, ବାଳକୃଷ୍ଣ ସ୍ୱାଇଁ, ସୌଭାଗ୍ୟବତୀ ସାହୁ, ଉର୍ବଶୀ ଦାଶପତି, ହରିହର ଶତପଥୀ, ସୁନୀଲ କୁମାର ମହାନ୍ତି, ସୂର୍ଯ୍ୟ ନାରାୟଣ ପଣ୍ଡା, ନାରାୟଣ ଚନ୍ଦ୍ର ସାମଲ, ଅରବିନ୍ଦ ପାତ୍ର, ଲକ୍ଷ୍ମଣ ପରିଡ଼ା, ସୁବାସ ଚନ୍ଦ୍ର ଲେଙ୍କା, ପ୍ରଦୀପ କୁମାର ମହାନ୍ତି, ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ ମନୋନୀତ ହୋଇଛନ୍ତି। ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ନିଶିକାନ୍ତ ମିଶ୍ର ଏବଂ ରାଜଗାଙ୍ଗପୁର ଶାଖା ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ନିର୍ବାଚନ ପ୍ରକ୍ରିୟାରେ ସହଯୋଗ କରିଥିଲେ। ଉପସଭାପତି ଅନୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପିୟୁଟିରେ ଜାତୀୟ ମହାକାଶ ସପ୍ତାହ

**ରାଉରକେଲା, ୨୧୯ (ସମିସ):** ଜାତୀୟ ମହାକାଶ ସପ୍ତାହ ୨୦୨୫ ପାଳନ ଅବସରରେ ରାଉରକେଲା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ରେ 'ଭାରତର ଗୌରବମୟ ମହାକାଶ କାହାଣୀ: ପ୍ରାଚୀନ ଆକାଶରୁ ଆଧୁନିକ ଦିଗନ୍ତ' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ନେତାଜୀ ସୁଭାଷ ଅଡିଟୋରିୟମ୍ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ମହାକାଶ ବୈଜ୍ଞାନିକ ଗନ୍ଧର୍ବ ବେହେରା ଅଭିଭାଷଣ ପ୍ରଦାନ କରିଥିଲେ।



ଓଡ଼ିଶା ରିମୋଟ୍ ସେନ୍ସିଂ ଆପ୍ଲିକେସନ୍ ସେଣ୍ଟର (ଓର୍ସାକ)ର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଇସ୍ରୋର ରିମୋଟ୍ ସେନ୍ସିଂ ଆପ୍ଲିକେସନ୍ ଏବଂ ଭୌଗୋଳିକ ସୂଚନା ପ୍ରଣାଳୀର ଉପନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିବା ଶ୍ରୀ ବେହେରା ଭାରତର ଉଲ୍ଲେଖନୀୟ ମହାକାଶ ଯାତ୍ରା ବିଷୟରେ ଦର୍ଶକଙ୍କୁ ମାର୍ଗଦର୍ଶନ କରିଥିଲେ।

ଏହି କାର୍ଯ୍ୟକ୍ରମ ଭାରତୀୟ ବୈଜ୍ଞାନିକମାନଙ୍କର ଅବିଶ୍ୱସନୀୟ ସଫଳତା ଏବଂ ଦେଶର ମହାକାଶ ମିଶନଗୁଡ଼ିକୁ ସଫଳତାର ସହିତ ପ୍ରଦର୍ଶନ କରିଥିଲା। ଯାହା ଛାତ୍ର ଏବଂ ଅଧ୍ୟାପକଙ୍କୁ ପ୍ରେରଣା ଏବଂ ଗର୍ବ ଅନୁଭବ କରାଇଥିଲା। ଆଗାମୀ ପିଢ଼ିକୁ ମହାକାଶ ଅନୁସନ୍ଧାନରେ ଭାରତର ଜାରି ରହିଥିବା ଐତିହ୍ୟରେ ଯୋଗଦାନ ଦେବାକୁ ପ୍ରେରଣା ଦେବା ଏହି ଆଲୋଚନାର ଉଦ୍ଦେଶ୍ୟ ରହିଥିଲା।

# ଟ୍ରାଭେଲର ଓ ବାଇକ୍ ମୁହାଁମୁହିଁ ଧକ୍କା

**ବଣାଇଁ, ୨୧୯ (ସମିସ):** ବଣାଇଁ ସହରସ୍ଥିତ ବିଜୁ ପାର୍କ ନିକଟରେ ଗତ ରାତିରେ ଏକ ଟ୍ରାଭେଲର ଓ ବାଇକ୍ ମୁହାଁମୁହିଁ ଧକ୍କା ହେଇଛି। ଟ୍ରାଭେଲର ଟି ଓଏମ୍‌ସିରୁ କାର୍ଯ୍ୟ ସାରି କର୍ମଚାରୀଙ୍କୁ ନେଇ ବଣାଇଁ ଫେରୁଥିବାବେଳେ ବଣାଇଁ ପଟୁ ବାଇକ୍ ଯୋଗେ ଭରତ ମହାକୁଳ, ଶ୍ୟାମସୁନ୍ଦର ମହାକୁଳ, ଓ ଗଣେଶ ଆପଟ ତାଙ୍କ ଗ୍ରାମ ଫୁଲଝର ଅଭିମୁଖେ ଯାଉଥିବାବେଳେ ବିଜୁ ପାର୍କ ନିକଟରେ ଉଭୟଙ୍କ ଧକ୍କା ହୋଇଥିଲା। ବାଇକ୍‌ରେ ବସିଥିବା ତିନି ଜଣ ରାସ୍ତା ଉପରେ ଛିଟିକି ପଡ଼ିବାରୁ ୨ ଜଣ ଗୁରୁତର ହେବା ସହିତ ଜଣେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ୬୫ ବର୍ଷ ପରେ ବି ସ୍ମାର୍ଟ ସିଟିରେ କାର୍ଯ୍ୟରତ ସିଏଫ୍‌ଓ

ରାଉରକେଲା, ୨୧୯ (ସମିସ)




୬୫ ବର୍ଷ ପରେ କୌଣସି ଅଧିକାରୀ କୌଣସି କାର୍ଯ୍ୟାଳୟରେ କାର୍ଯ୍ୟ କରି ପାରିବେ ନାହିଁ ବୋଲି ରହିଥିବା ସରକାରୀ ନିର୍ଦ୍ଦେଶନାମାକୁ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ କାର୍ଯ୍ୟାଳୟରେ ଉଲ୍ଲଂଘନ କରାଯାଇଥିବା ଜଣାପଡ଼ିଛି। ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ଚିଫ୍ ଫାଇନାନ୍ସ ଅଫିସର (ସିଏଫ୍‌ଓ)ଙ୍କ ବୟସ ସମ୍ପ୍ରତି ୬୮ ବର୍ଷ ହୋଇଥିଲେ ମଧ ସରକାରୀ ନିର୍ଦ୍ଦେଶକୁ ବେଖାତିର କରି ତାଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାଯୋଗ୍ୟ ଯେ ୬୫ ବର୍ଷ ବୟସରୁ ଅଧିକ ବୟସ୍କ ବ୍ୟକ୍ତି ଚାକିରିରେ ନିଯୁକ୍ତି ନଦେବା ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ୨୦୨୪ ମସିହା ସେପ୍ଟେମ୍ବର ୧୨ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଏ ନେଇ ସମସ୍ତ ବିଭାଗକୁ ଅବଗତ କରାଯାଇଥିଲା। ତେବେ ଜିଏ ବିଭାଗର ଏହି ନିର୍ଦ୍ଦେଶନାମା ରାଉରକେଲାର ସ୍ମାର୍ଟ ସିଟି ଲିମିଟେଡ୍ କାର୍ଯ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଅଫିସରେ ଚିଫ ଫାଇନାନ୍ସିଆଲ୍ ଅଫିସର ୟୁସି ପାତ୍ର ନାମକ ଜଣେ ଆର୍‌ଏସ୍‌ପିରୁ ଅବସର ଗ୍ରହଣ କରିବା ପରେ ଚିଫ୍ ଫାଇନାନ୍ସିଆଲ ଅଫିସର ଭାବେ ୮ ବର୍ଷ ହେବ କାର୍ଯ୍ୟ କରୁଛନ୍ତି। ଶିକ୍ଷିତ ବେକାରଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇ ପାରୁନଥିବା ବେଳେ ସରକାରୀ ନିୟମର ଉଲ୍ଲଙ୍ଘନ କରି ବୟସ ଅତିକ୍ରାନ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦେବା ବିଭାଗୀୟ ଉଦାସୀନତାକୁ ପଦାରେ ପକାଇଛି।

ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍‌ର ଚିଫ ଫାଇନାନ୍ସିଆଲ୍ ଅଫିସର ଶ୍ରୀ ପାତ୍ରଙ୍କ କାର୍ଯ୍ୟକାଳ ସମୟରେ ବିଭିନ୍ନ ଅନିୟମିତା ଓ ଦୁର୍ନୀତି ହୋଇଥିବା ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅଭିଯୋଗ କରାଯିବା ସହ ସମସ୍ତ କାର୍ଯ୍ୟର ତଦନ୍ତ କରିବା ପାଇଁ ଦାବି କରାଯାଇଛି। ଏ ନେଇ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ ଚିଫ ଫାଇନାନ୍ସିଆଲ୍ ଅଫିସର ଶ୍ରୀ ପାତ୍ରଙ୍କୁ ପଚାରିବାରୁ ସେ ତାଙ୍କର ବୟସ ୬୮ ବର୍ଷ ହୋଇଥିବା ମାନିବା ସହ ସରକାର ତାଙ୍କୁ ନିଯୁକ୍ତି ଦେଇଛନ୍ତି, ଯେବେ ବାହାର କରିଦେବେ ସେ ଛାଡ଼ି ଦେବେ ବୋଲି କହିଛନ୍ତି। ସେପଟେ ଶାସକ ଦଳ ବିଜେପିର ବରିଷ୍ଠ ନେତା ରାଜ୍ୟ ମୁଖପାତ୍ର ଧୀରେନ ସେନାପତି କହିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ବେଆଇନ। ସରକାରଙ୍କ ନିୟମ ଖିଲାପ କରି କିପରି ୬୫ ବର୍ଷ ପରେ ସିଏଫ୍‌ଏଲ୍ କାର୍ଯ୍ୟ କରୁଛନ୍ତି ତା'ର ତଦନ୍ତ ପାଇଁ ସେ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

# ଆଇନ ମହାବିଦ୍ୟାଳୟରେ ରକ୍ତଦାନ ଶିବିର




**ରାଉରକେଲା, ୨୧୯ (ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ ଅପରେସନ ସିନ୍ଦୂରର ବିଜେତା ବୀର ସୈନିକମାନଙ୍କ ସମ୍ମାନାର୍ଥେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡାକ୍ତର ବିଭୁରଞ୍ଜନ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ତଥା ପୁରାତନ ଛାତ୍ରସଂସଦର ସଦସ୍ୟ, ମହାବିଦ୍ୟାଳୟର ପ୍ରାଧାପିକା, ପ୍ରାଧାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ।

# ଜଳମଗ୍ନ ହୋଇଗଲା ପାଟଣାଗଡ଼ ଡାକ୍ତରଖାନା

## ବିଦ୍ୟୁତ୍ କଟିଗଲା, ମୋବାଇଲ ଲାଇଟରେ ଚିକିତ୍ସା କଲେ ଡାକ୍ତର ଆଉଟଡୋରରେ ବି ପାଣି ପଶିଲା, ରୋଗୀ ହନ୍ତସନ୍ତ





ପାଟଣାଗଡ଼,୨।୯(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନା ବିଭିନ୍ନ ସମସ୍ୟାକୁ ନେଇ ଅନେକ ସମୟରେ ଚର୍ଚ୍ଚାରେ ରହିଆସିଛି। ମଙ୍ଗଳବାର ପୁଣି ଏହି ଡାକ୍ତରଖାନାରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଅସରାଏ ବର୍ଷାରେ ଡାକ୍ତରଖାନା ପରିସର ଜଳମଗ୍ନ ହୋଇ ପୋଖରୀର ଭ୍ରମ ସୃଷ୍ଟି କରିଛି। ଏପରିକି ଲାଇଟ୍ ଚାଲିଯିବାରୁ ଆଉଟଡୋରରେ ଅନ୍ଧାରରେ ମୋବାଇଲ ଲାଇଟ ସାହାଯ୍ୟରେ ଡାକ୍ତର ଜଣେ ରୋଗୀଙ୍କ ସେବା କରୁଥିବା ଦେଖିବାକୁ ମିଳିଥିଲା।

ମଙ୍ଗଳବାର ଅପରାହ୍ନ ୫ଟାରେ ସହରରେ ବର୍ଷା ହୋଇଥିଲା। ବର୍ଷା ପାଣି ଡାକ୍ତରଖାନା ପରିସର ଭିତରକୁ ପଶି ଜଳମଗ୍ନ ହୋଇ ପୋଖରୀର ଭ୍ରମ ସୃଷ୍ଟି କରିଥିଲା। ଏପରିକି ଚିକିତ୍ସା ସେବା ସ୍ଥାନ ଆଉଟଡୋର ଭିତର ମଧ୍ୟ ଜଳମଗ୍ନ ହୋଇପଡ଼ିଥିଲା। ଏହାଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ଏଥିସହ ଲାଇଟ ଚାଲିଯିବାରୁ ଆଉଟଡୋରରେ ଅନ୍ଧାରୁଆ ରୋଗୀ ସେବା କରିବାକୁ ପଡିଥିଲା। ମୋବାଇଲ ଲାଇଟକୁ ଭରସା କରି ଡାକ୍ତର ଚିକିତ୍ସା କରିବାକୁ ବାଧ ହୋଇଥିଲେ। ଏକ ଗୁରୁତର ଶିଶୁକୁ ତାଙ୍କ ସମ୍ପର୍କୀୟ ଜଳମଗ୍ନ ଆଉଟଡୋର ଭିତରକୁ ନେଇଥିଲେ। ସେଠାରେ ଉପସ୍ଥିତ ଡାକ୍ତର ଅନ୍ଧାର ପରିସ୍ଥିତିରେ ମୋବାଇଲ ଲାଇଟରେ ଚିକିତ୍ସା କରିବାକୁ ବାଧ ହୋଇଥିଲେ। କେହି କେହି ତ ଥଟ୍ଟାରେ ପାଟଣାଗଡ଼ର ମହାନଦୀ କହି ସୋସିଆଲ ମିଡିଆରେ ଟ୍ରୋଲ କରୁଥିବା ଜଣାପଡିଛି।

ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ବର୍ଷା ସମୟରେ ଏଭଳି ସମସ୍ୟା ଲାଗି ରହିଥିଲେ ହେଁ ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆ ନ ଯିବା ବୁଦ୍ଧିଜୀବୀ ତଥା ରୋଗୀଙ୍କ ସମ୍ପର୍କୀୟ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଜିଲ୍ଲାର ଏକ ଉପଖଣ୍ଡ ଡାକ୍ତରଖାନାରେ ଏଭଳି ସମସ୍ୟା ଲାଗିରହିଥିବା ନେଇ ଜନସାଧାରଣ ମହଲରେ ଘୋର ନିନ୍ଦା କରାଯାଇଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୋକସରା,୨।୯(ସମିସ): କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ତେନ୍ତୁଳିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିନାଥ ନାଗଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କୋକସରା ବ୍ଲକ୍ କର୍ମକର୍ତ୍ତାଙ୍କ ତରଫରୁ ଏହି ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।ଏଥିରେ ବିଭିନ୍ନ କ୍ଲଷ୍ଟରରୁ ଶିକ୍ଷକ ମାନେ ଯୋଗଦେଇଥିଲେ। ଏହି କ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀନାଗଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏବଂ ତାଙ୍କର ଅବସର ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କାମନା କରାଯାଇଥିଲା।




## ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଦେଓଗାଁ,୨।୯(ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ମୁରସିଂଗାଁ ମଣ୍ଡପରେ ସ୍ଥାନୀୟ ପ୍ରିନ୍ସକ୍ଲବ ପକ୍ଷରୁ ଚଳିତବର୍ଷ ନିଟ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।ମନୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁନୀଲ କୁମାର ହରପାଲ, ସମ୍ମାନିତ ଅତିଥିଭାବେ ଗଣ୍ଡାରାମ ପ୍ରଧାନୀ ଓ ଇନ୍ଦ୍ରମଣୀ ସାହୁ ପ୍ରମୁଖ ଯୋଗଦେଇ ଗାଁର ଛାତ୍ର ହିଂମାଶୁ କୁମାର ଭୋଇଙ୍କୁ ଉପଢ଼ୌକନ ସହ ସହାୟତା ରାଶୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟଯେ, ଛାତ୍ର ହିଂମାଶୁ ଜଣେ ଅତି ଗରୀବ ପରିବାରର ହୋଇଥିବା ବେଳେଗତ୨୦୨୧ ମସିହାରେ ତାଙ୍କ ପିତା ହେମକାନ୍ତ ଭୋଇଙ୍କ ପରଲୋକ ହୋଇଛି। ତାଙ୍କୁ ତାଙ୍କ ମାଁ ମୂଲମଜୁରୀ ଲାଗି ପୁଅ ଓ ଝିଅକୁ ପାଠପଢ଼ାଛନ୍ତି। ହିଂମାଶୁ ବଲାଙ୍ଗିର ରାଜେନ୍ଦ୍ର କଲେଜରେ ଯୁକ୍ତଦୁଇ ପଢ଼ିସାରିବାପରେ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରିଥିଲେ। ଅର୍ଥାଭାବରୁ କୋଚିଂ କରିନପାରିବାରୁ ତାଙ୍କ ମାଁ ଗ୍ରୁପ ଋଣ ଆଣି ଗୋଟିଏ ମୋବାଇଲ କିଣି ଦେଇଥିଲେ। ସେଥିରେ ସେ ନିଟ୍ ପରୀକ୍ଷ ପାଇଁ ପ୍ରସ୍ତୁତି କରି ସଫଳତାର ସହ ସର୍ବଭାରତୀୟସ୍ତରରେ ୪୪୭୨ରାଙ୍କ ହାସଲ କରି କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି।ଏହି ସଫଳତାରେ ଗାଁ ପାଇଁ ଏକ ଗୌରବର କଥା ବୋଲି ଉପସ୍ଥିତ ଗ୍ରାମବାସୀ ଓ ଅତିଥିବୃନ୍ଦ ମତ ପୋଷଣ କରିବାସହ ଛାତ୍ରର ବିଭିନ୍ନ ଅସୁବିଧା ସମୟରେ ସମସ୍ତେ ସହଯୋଗର ହାତ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପରିଶେଷରେ ଚିତ୍ତ ରଞ୍ଜନ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ୫ ଛାତ୍ରୀ ଜାତୀୟ କ୍ରୀଡ଼ା ସମ୍ମିଳନୀ ପାଇଁ ମନୋନୀତ



ଧର୍ମଗଡ଼,୨।୯(ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ଧରମଗଡ଼ ଅଧ୍ୟୟନ କରୁଥିବା ୫ଜଣ ଛାତ୍ରୀ କେଭିଏସ୍ ନ୍ୟାସନାଲ୍ କ୍ରିକେଟ୍ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି।ପ୍ରତିଯୋଗିତା ୭ ଅକ୍ଟୋବରରୁ ୧୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ କେନ୍ଦ୍ରୀୟ ବିଦ୍ୟାଳୟ, ଦିଲ୍ଲୀ କ୍ୟାଣ୍ଟ ନଂ୧, ଦିଲ୍ଲୀଠାରେ ଆୟୋଜିତ ହେବ। କ୍ରୀଡା ପ୍ରତିଯୋଗିତା ରେ ୧୭ ବର୍ଷରୁ କମ ବୟସ ବାଳିକା ବିଭାଗ ପାଇଁ ଧର୍ମଗଡ କେନ୍ଦ୍ରିୟ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ରୀ କୃତିକା ଠାକୁର,ନବମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା ନାୟକ,ଓମ ପ୍ରିୟା ସିକା, ଓ ସାନଭି ପ୍ରଜ୍ଞା ରାଉତ ଏବଂ ଅଷ୍ଟମ ଶ୍ରେଣୀ ଛାତ୍ରୀ ଡୋଲେଶ୍ୱରୀ ମାଝି ମନୋନୀତ ହୋଇଛନ୍ତି। ସମସ୍ତେ ଭୁବନେଶ୍ୱର ଅଞ୍ଚଳ (ରିଜନ)ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନୀତିନମାନ ସୂଚନା ଦେଇଛନ୍ତି। ସୂଚନା ଯେ' ୨୦୨୫-୨୬ ମସିହା ପାଇଁ ଦିଲ୍ଲୀଠାରେ ଆସନ୍ତା ଅକ୍ଟୋବର ୭ଠାରୁ ୧୧ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। କ୍ରିକେଟ୍‌ରେ ଅଲ୍ ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର ଟିମ୍ ମନୋନୀତ ହେବା ଖବର ପରେ ଅଭିଭାବକ ମହଲରେ ଖୁସିର ଲହରୀ ଖେଳି ଯାଇଛି। ବିଦ୍ୟାଳୟର ଅଧକ୍ଷ ବିଜୟ ଭର୍ସନେ ଛାତ୍ରୀଙ୍କ ସଫଳତା କାମନା କରିଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ପ୍ରଧାନଶିକ୍ଷକ ଅଟକ

ଜୁନାଗଡ,୨।୯(ସମିସ):କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍ ବଳଦିଆମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ହାଇଡ୍ରାମା ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରଧାନଶିକ୍ଷକ ସ୍କୁଲର କିଛି ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ଓ ବିଭିନ୍ନ ସମୟରେ ତାଙ୍କୁ ସ୍ପର୍ଶ କରୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇଁ ଜୁନାଗଡ଼ ବିଇଓଙ୍କ ଠାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବା ପାଇଁ ଅପରାହ୍ନରେ ଜୁନାଗଡ଼ ଶିକ୍ଷା ବିଭାଗର ବିଆରସିସି ସୁଶାନ୍ତ ଠାକୁର,ଏବିଇଓ କ୍ଷୀରୋଦ ଭୋଇ, ଶିକ୍ଷୟତ୍ରୀ ଚିନ୍ମୟୀ ପରିଡା ସ୍କୁଲକୁ ଯାଇଥିଲେ।ଏହି ସମୟରେ ଛାତ୍ରୀଙ୍କ ଅଭିଭାବକ ଓ ଗ୍ରାମବାସୀ ସ୍କୁଲକୁ ଉତ୍ୟକ୍ତ ହୋଇ ଆସିବାରୁ ଭୟରେ ପ୍ରଧାନଶିକ୍ଷକ ମେହେର ସ୍କୁଲ ଭିତରକୁ ଯାଇ କବାଟ ବନ୍ଦ କରିଦେଇଥିଲେ। ସେହିପରି ଉପସ୍ଥିତ ଗ୍ରାମବାସୀ ମାନେ ମଧ୍ୟ ଆଗ ପଟରୁ ତାଲା ପକାଇ ଦେଇଥିଲେ। ପରେ ସେଠାରେ ପରିସ୍ଥିତି ଅଣାୟତ ହେବାରୁ ଜୁନାଗଡ଼ ବିଇଓ ତପନ ମାଝୀ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଜୁନାଗଡ଼ ପୁଲିସ ଘଟଣାସ୍ଥଳକୁ ପହଞ୍ଚିଥିଲା।ସ୍କୁଲର ଭିତରୁ ପ୍ରଧାନ ଶିକ୍ଷକଙ୍କୁ ପୁଲିସ ଉଦ୍ଧାର କରି ଗାଡ଼ିରେ ବସାଇବା ବେଳେ ସ୍ଥାନୀୟ ଲୋକେ ପୁଲିସ ଗାଡିକୁ ଛାଡି ନ ଥିଲେ। ଯାହାଫଳରେ ଦୀର୍ଘ ସମୟ ଧରି ସେଠାରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା।ପୁଲିସ ପ୍ରଧାନ ଶିକ୍ଷକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଜୁନାଗଡ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଗୋଲାମୁଣ୍ଡା ବ୍ଲକ୍‌ରେ ନୂତନ ଏବିଡିଓଙ୍କ ଯୋଗଦାନ



ଧର୍ମଗଡ଼/ଗୋଲାମୁଣ୍ଡା, ୨।୯(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍‌ର ନୂତନ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଯୋଗଦାନ କଲେ ବିଜୟ କୁମାର ନାୟକ। ପୂର୍ବରୁ ଶ୍ରୀ ନାଏକ ବଲାଙ୍ଗିର ଜିଲ୍ଲା ତରଭା ବ୍ଲକରେ କାର୍ଯ୍ୟରତ ଥିଲେ। ଗୋଲାମୁଣ୍ଡା ବ୍ଲକରେ ଯୋଗଦାନ ପରେ ତାଙ୍କୁ ବ୍ଲକ କର୍ମଚାରୀ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।

## ଗଣେଶପୂଜା ପାଇଁ ଚଳଚଞ୍ଚଳ କେସିଙ୍ଗା ସହର

କେସିଙ୍ଗା,୨।୯(ସମିସ): କେସିଙ୍ଗା ସହରରେ ଗଣେଶ ପୂଜା ଧୁମ୍‌ଧାମରେ ପାଳନ ହେଉଛି। ପ୍ରତ୍ୟେକ ସାହି ସମେତ ଅନେକ ଛକରେ ବିଘ୍ନରାଜଙ୍କ ବଡ଼ ବଡ଼ ମୂର୍ତ୍ତି ସହ ଆକର୍ଷଣୀୟ ପେଣ୍ଡାଲ ସାଙ୍ଗକୁ ଚିତାକର୍ଷକ ଆଲୋକ ସାଜସଜ୍ଜାରେ ରାତିରେ ଚାମକୁଛି କେସିଙ୍ଗା ସହର। ପୂଜା ଆରମ୍ଭ ହୋଇ ୭ ଦିନ ବିତି ଯାଇଥିଲେ ମଧ୍ୟ ଛାଡ଼ିନି ଗଣେଶ ପୂଜାର ନିଶା। କେସିଙ୍ଗା ସହରରେ ସମୁଦାୟ ପ୍ରାୟ ୩୦ଟି ପୂଜା ମଣ୍ଡପରେ ବିଘ୍ନରାଜଙ୍କ ପୂଜା ଅନୁଷ୍ଠିତ ହୋଇଥିଲା କେତେକ ସ୍ଥାନରେ ବିସର୍ଜନ ସରିଯାଇଥିବା ବେଳେ ଅନେକ ସ୍ଥାନରେ ଆଜି ପର୍ଯ୍ୟନ୍ତ ବିଘ୍ନରାଜ ପୂଜା ପାଉଛନ୍ତି।

## ମୁନିସିପାଲିଟି ଦାବିରେ ଗୁରୁବାର ବିଜେଡିର ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ଡାକରା

କଣ୍ଟାବାଞ୍ଜି,୨।୯(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଏନଏସିକୁ ମୁନିସିପାଲିଟି ଦାବି ଜୋର୍ ଧରିଛି। ଗୁରୁବାର ବିଜେଡି ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ଡାକରା ଦେଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିର ବିଜୁ ଜନତା ଦଳ ନେତ୍ରୀ ନିରୁପମା ମାଝିଙ୍କ ନେତୃତ୍ୱରେ ଏହି ବନ୍ଦ ଡାକରା ଦିଆଯାଇଛି। ନବୀନ ପଟ୍ଟନାୟକଙ୍କ ସରକାର ଗତ ସାଧାରଣ ନିର୍ବାଚନ ପୂର୍ବରୁ କଣ୍ଟାବାଞ୍ଜି ଏନଏସିକୁ ମୁନିସିପାଲିଟି ଘୋଷଣା କରିଥିଲା। ତେବେ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ନୂଆ ଏନଏସି ଓ ମୁନିସିପାଲିଟି ଘୋଷଣାରେ କଣ୍ଟାବାଞ୍ଜିକୁ ଉପେକ୍ଷା କରିଛନ୍ତି। ମୁନିସିପାଲିଟି ହେବାରୁ ଏହା ବାଦ ପଡିଛି। ଏହାକୁ ନେଇ ଏଠାରେ ଜନ ଅସନ୍ତୋଷ ଦେଖା ଦେଇଛି।

## ଲାଞ୍ଜିଗଡରେ ନୂଆଁଖାଇ ପାଳନ



ଲାଞ୍ଜିଗଡ଼,୨।୯(ସମିସ): କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହର, ମଦନପୁର ରାମପୁର, ଲାଞ୍ଜିଗଡ଼, ଥୁଆମୂଳ ରାମପୁର, ଜୟପାଟଣା ସମେତ ଗଡ଼ଜାତ ଅଞ୍ଚଳରେ ମଙ୍ଗଳବାର ନୂଆଁଖାଇ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଭାଦ୍ରବ ଶୁକ୍ଳପକ୍ଷ ଦଶମୀ ସକାଳ ୮. ୪୫ମି. ଗତେ ଓ ସକାଳ ୯. ୫ମି.ରେ ମଧ୍ୟରେ ଭବାନୀପାଟଣା ମା' ମାଣିକେଶ୍?ରୀ ପୀଠରେ ନବାନ୍ନ ଭୋଗ ଲାଗିବା ପରେ ସର୍ବସାଧାରଣଙ୍କ ନିମନ୍ତେ ସକାଳ ୧୦. ୫୫ ମି. ଗତେ ଓ ଅପରାହ୍ନ ୧ଟା ମଧ ନବାନ୍ନ ଭକ୍ଷଣ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଥିଲା। କଳାହାଣ୍ଡି ଜିଲ୍ଲାର କିଛି ଅଞ୍ଚଳରେ ପଞ୍ଚମୀ ତିଥିରେ ନୂଆଁଖାଇ ସରିଥିବା ବେଳେ ଗଡ଼ଜାତ ଅଞ୍ଚଳରେ ଦଶମୀ ତିଥିରେ ନୂଆଖାଇ ଥିଲେ। ଏହିପରିପେକ୍ଷୀରେ ଲାଞ୍ଜିଗଡ଼ ଗ୍ରାମଦେବ ଭୈରବ ପୀଠରେ ନବାନ୍ନ ପୂଜା ସମାପନ କରାଯାଇଥିଲା। ମନ୍ଦିରରେ ପୂଜା ସମାପନ ହେଲାପରେ ଅଞ୍ଚଳର ସର୍ବସାଧାରଣ ନବାନ୍ନ ଭକ୍ଷଣ କରିଥିଲେ। ସେହିପରି ନୂଆଁଖିଆ ପର୍ବ ଶେଷ ହେବା ପରେ ଗାଁ ଗାଁରେ ନୂଆଖାଇ ଜୁହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କଳାହାଣ୍ଡି ଜିଲ୍ଲାରେ ପାଞ୍ଚଟି ପର୍ଯ୍ୟାୟରେ ନୂଆଁଖାଇ ପାଳନ ହେଉଥିବା ବେଳେ ଧର୍ମଗଡ଼ ଉପଖଣ୍ଡ ଅଞ୍ଚଳ ସମେତ ଜିଲ୍ଲାର ପ୍ରାୟ ସ୍ଥାନରେ ପଞ୍ଚମୀ ତିଥିରେ ନୂଆଁଖାଇ ପାଳନ ହେଇସାରିଛି।

## ବାଇକ୍ ଚୋରି ମାମଲାରେ ଗିରଫ

ଦେଓଗାଁ,୨।୯(ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଉପରଝର ଗାଁ ନିକଟ ଥାଲବନ୍ଧ ରାସ୍ତାରୁ କିଛିଦିନ ତଳେ ହୋଇଥିବା ବାଇକ୍ ଚୋରି ମାମଲାରେ ପୁଲିସ ସୋମବାର ଜଣେ ଯୁବକ ଓ ଜଣେ ନାବାଳକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ସଇଁନ୍ତଲା ଥାନା ଅଞ୍ଚଳର ଜିତେନ ସାହାଣୀ। ଉଭୟଙ୍କ ନିକଟରୁ ଚୋରି ବାଇକ୍ ଉଦ୍ଧାର କରିବାସହ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଡିଏସପି ସମର୍ଥ କେ. ବେହେରା ସୂଚନା ଦେଇଛନ୍ତି।

ସୂଚନାନୁସାରେ ଗତ ମାସ ୨୫ ତାରିଖରେ ଉପରଝର ଗାଁର ହିଂମାଶୁ ଶେଖର ସାହୁ ରାତିପ୍ରାୟ ୮ଟା୩୦ମିନିଟ ସମୟରେ ଶୌଚ ହେବାକୁ ଯାଇଥିବା ବେଳେ ତାଙ୍କ ବାଇକ୍ ନଂ ଓଡି୦୩ବି -୨୪୮୪କୁ ଥାଲବନ୍ଧ ରାସ୍ତାରୁ ଚୋରି କରିନେଇଥିବା ନେଇ ଦେଓଗାଁ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ପରେ ଚର୍ଚ୍ଚାରେ କାର୍ମି ଓରାମ

# ଡ୍ରେନ୍ ସଫା କଲେ ବିଡିଓ

ନୂଆପଡ଼ା/ସିନାପାଲି,୨।୯(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ବିଡ଼ିଓ କାର୍ମି ଓରାମଙ୍କ ନର୍ଦ୍ଦମା ସଫା କାର୍ଯ୍ୟ ଅନେକ ଲୋକଙ୍କ ଆଖି ଖୋଲି ଦେଇଛି। ସିନାପାଲି ସହର ମଧ୍ୟରେ ପୁରୁଣା ଡ୍ରେନ୍ ଯାଇଛି। ପଞ୍ଚାୟତ କର୍ତ୍ତୃପକ୍ଷ ଯେତେ ସଫା କଲେ ବି ସ୍ଥାନୀୟ ଲୋକେ ଡଷ୍ଟବିନ ଭଳି ଡ୍ରେନ୍‌ରେ କୁଢ଼ କୁଢ଼ ଆବର୍ଜନା ଫିଙ୍ଗି ଦେଉଛନ୍ତି। ଓଲଟା ସଫା କରାଯାଉ ନ ଥିବା ପ୍ରଶାସନକୁ ଆରୋପ କରୁଛନ୍ତି। ଏହାକୁ ନେଇ ଖୋଦ ବିଡ଼ିଓ ନିଜେ ଡ୍ରେନରେ ପଶି ଆବର୍ଜନା ଗୋଟାଇଛନ୍ତି।

ମଙ୍ଗଳବାର ସିନାପାଲି ବ୍ଲକ ସଦର ମହକୁମା ସିନାପାଲି ପଞ୍ଚାୟତରେ 'ଗାଁରେ ପ୍ରଶାସନ' କାର୍ଯ୍ୟକ୍ରମ ଚାଲିଥିଲା। ସମସ୍ତ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣିବାକୁ ଯୋଗ ଦେଇଥିଲେ। ହଠାତ କିଛି ଲୋକ ଅଭିଯୋଗ ଦେବାକୁ ଆସିଥିଲେ। ସେମାନଙ୍କ ଘର ପାଖରେ ଥିବା ନାଳ ସଫା ହେଉ ନାହିଁ ବୋଲି ଅଭିଯୋଗ କରିଥିଲେ। ପ୍ରଶାସନ ଡ୍ରେନ୍ ସଫା କରିବା ଦରକାର ବୋଲି କହି ସେମାନେ ଅସନ୍ତୋଷ ଝାଡିଥିଲେ। ଅଭିଯୋଗ ଶୁଣାଣି ଶିବିରରେ ବସିଥିବା ବିଡ଼ିଓ କାର୍ମି ଓରାମ ବ୍ୟତିବ୍ୟସ୍ତ ହୋଇ ଅନ୍ୟଅଧିକାରୀମାନଙ୍କ ସହ ଡ୍ରେନ୍ ଦେଖିବାକୁ ଯାଇଥିଲେ। ନାଳରେ କୁଢ଼ କୁଢ଼ ମଇଳା ପଡିଥିବା ଦେଖି କାହାକୁ କହିଛି କହି ନ ଥିଲେ। ସିଧା ଡ୍ରେନ୍ ଭିତରେ ପଶି ଆବର୍ଜନା ଉଠାଇଥିଲେ। ଏହା ଦେଖି ଅଭିଯୋଗକାରୀମାନେ ନିଜକୁ ଲଜ୍ଜିତ ମନେ କରିଥିଲେ। ଏ କାର୍ଯ୍ୟ ନ କରିବାକୁ ସେମାନେ ବିଡ଼ିଓଙ୍କୁ ଅନୁରୋଧ କରିଥିଲେ। ବିଡ଼ିଓ କିନ୍ତୁ କାହା କଥା ନ ଶୁଣି ନର୍ଦ୍ଦମା ସଫାରେ ଲାଗି ପଡିଥିଲେ। ସବୁବେଳେ ସବୁ କାମ ପାଇଁ ପ୍ରଶାସନ ଉପରେ ଆଶା ନ ରଖିବାକୁ ସେ ଲୋକଙ୍କୁ କହିଥିଲେ। ପ୍ରଶାସନକୁ ବୋଝ ଦେଲେ ହେବନି ବୋଲି ବୁଝାଇଥିଲେ। ନିଜେ କିଛି କରିବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ।



ତେବେ ଏହି ଘଟଣା ମଙ୍ଗଳବାର ସିନାପାଲିରେ ଯେତିକି ଚର୍ଚ୍ଚା ସୃଷ୍ଟି କରିଛି ସେତିକି ମଧ୍ୟ ଭିଡିଓ ଭାଇରାଲ ହେବାରେ ଲାଗିଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ବିଭିନ୍ନ କାର୍ଯ୍ୟ, ପଦକ୍ଷେପ ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି କରିଛି। ଏବେ ସିନାପାଲି ବିଡିଓଙ୍କ ଏହି ପଦକ୍ଷେପ ତା ପଛକୁ ଯୋଡି ହୋଇ ଯାଇଛି। ବିଡିଓଙ୍କ ଏଭଳି କାର୍ଯ୍ୟକୁ ଅନେକ ପ୍ରଶଂସା କରିଛନ୍ତି। ଏହିଭଳି ଅଧିକାରୀ ଆବଶ୍ୟକ ବୋଲି ଅନେକ ମତ ରଖିଛନ୍ତି।















# ସମ୍ପାଦକୀୟ



ଭୁଲ୍ କରିବା ମଣିଷ ପ୍ରକୃତି; ଭୁଲ୍ ସ୍ୱୀକାର କରିବା ଉତ୍ତମ ସଂସ୍କୃତି;
ଭୁଲ୍ ସୁଧାରିବା ହିଁ ହେଉଛି ପ୍ରଗତି ।
-ଗୌରଗୋପାଳ ଦାସ

ସକାଳ THE SAKALA

## ଡ୍ରାଗନ୍‌କୁ ସାବଧାନ!

ସଦ୍ୟ ସମାପ୍ତ ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ) ଶିଖର ସମ୍ମିଳନୀରେ ଭାରତ ଉପରେ ଆମେରିକାର ଅଯୌକ୍ତିକ ଅତିରିକ୍ତ ଶୁଳ୍କ ଲାଗୁ ନିଷ୍ପତ୍ତିକୁ ଚୀନ୍ ନିନ୍ଦା କରିଛି । ସାମ୍ପ୍ରତିକ ପରିସ୍ଥିତିରେ ହାତୀ(ଭାରତ)-ଡ୍ରାଗନ୍(ଚୀନ୍) ହାତ ମିଳାଇବା ଜରୁରୀ ଏବଂ ସର୍ବାଦୌ ସଠିକ୍ ନିଷ୍ପତ୍ତି ବୋଲି ମଧ୍ୟ ଚୀନ୍ ଘୋଷଣା କରିଛି । ଗୋଟିଏ ମଞ୍ଚରେ ଭାରତ, ଚୀନ୍, ରୁଷ୍ ଏକତ୍ର ହେବା ଏବଂ ଭାରତ ସପକ୍ଷରେ ଯାଇ ଆମେରିକାକୁ ଚୀନ୍ ନିନ୍ଦା କରିବା ଭାରତ ପାଇଁ ଯେତିକି ଆଶ୍ୱସ୍ତିକର ଆମେରିକା ପାଇଁ ସେତିକି ଅବାଞ୍ଛିତ । ତେଣୁ ଏବେ ପୁଣି ଆମେରିକା ଭାରତ ପ୍ରତି କୋହଳ ହେବ ବୋଲି ସାମାନ୍ୟ ସଙ୍କେତ ମିଳିଛି । ସାମ୍ପ୍ରତିକ ଅସ୍ଥିର-ବାଣିଜ୍ୟ ପୃଷ୍ଠଭୂମିରେ ଏସିଆର ଦୁଇ ମହାଶକ୍ତି ପୂର୍ବ ତିକ୍ତତା ଭୁଲ୍ ଏକାଠି ହେଲେ ବିଶ୍ୱ ଭୂରାଜନୈତିକ-କୂଟନୈତିକ-ଅର୍ଥନୈତିକ ସମୀକରଣ ବଦଳିଯିବ । କିନ୍ତୁ ସ୍ୱଭାବ, ଆଚରଣ ଓ ଉଦାହରଣ ଆଧାରରେ ଚୀନ୍‌ର କୋମଳ କଥା ଓ ସମବେଦନାରେ ଭାରତ ଏତେ ଶୀଘ୍ର ଭଳି ଯିବା ଉଚିତ ହେବ ନାହିଁ ବୋଲି ବିଶେଷଜ୍ଞମାନେ ଯେଉଁ ମତ ଦେଇଛନ୍ତି ତାହାକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ ।

ସବୁବେଳେ ନ୍ୟସ୍ତ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବା ଆମେରିକା ଏବେ ପାକିସ୍ତାନକୁ କୋଳେଇ ନେଇ ଭାରତ ଉପରେ ଶୁଳ୍କ ଦାଉ ସାଧିଛି । ଏହାଦ୍ୱାରା ଭାରତର ରପ୍ତାନି ଶିଳ୍ପ ପ୍ରଭୂତ କ୍ଷତି ସହିବାକୁ ଯାଉଛି । ଏହି ପୃଷ୍ଠଭୂମିରେ ଭାରତର ଚୀନ୍ ସହିତ ବନ୍ଧୁତ୍ୱ ଓ ବାଣିଜ୍ୟ ସହଯୋଗ ଲୋଡ଼ିବାରେ କିଛି ଅସ୍ୱାଭାବିକତା ନାହିଁ । ଏଥିରେ ଉଭୟ ଦେଶର ଲାଭ ନିହିତ । କିନ୍ତୁ ପରିସ୍ଥିତିରୁ ଫାଇଦା ଉଠାଇବାରେ ଚୀନ୍ ଅଭ୍ୟସ୍ତ ଥିବାରୁ ଏଭଳି ସମ୍ବେଦନଶୀଳ ପରିସ୍ଥିତିରେ ଭାରତର ବଜାରକୁ କବ୍‌ଜା କରିବା ବଶମ୍ବଦ କରି ରଖିବା ବିଚିତ୍ର ନୁହେଁ । ଦ୍ୱିପାକ୍ଷିକ ସମ୍ପର୍କ ସ୍ଥାପନ ହେଉ କିମ୍ବା ପୁନରୁଦ୍ଧାର ପାଇଁ ବିଶ୍ୱାସ ହିଁ ମୂଳାଧାର । କିନ୍ତୁ ଡ୍ରାଗନ୍ ପାଖରେ ବିଶ୍ୱାସ ଶବ୍ଦର କୌଣସି ମୂଲ୍ୟ ନାହିଁ । ୧୯୫୦ ଦଶକରେ ଚୀନ୍‌କୁ ଭାରତ ବନ୍ଧୁତ୍ୱର ହାତ ବଢ଼ାଇଥିଲା, ଯାହାର ପ୍ରତ୍ୟୁତ୍ତର ୧୯୬୨ରେ ଚୀନ୍ ଯୁଦ୍ଧ ଜରିଆରେ ଦେଇଥିଲା । ୧୯୮୦ରେ ସମ୍ପର୍କର ପୁନଃସ୍ଥାପନ ପାଇଁ ଭାରତ ଉଦ୍ୟମ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ଚୀନ୍ ପ୍ରତ୍ୟାଖ୍ୟାନ କରିଥିଲା ଏବଂ ୨୦୧୩, ୨୦୧୪, ୨୦୧୭, ୨୦୨୦ରେ ସୀମାନ୍ତରେ ଡ୍ରାଗନ୍‌ର ସାମରିକ ଫୁତ୍କାର ଶୁଣିବାକୁ ମିଳିଥିଲା । ଆମେରିକା ନେତୃତ୍ୱାଧୀନ 'କ୍ୱାଡ୍'ରେ ଭାରତର ସଦସ୍ୟତାକୁ ଚୀନ୍ ଏତେଶୀଘ୍ର ଭୁଲିଯାଇ ନ ଥିବ । ଏହାଛଡ଼ା ଚୀନ୍‌ର ବିଆରଓ ପ୍ରକଳ୍ପକୁ ଭାରତ ବିରୋଧ କରି ଆସୁଥିବାରୁ ଏହି ମୌକାକୁ ଯେ ଚୀନ୍ ଅପେକ୍ଷା କରୁ ନ ଥିବ ତାହା କିଏ କହିବ?

ଚୀନ୍ ସହିତ ଭାରତର ବାଣିଜ୍ୟ ନିଅଣ୍ଟ(ରପ୍ତାନି ତୁଳନାରେ ଆମଦାନୀ ଅଧିକ) ୧୦, ୦୦୦ କୋଟି ଡଲାର । ତେଣୁ ଏହି ମୌକାରେ ଭାରତୀୟ ବଜାରକୁ କବ୍‌ଜା କରିବାର ସୁବର୍ଣ୍ଣ ସୁଯୋଗକୁ ଡ୍ରାଗନ୍ ସ୍ୱପ୍ନ ଦେଖୁଥାଇପାରେ । ଏସ୍‌ସିଓ ବୈଠକର ବାର୍ତ୍ତା ଉପରକୁ ସକାରାତ୍ମକ ଜଣାପଡୁଥିଲେ ହେଁ ଅବିଶ୍ୱାସୀ ପଡ଼ୋଶୀ ଡ୍ରାଗନ୍‌କୁ ସହଜରେ ବିଶ୍ୱାସ କରି ବଜାର ଖୋଲିଦେବା ପୂର୍ବରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ଏହା ବିଜ୍ଞ ଭାରତୀୟ କୂଟନୀତିଜ୍ଞ ଓ ନୀତି ନିର୍ଦ୍ଧାରକଙ୍କୁ କହିବା ଆବଶ୍ୟକ ନୁହେଁ ।

## ଶିକ୍ଷକଙ୍କ ଯୋଗ୍ୟତା

ଶିକ୍ଷାଦାନର ଗୁଣବତ୍ତା ବିନା ଶିକ୍ଷାର ମୂଳ ଓ ମହତ୍ ଲକ୍ଷ୍ୟ ସାଧିତ ହେବ ନାହିଁ କି ଶିକ୍ଷା ଆହରଣ ସଫଳ ହେବ ନାହିଁ । ପୁଣି ଯଦି ଶିକ୍ଷକର ଆବଶ୍ୟକ ଦକ୍ଷତା କିମ୍ବା ଯୋଗ୍ୟତା ନଥିବ ସେ ଶିକ୍ଷାର୍ଥୀର ମୂଲ୍ୟାୟନ କରିବ କିପରି? ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ହୃଦୟଙ୍ଗମ କରି ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନ୍‌ସିଟିଇ) ଶିକ୍ଷା ଅଧିକାର ଆଇନ୍ ୨୦୦୯ ଅଧୀନରେ ୨୦୧୧ ମସିହାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କ ପାଇଁ 'ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)' ବାଧ୍ୟତାମୂଳକ କରିଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏକାଧିକ ପ୍ରଚେଷ୍ଟା ସତ୍ତ୍ୱେ ଅନେକ ଶିକ୍ଷକ ଟିଇଟିରେ ଉତ୍ତୀର୍ଣ୍ଣ ହୋଇପାରୁନାହାନ୍ତି, ଅଥଚ ସମାନ ବେତନ ଦାବି କରି ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଉଥିବା ଦେଖିବାକୁ ମିଳୁଛି । ଏହାଦ୍ୱାରା ଶିକ୍ଷକର ଗରିମା ଓ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ନିକଟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ଯୁଗାନ୍ତକାରୀ ରାୟରେ କହିଛନ୍ତି ଯେ ଟିଇଟିରେ ଉତ୍ତୀର୍ଣ୍ଣ ନ ହେଲେ ଶିକ୍ଷକମାନଙ୍କୁ ପଦୋନ୍ନତି ମିଳିବ ନାହିଁ । ଟିଇଟି ବିନା ନବନିଯୁକ୍ତି ମଧ୍ୟ ହୋଇପାରିବ ନାହିଁ । ଏପରିକି ୨୦୦୯ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ଟିଇଟିରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ ।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠଙ୍କ ରାୟ ଅନୁଯାୟୀ ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ଚାକିରି କାର୍ଯ୍ୟକାଳ ପାଞ୍ଚବର୍ଷରୁ ଅଧିକ ଅଛି ସେମାନେ ଯଦି ଦୁଇବର୍ଷ ଭିତରେ ଟିଇଟିରେ କୃତକାର୍ଯ୍ୟ ହୋଇପାରିବେ ନାହିଁ ତେବେ ସେମାନଙ୍କୁ ପଦୋନ୍ନତି ଦୂରେ ଥାଉ ବାଧ୍ୟତାମୂଳକ ଅବସର ଦିଆଯିବ । ଯେଉଁମାନଙ୍କର ଚାକିରି କାର୍ଯ୍ୟକାଳ ପାଞ୍ଚ ବର୍ଷରୁ କମ୍ ରହିଛି ସେମାନେ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ ମଧ୍ୟ ଚାକିରି ହରାଇବେ ନାହିଁ, କିନ୍ତୁ ପଦୋନ୍ନତି ମଧ୍ୟ ପାଇବେ ନାହିଁ । ଶିକ୍ଷାଦାନ ଓ ଶିକ୍ଷା ଆହରଣକୁ ଗୁଣାତ୍ମକ କରିବା ପାଇଁ ଏହା ଏକ ସମୟୋପଯୋଗୀ ଅପରିହାର୍ଯ୍ୟ ମାନଦଣ୍ଡ ଏବଂ ସ୍ୱାଗତଯୋଗ୍ୟ ରାୟ ।

ଅପରପକ୍ଷରେ ନ୍ୟାୟାଳୟଙ୍କ ରାୟ ଅନୁଯାୟୀ ଦୁଇବର୍ଷ ମଧ୍ୟରେ ଅକୃତକାର୍ଯ୍ୟ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ଯଦି ବାଧ୍ୟତାମୂଳକ ଅବସର ଦିଆଯାଏ ତେବେ ଗଣଶିକ୍ଷାରେ ଏକପ୍ରକାର ଶିକ୍ଷକ ମରୁଡ଼ି ସୃଷ୍ଟି ହୋଇ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେବାର ଆଶଙ୍କା ଅଧିକ । ଏହା ମହଙ୍ଗାରୁ ଯାଇ ମରୁଭୂମିରେ ପଡ଼ିବା ଭଳି ହେବ । କେବଳ ଆମ ରାଜ୍ୟ ବିଷୟ ଦେଖାଯାଉ । ଓଡ଼ିଶାରେ ୭୫ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ/ଶିକ୍ଷୟିତ୍ରୀ ଏ ପର୍ଯ୍ୟନ୍ତ ଏକାଧିକବାର ପ୍ରଚେଷ୍ଟା ସତ୍ତ୍ୱେ ଓଟିଇଟିରେ କୃତକାର୍ଯ୍ୟ ହୋଇପାରୁନାହାନ୍ତି । ତେଣୁ ଆଗାମୀ ଦୁଇବର୍ଷ ମଧ୍ୟରେ ସେମାନେ ଏଥିରେ ଉତ୍ତୀର୍ଣ୍ଣ ନ ହେଲେ ୭୫ ହଜାର ଶିକ୍ଷକ/ଶିକ୍ଷୟିତ୍ରୀ ପଦବୀ ଖାଲି ପଡ଼ିବ ଏବଂ ଶିକ୍ଷାଦାନ, ପରୀକ୍ଷା ଓ ମୂଲ୍ୟାଙ୍କନ ବ୍ୟବସ୍ଥାରେ ଗୁରୁତର ବିଭ୍ରାଟ ସୃଷ୍ଟି ହେବ । ତେଣୁ ଏହି ସମ୍ବେଦନଶୀଳ ଦିଗଟି ପ୍ରତି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରି ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିକଳ୍ପ ଓ ବିହିତ ବ୍ୟବସ୍ଥା କରିବାକୁ ଶିକ୍ଷକ/ଶିକ୍ଷୟିତ୍ରୀ ସଂଘ ଓ ରାଜ୍ୟ ସରକାରମାନେ ପୁନଃବିଚାର ପାଇଁ ଆବେଦନ କରିବା ଉଚିତ ହେବ ।

# ଯୋଜନ ଯୋଜନ ଦୂରରେ ଯୋଜନା

ଡ. ସ୍ୱାଧୀନ କୁମାର ଦାଶ

ରାଜ୍ୟ ଓ ଦେଶର ନିର୍ବାଚନ ସରିବାର ବର୍ଷେ ଅତିକ୍ରମ କରିଛି । ଇତିମଧ୍ୟରେ କେନ୍ଦ୍ର ଓ ରାଜ୍ୟରେ ଦୁଇଦୁଇଟି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହୋଇସାରିଛି । ଆମେ ଏଠାରେ ବଜେଟ୍ ବିଷୟରେ ନୁହେଁ, ବଜେଟ୍‌ରେ ବ୍ୟୟ ବରାଦ କରାଯାଇଥିବା ଯୋଜନା ସମୂହର ବାସ୍ତବିକ ଚିତ୍ର ଓ କାର୍ଯ୍ୟକାରିତା ଉପରେ ଆଲୋଚନାକୁ ସୀମିତ ରଖିବା । ମୁଖ୍ୟତଃ ଜନହିତକର, ନୂତନ ପ୍ରକଳ୍ପ, ବିଭିନ୍ନ ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ ସରକାରଙ୍କର ପ୍ରତିଶ୍ରୁତିପୂର୍ଣ୍ଣ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ବଜେଟ୍‌ରେ ଅର୍ଥ ବ୍ୟୟବରାଦ କରାଯାଇଥାଏ । ବଜେଟ୍ ଘୋଷଣା ପରେ ସାଧାରଣତଃ ଧନିକ, ବଣିକ, ବେତନଭୋଗୀ କର୍ମଚାରୀ ଓ ମଧ୍ୟବିତ୍ତମାନଙ୍କ ସ୍ତରରେ ଆଲୋଚନାର ଆସର ଜନ୍ମ ନିଏ । କିନ୍ତୁ ଗରିବ, ଖଟିଖିଆ ଓ ନିମ୍ନବିତ୍ତ ବର୍ଗର ଜନତାଙ୍କ ପାଇଁ ଅର୍ଥନୀତି, ମୁଦ୍ରାସ୍ଫୀତି, ରାଜସ୍ୱ, ଅର୍ଥ ଆୟୋଗ, ରାଜ୍ୟ ଯୋଜନା ବୋର୍ଡ ଆଦି ବିଷୟ ସେମାନଙ୍କର ବୋଧ ପରିଧିର ବାହାରେ । ସେମାନେ କେବଳ ଏତିକି ବୁଝନ୍ତି ଯେ ସରକାର ଏସନ କ'ଣ କ'ଣ ସୁବିଧା ସୁଯୋଗ ବା ରିହାତି ଦେଲେ, ଯଦ୍ୱାରା ଏ ଅଭାବୀ ବର୍ଗର ତେଲଲୁଣ ସଂସାରରେ କିଛି ମାତ୍ରାରେ ଆଶ୍ୱସ୍ତି ଆଣିପାରିବ ।

ଏକ ସଶକ୍ତ ସମାଜ ନିର୍ମାଣ ଲାଗି ପ୍ରଥମ ଉନ୍ନତିର ସୋପାନ ହେଉଛି ସୁଦୃଢ଼ ଭିତ୍ତିଭୂମି ନିର୍ମାଣ, ଦକ୍ଷତାର ବିକାଶ ଓ ଯୁବବର୍ଗକୁ ଆତ୍ମନିର୍ଭରଶୀଳତା କରିବାର ଯୋଜନା । ଏହି ତିନିଟି ଯୋଜନାର ସଫଳ ରୂପାୟନ ହୋଇପାରିଲେ ପ୍ରଗତି ସମ୍ଭବ । ଆମ ଦେଶର ଅର୍ଥନୀତି ବିଶ୍ୱରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଖବର କିଛିଦିନ ତଳେ ଗଣମାଧ୍ୟମର ଚର୍ଚ୍ଚାର ବିଷୟ ପାଲଟିଥିଲା । ଏହି ସୋପାନ ଅତିକ୍ରମ କରିବାର ମାନସାଙ୍କ କେଉଁ କେଉଁ ମାନଦଣ୍ଡକୁ ନେଇ କରାଯାଇଛି ତାହା ସ୍ପଷ୍ଟ ନଥିବାରୁ ଜନସାଧାରଣଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଆମ ଦେଶରେ ଅନେକ ରାଜ୍ୟର ଅଧିବାସୀମାନଙ୍କର ମୁଣ୍ଡପିଛା ଆୟ ବର୍ତ୍ତମାନ ଯୁଗର ଚଳଣି ମୂଲ୍ୟ ତୁଳନାରେ ବହୁତ କମ୍ । ଦରଦାମ୍ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏପରି ପରିସ୍ଥିତିରେ ବିଶ୍ୱ ଅର୍ଥନୀତିରେ ଭାରତ ତୃତୀୟ ସ୍ଥାନ ଅଲଙ୍କୃତ କରିଥିବା ସରକାରୀ ଘୋଷଣା ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦିଓ ରାଷ୍ଟ୍ର ଓ ରାଜ୍ୟର ବଜେଟ୍‌ର କାୟା ବର୍ଷକୁ ବର୍ଷ ବଢ଼ି ବଢ଼ି ଚାଲିଛି, ପରିତାପର ବିଷୟ ନିମ୍ନ ଓ ନିମ୍ନ-ମଧ୍ୟବିତ୍ତ ବର୍ଗଙ୍କର ଆର୍ଥିକ ସ୍ଥିତି ଯଥା ପୂର୍ବଂ ତଥା ପରଂ ଭଳି ରହିଛି ।

ଏଠାରେ ଗୋଟିଏ ପ୍ରଶ୍ନ ଆମ ମନକୁ ଆନ୍ଦୋଳିତ କରେ ଯେ ଏହି ମାଳ ମାଳ ଯୋଜନାର ଗୋଲାପୀ ଚିତ୍ର, ଯାହା ସରକାର ବିଜ୍ଞାପିତ କରୁଛନ୍ତି, ତାହା କ'ଣ ବାସ୍ତବରେ କାର୍ଯ୍ୟକାରୀ ହୋଇ ଜନହିତରେ ଆସୁଛି? ଗରିବ, ଖଟିଖିଆ, ଦୁଃସ୍ଥ, ଶ୍ରମିକ, ମହିଳା, ଆର୍ଥିକ ଅନଗ୍ରସର ବର୍ଗଙ୍କୁ ଖୁସି କରିବା ଭଳି ଯୋଜନା ଖାଲି ଯୋଜନାରେ ରହି ଯାଉନି ତ! ନା ଏହା କେବଳ ନିର୍ବାଚନୀ ଥୋପ? କେବଳ ଯୋଜନା ଘୋଷଣା କରିଦେଲେ ତାହାର ରୂପାୟନ ଆପେ ଆପେ ହୋଇଯାଏ ନାହିଁ । ହିତାଧିକାରୀମାନଙ୍କ ପାଖରେ ନ ପହଞ୍ଚିବା ପର୍ଯ୍ୟନ୍ତ ଯୋଜନାର ଅସଲ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ । ସରକାରଙ୍କର ଯୋଜନାଗୁଡ଼ିକର ସଫଳ ରୂପାୟନରେ ଆନ୍ତରିକତା, ପ୍ରତିଶ୍ରୁତିବଦ୍ଧତା ଓ କାର୍ଯ୍ୟକାରିତା ଉପରେ ବାରମ୍ବାର ସମୀକ୍ଷା କରାଗଲେ ଅର୍ଥନୀତିର ଅସଲ ଉଦ୍ଦେଶ୍ୟ ସାଧିତ ହୋଇପାରିବ । ଏହା ମଧ୍ୟ ସରକାରଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ପରାୟଣତାର ମୂଲ୍ୟାୟନ କରେ ।

ଆମ ରାଜ୍ୟର ୨୦୨୫-୨୬ ଆର୍ଥିକ ବର୍ଷର ଖର୍ଚ୍ଚ (ଋଣ ପରିଶୋଧକୁ ବାଦ୍‌ଦେଲେ) ୨, ୬୬, ୮୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଯାହା ୨୦୨୪-୨୫ ଆର୍ଥିକ ବର୍ଷ ସଂଶୋଧିତ ଆକଳନ ଠାରୁ ଶତକଡ଼ା ୯ ପ୍ରତିଶତ ଅଧିକ । ଏହାସହିତ ରାଜ୍ୟ ୨୩, ୨୦୦ କୋଟି ଟଙ୍କାର ଋଣ ପରିଶୋଧ ମଧ୍ୟ କରିବ । ଅନ୍ୟ ଏକ ପରିସଂଖ୍ୟାନରୁ ଜଣାପଡ଼େ ସାରା ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟା ଆଧାରରେ ଆମ ରାଜ୍ୟ ୧୮ତମ ସ୍ଥାନରେ ରହିଛି । ଏହାର ଅର୍ଥ ରାଜ୍ୟରେ ପ୍ରଚୁର ଖଣିଜ ସମ୍ପଦ, ପର୍ଯ୍ୟାପ୍ତ ଜଙ୍ଗଲ ଓ ବିସ୍ତୀର୍ଣ୍ଣ ବେଳାଭୂମି ଥିବା ସତ୍ତ୍ୱେ ତା'ର ସୁବିନିଯୋଗ କରିବାରେ ଆଜିବି ଆମେ କେଉଁଠି ନା କେଉଁଠି ଅସମର୍ଥ । ଆମ ରାଜ୍ୟ ଯେ ଏକଦା ପ୍ରାଚୁର୍ଯ୍ୟଭରା, ଅଗ୍ରଣୀ ଓ ବିତ୍ତଶାଳୀ ଥିଲା ଏହାକୁ କେହି



ଅସ୍ୱୀକାର କରିପାରିବେ ନାହିଁ । କିନ୍ତୁ ଦୁଃଖର କଥା ଏତେସବୁ ସମ୍ପଦ ଥାଇ ସୁଦ୍ଧା ଆମେ ଆଜି ରାଜ୍ୟକୁ ଋଣର ପାହାଡ଼ ଉପରେ ଠିଆ କରାଯାଇଛି ।

ଉଲ୍ଲେଖଯୋଗ୍ୟ ରାଜ୍ୟ ବଜେଟରେ ଦୀର୍ଘମିଆଦୀ ଯୋଜନାକୁ ଅଣଦେଖା କରି ସ୍ୱଳ୍ପମିଆଦୀ ଯୋଜନାକୁ ପ୍ରମୁଖତା ପ୍ରଦାନ କରି ଅନେକ ବେପାରୁଆ ବ୍ୟୟର ଦିଗ ହିଁ ରାଜ୍ୟର ଅର୍ଥନୀତି ଶକ୍ତିବୃଦ୍ଧି ନ କରିପାରିବାର ପ୍ରମୁଖ କାରଣ । ବିଶ୍ୱ ଅର୍ଥନୈତିକ ଫୋରମ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ବିଶିଷ୍ଟ ଅର୍ଥନୀତିଜ୍ଞ କ୍ଲାଉଡ୍ ସାହଜାଙ୍କ ମତରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କ ରୋଜଗାର ବୃଦ୍ଧିରେ ଆନ୍ତରିକତା ପ୍ରଦର୍ଶନ ପୂର୍ବକ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥାର ଯୋଜନାମାନ କଲେ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ମଜବୁତ୍ ହୋଇପାରିବ, ଯାହା ରାଜ୍ୟ ଓ ରାଷ୍ଟ୍ରର ଆର୍ଥିକ ପ୍ରଗତିରେ ସହାୟ ହେବ । ଯୁବଗୋଷ୍ଠୀଙ୍କ ପରାମର୍ଶ ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ତାଙ୍କ ମତରେ ଯୁବଗୋଷ୍ଠୀଙ୍କୁ ଜ୍ଞାନକୌଶଳ ସମ୍ପନ୍ନ କରିବାର ଯୋଜନା ପ୍ରସ୍ତୁତି କରି ଏହାର ସଫଳ ରୂପାୟନ କରିପାରିଲେ ଏବଂ ଔଦ୍ୟୋଗିକ ପ୍ରଗତି ସହିତ ରାଜ୍ୟର ଆର୍ଥିକ ସ୍ଥିତିକୁ ଅନେକାଂଶରେ ମଜବୁତ୍ କରାଯାଇପାରିବ ।

ବିଡ଼ମ୍ବନା ଏହା ଯେ ଗରିବ ଓ ମଧ୍ୟବିତ୍ତଙ୍କ ଲାଗି ଉଦ୍ଦିଷ୍ଟ ଯୋଜନା ସମୂହର ତାଲିକା ପ୍ରତିବର୍ଷ ଲମ୍ବୁଥିଲେ ବି ସେମାନଙ୍କ ଆର୍ଥିକ ସ୍ଥିତିରେ ସେତେଟା ପରିବର୍ତ୍ତନ ପରିଲକ୍ଷିତ ହେଉନାହିଁ । ପୂର୍ବରୁ ବିରୋଧୀ ଦଳ ଆସନରେ ବସୁଥିବା ଦଳ ସରକାରକୁ ଆସିବା ପରେ ରାଜ୍ୟର ସମସ୍ୟା ସମୂହକୁ ଉପସ୍ଥାପନ କରିବାର ସ୍ୱର ନରମି ଯାଇଛି । ଚାଷୀର ସମସ୍ୟା, ଅଭାବ, ଅସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ଯୋଜନା ବିଷୟରେ ସରକାର ସେତେଟା ଯତ୍ନବାନ ଥିବା ପରିଲକ୍ଷିତ ହେଉନି । ଭତ୍ତା ହେଉ କି ରାସନ୍ ବଣ୍ଟନ କି ପକ୍କାଘର ପ୍ରଦାନ ପରି ଯୋଜନାମାନଙ୍କର ହିତାଧିକାରୀ ସଂଖ୍ୟା ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି । ଏହାପଛରେ ମଧ୍ୟ ଦୁର୍ନୀତି ରହୁଥିବା ଅଭିଯୋଗ ଆସୁଛି । ଉଦାହରଣ ସ୍ୱରୂପ କଚ୍ଚା ଘର ଓ ଟାଇଲଛପର ଘରେ ରହୁଥିବା ଜନସାଧାରଣଙ୍କୁ ପକ୍କାଘର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇ ପ୍ରତିବର୍ଷ ପକ୍କାଘରର କାର୍ଯ୍ୟାଦେଶ ଏବଂ ଅର୍ଥ ପ୍ରଦାନ କରାଯାଉଛି । କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ପକ୍କାଘର କାର୍ଯ୍ୟାଦେଶ ପାଇବା ପରେ ପ୍ରଥମ କିସ୍ତି ଅର୍ଥକୁ ଚଳୁ କରି ଘର କରୁ ନ ଥିବାରୁ ଦିନକୁ ଦିନ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏଥର ମଧ୍ୟ ସରକାର ୭୫୫୦ କୋଟି ଟଙ୍କା ଅନ୍ତ୍ୟୋଦୟ ଗୃହଯୋଜନା ଲାଗି ବଜେଟ୍‌ରେ ବରାଦ କରିଛନ୍ତି । ଏ ସମସ୍ୟା ସୁଧାରିବାକୁ ହେଲେ ସରକାରୀ ଅଧିକାରୀଙ୍କର ପ୍ରତ୍ୟକ୍ଷ ନିରୀକ୍ଷଣର ଆବଶ୍ୟକତା ରହିଛି ।

ରାଜ୍ୟରେ ପ୍ରଗତି, ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ନିଜେ ନିଜର ପିଠି ଥାପୁଡ଼ାଉଥିବା ସରକାର ଯଦି ବିତ୍ତୀୟ ପରିଚାଳନାକୁ ଦକ୍ଷତାର ସହ ନ ତୁଲାନ୍ତି ତେବେ ଆଗାମୀ ଦିନରେ ଋଣର ଭାର ଆହୁରି ବଢ଼ି ରାଜ୍ୟର ଅର୍ଥନୀତିକୁ ଦୁଃସ୍ଥ କରିପକାଇବ । ମାଗଣା ସରକାରୀ ଯୋଜନା ସମୂହରୁ ଲୋକମାନଙ୍କୁ ବି ଧୀରେ ଧୀରେ ଦୂରେଇ ଆତ୍ମନିର୍ଭରଶୀଳତାର ପନ୍ଥା ଯୋଗାଇ ଦେଲେ ଆମ ରାଜ୍ୟ ସ୍ୱାବଲମ୍ବୀ ହେବା ସହ ପ୍ରକୃତ ଉନ୍ନତି ସମ୍ଭବ ହୋଇପାରିବ । ଏଥିପାଇଁ ସରକାରୀ ଅଧିକାରୀମାନେ ଶୀତତାପ ନିୟନ୍ତ୍ରିତ କୋଠରିରୁ ବାହାରି ଯୋଜନାର ସଠିକ୍ କାର୍ଯ୍ୟକାରିତାକୁ ପରଖିବାକୁ ପଡ଼ିବ । ନ ହେଲେ ବିକାଶ ନାମରେ 'ଧର୍ମକୁ ଆଖିଠାର' ପୂର୍ବକ ସରକାରୀ ତହବିଲର ଅର୍ଥ ବାଟମାରଣା ହୋଇଚାଲିଥିବ ଏବଂ ରାଜ୍ୟ ଓ ରାଷ୍ଟ୍ରର ଅର୍ଥନୀତିକୁ ଦୁଃସ୍ଥ କରିଚାଲିଥିବ । ଗରିବ ଲୋକଙ୍କ ପାଇଁ ସରକାରୀ ଯୋଜନା ଯୋଜନ ଯୋଜନ ଦୂରରେ ରହିଯିବ ।

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

# ରାସ୍ତାରେ ବିତୁଛି ସମୟ

ପ୍ରଣତି ଆଚାର୍ଯ୍ୟ ମିଶ୍ର

କିଛିଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା ଉତ୍କଟ ହୋଇଥିଲା । ବର୍ଷା, ମହୋତ୍ସବ, ରାସ୍ତା ନିର୍ମାଣ ହେଲେ ଏହିଭଳି ସମସ୍ୟା ଆହୁରି ବଢ଼ିଯାଉଛି । ସମ୍ପ୍ରତି ବେଙ୍ଗାଲୁରୁରେ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ସେଠାକାର ଟ୍ରାଫିକ୍ ପୁଲିସ ପ୍ରତି ବୁଧବାର ଘରୁ କାମ କରିବାକୁ ପରାମର୍ଶ ଦେଇଛନ୍ତି । ଆଜି ଏହି ସମସ୍ୟା କେବଳ ଭୁବନେଶ୍ୱର କିମ୍ବା ବେଙ୍ଗାଲୁରୁ ସହରର ନୁହେଁ । ସମଗ୍ର ଦେଶର ସାମାଜିକ ସ୍ଥିତି, ଅର୍ଥନୀତି ଓ ପରିବେଶ ପାଇଁ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି । ଦୀର୍ଘ ସମୟ ଧରି ଟ୍ରାଫିକରେ ଫସି ରହିବା ଲୋକଙ୍କ ମଧ୍ୟରେ ଚାପ, ଚିଡ଼ଚିଡ଼ା ଓ ମାନସିକ ଥକ୍କା ପଣ ବୃଦ୍ଧି କରୁଛି । ଜରୁରିକାଳୀନ ଚିକିତ୍ସା ସେବା, ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଭଳି ସେବା ବାଧାପ୍ରାପ୍ତ ହେଉଛି ।

ସାଧାରଣତଃ ଭାରତର ସମସ୍ତ ଛୋଟବଡ଼ ସହରରେ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଉଛି । ସଡ଼କ ଭିତ୍ତିଭୂମି, ଅସଂଗଠିତ ପରିବହନ ବ୍ୟବସ୍ଥା, ଜନସଂଖ୍ୟା ଘନତା, ଟ୍ରାଫିକ୍ ପରିଚାଳନାରେ ଅପାରଗତା, ଉପଭୋକ୍ତାବାଦୀ ସଂସ୍କୃତି ଏଥିପାଇଁ ଦାୟୀ । ଏକ ଇଂରାଜୀ ଖବରକାଗଜର ରିପୋର୍ଟ ଅନୁଯାୟୀ ଚଳିତ ବର୍ଷର ପ୍ରଥମ ଛଅ ମାସରେ ବେଙ୍ଗାଲୁରୁ ସହରରେ ତିନି



ଲକ୍ଷରୁ ଅଧିକ ନୂତନ ବ୍ୟକ୍ତିଗତ ଯାନ ପଞ୍ଜୀକୃତ ହୋଇଛି । ଆଗରୁ ଏଠାରେ ୧.୨୩ କୋଟିରୁ ଅଧିକ ଯାନ ପଞ୍ଜୀକୃତ ହୋଇସାରିଛି ।

ବିଶ୍ୱସ୍ତରରେ ପ୍ରକାଶିତ ଟ୍ରାଫିକ୍ ସୂଚକାଙ୍କ ଅନୁଯାୟୀ ଟ୍ରାଫିକ୍ ଭିଡ଼ ତାଲିକାରେ କଲମ୍ବିଆର ଭାରାନକ୍ୱିଲା ସହର ପ୍ରଥମ ସ୍ଥାନରେ ଥିବା ବେଳେ ଭାରତର କୋଲକାତା ଦ୍ୱିତୀୟ, ବେଙ୍ଗାଲୁରୁ ଓ ପୁଣେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି । ଏମ୍‌ଷ୍ଟାର୍ଡମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ଅଧ୍ୟୟନ ଦର୍ଶାଇଛି ୨୦୨୩ ମସିହାରେ ବେଙ୍ଗାଲୁରୁ ଓ ପୁଣେ ବିଶ୍ୱର ୧୦ ଟି ସବୁଠାରୁ ଅଧିକ ଟ୍ରାଫିକ ପ୍ରଭାବିତ ସହର ମଧ୍ୟରେ ଯଥାକ୍ରମେ ଷଷ୍ଠ ଏବଂ ସପ୍ତମ ସ୍ଥାନରେ ଥିଲେ । କୋଲକାତା ଓ ବେଙ୍ଗାଲୁରୁରେ ୧୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ହାରାହାରି ୩୩ ମିନିଟ ସମୟ ଲାଗେ । କୋଲକାତାରେ ଟ୍ରାଫିକ୍ ଜାମ୍ ଯୋଗୁଁ ଲୋକଙ୍କୁ ବର୍ଷକୁ ୧୧୦ ଘଣ୍ଟା ଏବଂ ବେଙ୍ଗାଲୁରୁର ଲୋକଙ୍କୁ ୧୧୭ ଘଣ୍ଟା ନଷ୍ଟ କରିବାକୁ ପଡୁଛି । ସେହିପରି ଭାରତର ସମସ୍ତ ସହରର ଲୋକଙ୍କ ଅଧିକ ସମୟ ରାସ୍ତାରେ ନଷ୍ଟ ହେଉଛି ।

୨୦୨୪ ରେ ଓଡ଼ିଶାର ବାହନ ପଞ୍ଜୀକରଣ ସଂଖ୍ୟା ଥିଲା ୧, ୧୭, ୬୨, ୭୯୦ । ୨୦୨୩ ରେ କେବଳ ବ୍ୟବସାୟିକ ବାହନ ବିକ୍ରି ୯୪୯୨ ଥିବା ବେଳେ ୨୦୨୪ରେ ଏହା ବୃଦ୍ଧି ପାଇ ୨୨୩୦୨ ହୋଇଛି । ପ୍ରତି ବର୍ଷ ବାହନ ପଞ୍ଜୀକରଣ ୭% ହାରରେ ବୃଦ୍ଧି ପାଉଛି । ଦେଶରେ ସାଧାରଣ ପରିବହନର ଉପଯୁକ୍ତ ବ୍ୟବସ୍ଥା ଅଭାବରୁ ଘରୋଇ ଯାନବାହନ ସଂଖ୍ୟା ବୃଦ୍ଧି ପାଉଛି । ରୋଡ୍ ଟ୍ରାନ୍ସପୋର୍ଟ ଇୟରବୁକ୍ ୨୦୧୯-୨୦ ଅନୁଯାୟୀ ୨୦୦୧ ମସିହାରେ ପ୍ରତି ୧୦୦୦ ଲୋକଙ୍କ ପାଇଁ ପଞ୍ଜୀକୃତ ମୋଟର ଯାନ ସଂଖ୍ୟା ୫୩ ଥିଲା । ୨୦୨୦ ମସିହାରେ ଏହା ୨୪୬କୁ ବୃଦ୍ଧି ପାଇଛି । ଦେଶର ରାସ୍ତାରେ ମୋଟ ଯାନର ୮୫ ପ୍ରତିଶତ କାର ଓ ଦୁଇଚକିଆ ରହିଛି । ତଥାପି ଭାରତୀୟ ସହରଗୁଡ଼ିକରେ ପରିବହନ ଚାହିଦା ଓ ଯୋଗାଣ ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ଅଛି । ଦେଶରେ ଏପରି ଅନେକ ସହର ଅଛି ଯେଉଁଠାରେ ସାଧାରଣ ପରିବହନ ବ୍ୟବସ୍ଥା ଅପର୍ଯ୍ୟାପ୍ତ ଥିବାରୁ ଅଟୋରିକ୍ସା, ଟ୍ୟାକ୍ସି, କାର ଓ ଦୁଇଚକିଆ ଯାନ ଦ୍ୱାରା ରାସ୍ତାରେ ଭିଡ଼ ସମସ୍ୟା ସୃଷ୍ଟି ହେଉଛି । ଦେଶରେ ୪୫୮ ସହରରୁ କେବଳ ୬୩ ସହରରେ ସାର୍ବଜନୀନ ସିଟି ବସ୍ ବ୍ୟବସ୍ଥା ଅଛି । ମେଟ୍ରୋ ଓ ଉପନଗରୀୟ ରେଳ ସେବା ଯଥାକ୍ରମେ ୧୩ ଓ ୯ ସହରରେ ଉପଲବ୍ଧ । ଦେଶରେ ବର୍ଦ୍ଧିତ ଜନସଂଖ୍ୟା ଏବଂ ଆର୍ଥିକ ଶକ୍ତି ଘରୋଇ ଯାନ କ୍ରୟକୁ ପ୍ରୋତ୍ସାହିତ କରୁଛି ।

ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ୨୦୩୦ ସୁଦ୍ଧା ଭାରତର ମୋଟ ଜନସଂଖ୍ୟା ୧୫୦ କୋଟିରୁ ଅଧିକ ହେବାର ସମ୍ଭାବନା ଅଛି । ୨୦୪୭ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ପ୍ରାୟ ୫୧ ପ୍ରତିଶତ ସହରରେ ବାସ କରିବେ । ବର୍ଦ୍ଧିତ ସହରାଞ୍ଚଳ ଜନସଂଖ୍ୟା ସ୍ପଷ୍ଟ କରୁଛି ଯେ ଆଗାମୀ ବର୍ଷଗୁଡ଼ିକରେ ଭାରତରେ ଟ୍ରାଫିକ ସମସ୍ୟାର ପରିଚାଳନା ଏକ ଆହ୍ୱାନ ହେବ । ସହରଗୁଡ଼ିକରେ ବର୍ଦ୍ଧିତ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଲୋକଙ୍କ ଯାତାୟାତ ପାଇଁ ସ୍ଥାୟୀ ସମାଧାନ ଖୋଜିବା ଆବଶ୍ୟକ । ସାର୍ବଜନୀନ ପରିବହନ ବ୍ୟବସ୍ଥା ବିକଶିତ କରିବାକୁ ପଡ଼ିବ । ଟ୍ରାଫିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ସ୍ମାର୍ଟ ସହରାଞ୍ଚଳ ଯୋଜନା ରଣନୀତି କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି ।

ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଭିଡ଼ ଟିକସ ଏବଂ ବ୍ୟକ୍ତିଗତ ଯାନବାହନ କ୍ରୟ ପାଇଁ ଏକ କଠୋର ପରମିଟ୍ ବ୍ୟବସ୍ଥା ଲାଗୁ କରାଯିବା ଉଚିତ । ସାଇକେଲ ଓ ଚାଲିବା ଅଭ୍ୟାସକୁ ମଧ୍ୟ ପ୍ରୋତ୍ସାହିତ କରିବାକୁ ପଡ଼ିବ ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ସାତ ଲହଡ଼ି ମଠ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ହିନ୍ଦୁ ଧର୍ମ ସଂସ୍କୃତିର ସମସ୍ତ ଶାସ୍ତ୍ର ପୁରାଣ ସଂସ୍କୃତ ଭାଷାରେ ଲେଖା ଯାଇଥିଲା । ସଂସ୍କୃତ ଭାଷା ଶିକ୍ଷା ପ୍ରାୟ ବ୍ରାହ୍ମଣମାନଙ୍କର ଏକଚାଟିଆ ଅଧିକାର ଥିଲା । ଶୁଦ୍ରମୁନି ଶାରଳା ଦାସ ଓଡ଼ିଆ ମହାଭାରତ, ବଳରାମ ଦାସ ଓଡ଼ିଆ ଭାଷାରେ ରାମାୟଣ ଓ ଅଚ୍ୟୁତାନନ୍ଦ ହରିବଂଶ ଲେଖି ଲୋକପ୍ରିୟତା ହାସଲ କଲେ । ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ସେ ସମୟରେ ଓଡ଼ିଶାରେ ଘରେ ଘରେ ପାଠ କରାଗଲା । ତେଣୁ ବ୍ରାହ୍ମଣମାନେ ସାମଗ୍ରିକ ଭାବେ ଏ ସବୁକୁ ସେମାନଙ୍କ କୌଳିକ ବୃତ୍ତିରେ ଅନୁପ୍ରବେଶ ବୋଲି ଧରି ନେଇଥିଲେ ଏବଂ ପଞ୍ଚସଖାଙ୍କୁ ପାନେ ଦେବା ପାଇଁ ସୁଯୋଗ ଅପେକ୍ଷାରେ ରହୁଥିଲେ ।

ଜଗନ୍ନାଥ ଦାସଙ୍କ ଭାଗବତ ବ୍ୟାଖ୍ୟାରେ ମୁଗ୍ଧ ହୋଇ ଗଜପତି ପ୍ରତାପ ରୁଦ୍ରଙ୍କ ପାଟରାଣୀ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରି ଗୁରୁ ମଣିଥିଲେ ଏବଂ ରାଣୀ ମହଲକୁ ଗୁରୁଙ୍କ ରହିବା ପାଇଁ ଦାନ କରିଦେଲେ । ଏ ସବୁ ଦେଖି ଅନ୍ୟମାନେ ଈର୍ଷାରେ ଜଳି ଯାଉଥିଲେ । ରାଣୀ ମହଲରେ ଜଗନ୍ନାଥ ଦୁଇଜଣ ଯୁବତୀଙ୍କୁ ଧରି ରାସଲୀଳା କରୁଥିବା ମନଗଢ଼ା କାହାଣୀ ସୃଷ୍ଟି କରି ସେମାନେ ରାଜାଙ୍କ ଆଗରେ ଫେରାଦ ହେଲେ । କିନ୍ତୁ ତଦନ୍ତ ପରେ ଏ କାହାଣୀ ମିଛ ସାବ୍ୟସ୍ତ ହେଲା । ଏଥର ସେମାନେ ଜଗନ୍ନାଥ ଦାସଙ୍କ ବିରୋଧରେ ନୂଆ ଫନ୍ଦି କରି ଗଜପତିଙ୍କୁ ଏକାନ୍ତରେ ଅଭିଯୋଗ କଲେ, 'ମଣିମା! ଜଗନ୍ନାଥ ଦାସ ଓ ରାଣୀ ମାଆଙ୍କର ସମ୍ପର୍କ ଗୁରୁ-ଶିଷ୍ୟାର ସମ୍ପର୍କଠାରୁ ଅଲଗା । ଏହି ଅଭିଯୋଗ ଆଧାରରେ ରାଜା ଦାସଙ୍କୁ ବନ୍ଦୀ କରି କାରାଗାରରେ ରଖିଲେ ଏବଂ କୈଫିୟତ ତଲବ କଲେ । ଜଗନ୍ନାଥ ଦାସ କହିଲେ, 'ମଣିମା! ମୁଁ ପୁରୁଷ ଲୋକଙ୍କ ସହ ପୁରୁଷ ଏବଂ ନାରୀମାନଙ୍କ ସହ ନାରୀ ରୂପେ ବ୍ୟବହାର କରେ ।' ତହୁଁ ଗଜପତି ପ୍ରମାଣ ସ୍ୱରୂପ ତାଙ୍କର ନାରୀ ରୂପ ଦେଖିବାକୁ ଚାହିଁଲେ । ଅଧାରାତି ସରିକି ବନ୍ଦୀଶାଳାର ପ୍ରହରୀ ଦେଖିଲା ଯେ ଜଗନ୍ନାଥ ଦାସଙ୍କ ଯାଗାରେ ଜଣେ ଅତ୍ୟନ୍ତ ସୁନ୍ଦରୀ ନାରୀ ବସିଥିଲେ । ପ୍ରହରୀଠାରୁ ଖବରପାଇ ଗଜପତି ପ୍ରତାପ ରୁଦ୍ରଦେବ ବନ୍ଦୀଶାଳାରେ ପହଞ୍ଚିଲେ । ଦାସଙ୍କୁ ନାରୀ ସ୍ୱରୂପରେ ଦର୍ଶନ କରି ସେ ଚମତ୍କୃତ ହେଲେ ଏବଂ ତାଙ୍କଠାରୁ କ୍ଷମା ଭିକ୍ଷା କରି କାରାଗାରରୁ ମୁକ୍ତ କରିଦେଲେ ।

ଜଗନ୍ନାଥ ଦାସଙ୍କ ପରି ଜଣେ ଜ୍ଞାନୀ, ଗୁଣୀ, ସିଦ୍ଧ ସାଧକ ବାରମ୍ବାର ଅପମାନିତ ହେବା ଚୈତନ୍ୟ ମହାପ୍ରଭୁଙ୍କୁ ମର୍ମାହତ କଲା । ନିଜେ ଜଗନ୍ନାଥ ଦାସ ମଧ୍ୟ ଦୁଃଖିତ ଥିଲେ । ଦିନେ ଚୈତନ୍ୟ ମହାପ୍ରଭୁ ନଗର ବାହାରକୁ ତାଙ୍କର ଆଶ୍ରମ ସ୍ଥାନାନ୍ତର କରିବା ପାଇଁ ଅନୁରୋଧ କଲେ । କଥାଟା ଜଗନ୍ନାଥଙ୍କ ମନକୁ ପାଇଲା । ସେ ସହର ବାହାରେ ଅନେକ ଦିନ ଖୋଜାଖୋଜି କରି ଶେଷରେ ସମୁଦ୍ର କୂଳରେ ଏକ ନିକାଞ୍ଚନ ଯାଗା ଚୟନ କଲେ । କୁଡ଼ିଆ ଖଣ୍ଡେ ତିଆରି କରିବା ପାଇଁ ତାଙ୍କ ପାଖରେ କଉଡ଼ି ନ ଥିଲା । ତେଣୁ ଆନନ୍ଦ ବଜାରରୁ ସେ ଅନେକ ବ୍ୟବହୃତ କୁଡୁଆ ସଂଗ୍ରହ କଲେ । ମାଟି କୁଡୁଆକୁ ଖଞ୍ଜି ଏକ ଗୁମ୍ଫା ନିର୍ମାଣ କରି ତା' ଭିତରେ ସାଧନା ଜାରି ରଖିଲେ । ସେ ଗୁମ୍ଫା କେତେବେଳେ ସମୁଦ୍ର ଯୁଆର ମାଡ଼ରେ ତ ଆଉ କେତେବେଳେ ଝଡ଼ ତୋଫାନରେ ଭାଙ୍ଗି ଯାଉଥିଲା । ବାରମ୍ବାର ତାକୁ ନିର୍ମାଣ କରିବା ଦାସଙ୍କ ପକ୍ଷେ ସମ୍ଭବ ହେଲା ନାହିଁ । ତେଣୁ ସେ ବରୁଣ ଦେବତାଙ୍କୁ ଆରାଧନା କରି ପ୍ରାର୍ଥନା କଲେ, 'ବରୁଣ ଦେବ! ଆପଣଙ୍କ ଲହଡ଼ି ମାଡ଼ରେ ଗୁମ୍ଫା ଭାଙ୍ଗି ଯାଉଥିବାରୁ ପ୍ରଭୁଙ୍କ ସାଧନାରେ ବ୍ୟାଘାତ ସୃଷ୍ଟି ହେଉଛି । ତେଣୁ ଆପଣ ସାତ ଲହଡ଼ି ପରିମିତ ଅଞ୍ଚଳରୁ ଅପସରି ଯିବା ପାଇଁ ପ୍ରାର୍ଥନା କରୁଛି ।'

ଦାସଙ୍କ ପ୍ରାର୍ଥନାରେ ବରୁଣ ଦେବ ସାତ ଲହଡ଼ି ପରିମିତ ଅଞ୍ଚଳରୁ ଅପସରି ଗଲେ । ତା' ପରେ ଜଗନ୍ନାଥ ଦାସଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ପବନ ଦେବତା ମଧ୍ୟ ସେହି ଅଞ୍ଚଳରେ ତାଙ୍କ ଗତିର ବେଗ ଧୀର କରିବାକୁ ସମ୍ମତ ହେଲେ । ଅତିବଡ଼ି ସେଠାରେ ନିରାପଦ ଭାବେ ସାଧନା ଜାରି ରଖିଲେ । କାଳକ୍ରମେ ଶିଷ୍ୟମାନଙ୍କ ସହାୟତାରେ ସେଠାରେ ଏକ ଆଶ୍ରମ ଗଢ଼ି ଉଠିଲା । ସେ ଆଶ୍ରମ ଏକ ବିରାଟ ଅନୁଷ୍ଠାନରେ ପରିଣତ ହେଲା । ସମୁଦ୍ର ସାତ ଲହଡ଼ି ପର୍ଯ୍ୟନ୍ତ ଘୁଞ୍ଚି ଯାଇଥିବାରୁ ସେ ଅନୁଷ୍ଠାନ 'ସାତ ଲହଡ଼ି ମଠ' ନାମରେ ନାମିତ ହେଲା । ସେ ବିଷୟରେ ମହାତ୍ମା ଅଚ୍ୟୁତାନନ୍ଦ 'ଉଦୟ କାହାଣୀ'ରେ ଲେଖିଛନ୍ତି- 'ଜଗନ୍ନାଥ ଦାସ ନୀଳାଞ୍ଚଳରେ ସମାଧି ଥାପନା ବରୁଣ ପୁରେ / ସାତ ଲହଡ଼ି ଯେ ଛାଡ଼ିଣ ଗଲା ଜଗନ୍ନାଥ ତହିଁ ଆଶ୍ରମ କଲା ।

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୧୬ ● ପାଉଣ୍ଡ ୧୧୯.୮
- ୟୁରୋ ୧୦୩.୬୧ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୭,୨୫୦ (ନୂଆଦିଲ୍ଲୀ)
- ରୁପା : ୧,୨୯,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନସେକ୍ସ ୮୦,୧୫୭.୦୦
- ନିଫ୍ଟି ୨୪,୫୭୯.୦୦




**ପେଟ୍ରୋଲ୍-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଟ୍ରମ୍ପଙ୍କ ନୂଆ ଯୋଜନା

# ଭାରତରୁ ଔଷଧ ଆମଦାନୀ ଉପରେ ୨୦୦% ଟାରିଫ୍



ୱାଶିଂଟନ୍, ୨।୯(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଦେଶରୁ ଆସୁଥିବା ଔଷଧ ଉପରେ ମଧ୍ୟ ୨୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଭାରତ ଭଳି ସମସ୍ତ ଦେଶକୁ ପ୍ରଭାବିତ କରିବ ଯେଉଁମାନେ ଆମେରିକାକୁ ଔଷଧ ଯୋଗାଣ କରନ୍ତି। ଯଦିଓ, ଭାରତକୁ ବର୍ତ୍ତମାନ ପାଇଁ ଏଥିରୁ ଦୂରରେ ରଖାଯାଇଛି, କିନ୍ତୁ ଆଗାମୀ ସମୟରେ ଏହାର ପ୍ରଭାବ ଭାରତ ଉପରେ ମଧ୍ୟ ଦେଖାଯିବ।

କିନ୍ତୁ ଯଦି ଏହି ଶୁଳ୍କ ଭାରତ ଉପରେ ମଧ୍ୟ ଲାଗୁ କରାଯାଏ, ତେବେ ଏହାର ଔଷଧ, ଜୈବିକ ରାସାୟନିକ ଏବଂ ଚିକିତ୍ସା ଉପକରଣ ରପ୍ତାନିକୁ ପ୍ରଭାବିତ କରିବ। ସେହି ସମୟରେ, ଶୁଳ୍କ ଯୋଗୁଁ ଆମେରିକା ମଧ୍ୟ କ୍ଷତି ସହିବ। ଫଳସ୍ୱରୂପ ସେଠାରେ ଔଷଧର ମୂଲ୍ୟ ବୃଦ୍ଧି ପାଇବ। ଏମିତିକି ଔଷଧ ଷ୍ଟକ୍ ଅଭାବ ହୋଇପାରେ।

**ପ୍ରଭାବିତ ହେବ ଔଷଧ ଉତ୍ପାଦ, ଜୈବିକ ରାସାୟନିକ ଏବଂ ଚିକିତ୍ସା ଉପକରଣ ରପ୍ତାନି**

**ଆମେରିକା ଔଷଧ ସାମଗ୍ରୀ ହେବ ମହଙ୍ଗା**

ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଆମଦାନୀ ଔଷଧ ଉପରେ ଭାରୀ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଉଛି। ଅଧିକାରୀମାନେ କିଛି ଔଷଧ ଉପରେ ସାର୍ବଜନୀନ ଭାବରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଉଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ନୀତି ମୂଲ୍ୟ ବୃଦ୍ଧି କରିପାରେ ଏବଂ ଯୋଗାଣ ଶୃଙ୍ଖଳାକୁ ବାଧା ଦେଇପାରେ। ତଥାପି, ଏହା ଭାରତକୁ ଔଷଧ ଶୁଳ୍କରୁ ଦୂରେଇ ରଖିବା ପାଇଁ କୁହାଯାଇଛି। କିନ୍ତୁ ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ କୌଣସି ସମୟରେ ଏହା ଭାରତର ରପ୍ତାନିକୁ ପ୍ରଭାବିତ କରିପାରେ। ବାଣିଜ୍ୟ ଅର୍ଥନୀତିର ତଥ୍ୟ ଅନୁଯାୟୀ, ଭାରତ ୨୦୨୪ ମସିହାରେ ଆମେରିକାକୁ ମୋଟ ୮.୭୨ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଔଷଧ ଉତ୍ପାଦ ରପ୍ତାନି କରିଥିଲା। ଏହା ମଧ୍ୟ ପ୍ରଭାବିତ ହୋଇପାରେ।

ଭାରତରୁ ଆମେରିକାକୁ ରପ୍ତାନି ହୋଇଥିବା ଜୈବିକ ରାସାୟନିକ ପଦାର୍ଥ ୨.୫୬ ବିଲିୟନ ଆମେରିକୀୟ ଡଲାର ଥିଲା, ଯାହା ଆମେରିକାରୁ ଭାରତକୁ ୩.୫୪ ବିଲିୟନ ଆମେରିକୀୟ ଡଲାର ଅଧିକ ଆମଦାନୀ କରୁଥିଲା। ଭାରତ ବିଶ୍ୱ ସ୍ତରରେ ଜୈବିକ ରାସାୟନିକ ପଦାର୍ଥର ଏକ ପ୍ରମୁଖ ରପ୍ତାନିକାରୀ ଏବଂ ଆମେରିକା ଏହାର ସବୁଠାରୁ ବଡ଼ ବଜାର। ଅପରପକ୍ଷରେ, ଚିକିତ୍ସା ଉପକରଣ ବିଷୟରେ କହିବାକୁ ଗଲେ ଭାରତ ମଧ୍ୟ ଆମେରିକାକୁ ବହୁ ପରିମାଣର ଚିକିତ୍ସା ଉପକରଣ ରପ୍ତାନି କରେ। ଶୁଳ୍କ ଏହା ଉପରେ ପ୍ରଭାବ ପକାଇବ। କାରଣ ଅଧିକ ଶୁଳ୍କ ଯୋଗୁଁ ଆମେରିକୀୟ ବଜାରରେ ସାମଗ୍ରୀ ମହଙ୍ଗା ହେବ। ତଥାପି, ଭାରତ ଆମେରିକାରୁ ପ୍ରାୟ ୫.୭ ବିଲିୟନ ଆମେରିକୀୟ ଡଲାରର ସାମଗ୍ରୀ ଆମଦାନୀ କରେ। କାରଣ ଭାରତ ଏହାର ଉଚ୍ଚମାନର ଚିକିତ୍ସା ଉପକରଣ ଆବଶ୍ୟକତା ପାଇଁ ଆମେରିକା ଉପରେ ନିର୍ଭରଶୀଳ।

## କୃଷକଙ୍କ ଅଭିଯୋଗ ପାଇଁ ରହିବ ଉତ୍ସର୍ଗୀକୃତ ପୋର୍ଟାଲ୍

ନୂଆଦିଲ୍ଲୀ,୨।୯(ଏଜେନ୍ସି): କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଆଜି ଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକ କରି କୃଷକମାନଙ୍କ ଅଭିଯୋଗର ସମାଧାନ କରିଛନ୍ତି। କଲ୍ ସେଣ୍ଟର ଏବଂ ଅନ୍ୟ ପୋର୍ଟାଲ ମାଧ୍ୟମରେ କୃଷକମାନଙ୍କଠାରୁ ପ୍ରାପ୍ତ ଅଭିଯୋଗର ସମାଧାନର ସମୀକ୍ଷା କରିଛନ୍ତି। ବୈଠକରେ ଶ୍ରୀ ସିଂ ପୃଥକ ପୋର୍ଟାଲ ପରିବର୍ତ୍ତେ କୃଷକମାନଙ୍କ ଅଭିଯୋଗ, ପରାମର୍ଶ ଏବଂ ଅନ୍ୟାନ୍ୟ ସହାୟତା ପାଇଁ ଏକ ଉତ୍ସର୍ଗୀକୃତ ପୋର୍ଟାଲ ପ୍ରସ୍ତୁତ କରିବା ଏବଂ ଯଥାଶୀଘ୍ର ସମସ୍ୟାର ଉପଯୁକ୍ତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ଯେ ସେ ନିଜେ ନିୟମିତ ଭାବେ କୃଷକମାନଙ୍କଠାରୁ ଆସିଥିବା ଅଭିଯୋଗର ସମୀକ୍ଷା କରିବେ ଯାହାଦ୍ୱାରା ସେମାନଙ୍କୁ ତୁରନ୍ତ ଆଶ୍ୱସ୍ତି ପ୍ରଦାନ କରାଯାଇପାରିବ।


**AFFIDAVIT**

I, Swagat Kumar Das, S/o- Banambar Das, resident of AT/PO-Mahu, PS - Aul, Dist - Kendrapara, Pin- 754231, Odisha, declare by this affidavit No - 1424, dated - 22.08.2025,declare that now onwards I shall be known as **SWAGATA KUMAR DAS** for all future porpuses.

**NOTICE**
**(Above 18 years of age)**

By Virtue of an Affidavite sworn before the Exicutive Magistrate, Baripada, Mayurbhnaj, dated 02-05-2025 I, Sushanta Murmu, Address AT- Dubulabeda, PO- Kuabeda, PS- Chandua, Dist- Mayurbhanj, PIN-757014 declare that I have changed my name Shushant Murmu to Sushanta Murmu . Henceforth I shall be known as Sushanta Murmu for all purposes.

**AFFIDAVIT**

I, Mukta Golari, D/o- Reli Pujari, W/o- Harichandra Golari resident of Vill./Po.- Hatibari, Ps.- Padwa, Dist.- Koraput, Odisha-764038 state vide affidavit no.77 dtd.02.9.2025 that, I have changed my name from my former name **Mukta Pangi** to **Mukta Golari**. Henceforth I shall be known as **Mukta Golari** for all future purposes.

**AFFIDAVIT**

I, Radheshayam Agrawal, aged about 56 years, S/o- Late Ramesh Kumar Agrawal, resident of Plot No.1061, Flat No. C1, Sai Tower, PS- Nayapalli, Bhubaneswar, Dist- Khordha, Odisha, PIN- 751012 declared by this affidavit No. 313, dtd- 01/09/2025 that now onwards I shall be known as **RADHESHYAM AGRAWAL** for all future purposes.

**AFFIDAVIT**

By virtue of an affidavit before the Notary Public, Bhubaneswar on dt 01.09.2025, I have changed my name from Akshaya Kumar Baral to Akshay Baral. Henceforth I shall be known as Akshay Baral for all purposes.

**Sd/- Akshay Baral**

**NOTICE (For Minor)**

By virtue of an affidavit sworn before The Notary Public, Udala, Mayurbhanj, dated 02-09-2025 I, Kuna Tudu, Address AT/PO-Athapada, PS-Udala, Dist- Mayurbhanj, PIN- 757087 declare that I have changed the name of my daughter from Sininga Tudu to Siniga Tudu. Henceforth, she shall be known as Siniga Tudu for all purposes.

**Kuna Tudu**

**AFFIDAVIT**

I, Rosalini Tripathy @ Rosalin Mishra, W/o Devi Prasad Tripathy, resident of Tala Sahi, Po/Ps/Dist- Malkangiri -764 045, Odisha declare by this Affidavit No.3619, Dated - 02/09/2025, that now onwards I shall be known as Rojalin Tripathy for all future purpose.

**Sd/- Rojalin Tripathy**

**AFFIDAVIT**

By virtue of an affidavit sworn before Excutive magistrate, Soro on 28.7.2025 I, Manasi Bindhani, At- Champu, Po- Angula, Soro, Balasore, declare that I am the Mother guardian of the Minor Sasmita Bindhani. I have changed her name from Sasmita Das to Sasmita Bindhani. Henceforth, she will be known as Sasmita Bindhani for all purposes.

**AFFIDAVIT**

I, Fsharat Sahu, S/O - Mochiram Sahu, Resident of Badanairi, PO- Sananairi, PS- Nachuni, Dist - Khorda, Odisha, PIN- 752034, declare by this affidavit No - 328, dated - 13.05.2025, that now onwards I shall be known as **SARAT SAHU** for all future purposes.

**AFFIDAVIT**

By virtue of an affidavit sworn before Excutive magistrate, Soro on 28.7.2025 I, Manasi Bindhani, At- Champu, Po- Angula, Soro, Balasore, declare that I am the Mother guardian of the Minor Sivhasankar Bindhani. I have changed his name from Sivhasankar Das to Sivhasankar Bindhani. Henceforth, she will be known as Sivhasankar Bindhani for all purposes.

**AFFIDAVIT**

I, Jogendra Panigrahi, S/o- Gopinath Panigrahi, resident of Plot No-3644, Patharagadia, Po- Kiit, Kalarahanga, Bhubaneswar, Dist- Khurda, PIN- 751024, Odisha declared by this affidavit No-708, dtd- 01/09/2025 that now onwards I shall be known as **JOGINDRA PANIGRAHI** for all future purposes

**AFFIDAVIT**

By virtue of an affidavit before The Notary Public, Titilagarh, on dated- 02/09/2025. I, **Smt. Punni Bai** (new name) formerly called as Puni Kharsel (old name), W/o Late Moti Bhado, Permanent resident of At- Brahmanipada Adabahal, P.O.- Kholan, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Puni Kharsel** (old name) to **Punni Bai** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Punni Bai** (new name).

**Punni Bai**

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 02/09/2025. I, **Lemu Nag** (new name) formerly called as Mohan Nag (old name), S/o Late Jarman Nag, Permanent resident of Rahenbhata P.O. Malisira, P.S. Titilagarh, Dist- Bolangir (Odisha), PIN- 767037 now residing at the same place affirm that I have changed my name from **Mohan Nag** (old name) to **Lemu Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Lemu Nag** (new name).

**Lemu Nag**

**AFFIDAVIT**

I, Shaikh Nazir, H/o- Rani Parbin, resident of Bibhutipur, Merdakatia Chhak, Dist- Jajpur, PIN- 755006, Odisha declared by this affidavit No-709, dtd- 01/09/2025 that now onwards I shall be known as **SK NAZIR** for all future purposes.

**AFFIDAVIT**

By virtue of an affidavit (CF No. 06) sworn before The Notary Public, Padampur on dated- 02/09/2025. I, **Anjalee Sahu,** W/o- Dhaneswar Pradhan, permanent resident of At- Dhaurabhata, Po- Putka, Ps- Jagdalpur, Dist- Bargarh, Odisha, Pin- 768036 declare that I have changed my name from **Anjali Pradhan** (old name) to **Anjalee Sahu** (new name). Henceforth, I shall be known as **Anjalee Sahu** (new name), W/o Dhaneswar Pradhan for all future purposes.

**Anjalee Sahu**

**AFFIDAVIT**

By virtue of an affidavit No-1262 sworn before the Executive Magistrate, Begunia on dtd- 01/09/2025. I, Manmatha Prakash Bahubalendra, S/o- Narahari Bahubalendra, resident of At/Po/Ps-Begunia, Dist- Khordha, Odisha declare that, my minor son Aadhar Card bearing No- 3098 1004 0725. I have changed my minor son name from **Asribad Bahubalendra** (old name) to **Ashirbad Bahubalendra** (new name) Henceforth, both the names Asribad Bahubalendra and Ashirbad Bahubalendra is one & same person and he will be known as **Ashirbad Bahubalendra** for all future purposes.


## ରେଳ କର୍ମଚାରୀଙ୍କୁ ମିଳିବ ଅଧିକ ବୀମା ଲାଭ

# ଦୁର୍ଘଟଣା ଜନିତ ମୃତ୍ୟୁରେ ୧ କୋଟିର ବୀମା ସୁରକ୍ଷା



ନୂଆଦିଲ୍ଲୀ,୨।୯(ଏଜେନ୍ସି): କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ଭାରତୀୟ ରେଳବାଇ ଏବଂ ଭାରତୀୟ ଷ୍ଟେଟବ୍ୟାଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ର ଅଧୀନରେ ଏସବିଆଇରେ ବେତନ ଖାତା ଥିବା ରେଳ କର୍ମଚାରୀଙ୍କ ପାଇଁ ବୀମା ସୁରକ୍ଷାରେ ଉଲ୍ଲେଖନୀୟ ବୃଦ୍ଧି କରାଯାଇଛି। ଦୁର୍ଘଟଣାଜନିତ ଆକସ୍ମିକ ମୃତ୍ୟୁ ସ୍ଥିତିରେ ବୀମା ରାଶିକୁ ବଢ଼ାଇ ୧ କୋଟି ଟଙ୍କା କରି ଦିଆଯାଇଛି। ଅନ୍ୟପକ୍ଷରେ ସିଜିଇଜିଆଇଏସ ଅଧୀନରେ ଆସୁଥିବା ଗ୍ରୁପ୍ ଏ, ବି ଏବଂ ସି କର୍ମଚାରୀଙ୍କ ପାଇଁ ବର୍ତ୍ତମାନର ସୁରକ୍ଷା ଯଥାକ୍ରମେ ୧.୨୦ ଲକ୍ଷ ଟଙ୍କା, ୬୦ ହଜାର ଟଙ୍କା ଏବଂ ୩୦ ହଜାର ଟଙ୍କା ରହିଛି। ଏହାବ୍ୟତୀତ କେବଳ ଏସବିଆଇରେ ବେତନ ଖାତା ଥିବା ସବୁ ରେଳ କର୍ମଚାରୀଙ୍କୁ ଏବେ ବିନା କୌଣସି ପ୍ରିମିୟମରେ କିମ୍ବା ଡାକ୍ତରୀ ପରୀକ୍ଷା ନ କରାଇ ମଧ୍ୟ ୧୦ ଲକ୍ଷ ଟଙ୍କାର ପ୍ରାକୃତିକ ମୃତ୍ୟୁ ଜନିତ ବୀମା ସୁରକ୍ଷା ମିଳିପାରିବ। ପ୍ରାୟ ୭ ଲକ୍ଷ ରେଳ କର୍ମଚାରୀଙ୍କର ଏସବିଆଇରେ ବେତନ ଖାତା ରହିଥିବା କାରଣରୁ ଏହି ବୁଝାମଣାପତ୍ର କର୍ମଚାରୀ କଲ୍ୟାଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଏହା ଭାରତୀୟ ରେଳ ଏବଂ ଏସବିଆଇ ମଧ୍ୟରେ ଏକ ସମ୍ବେଦନଶୀଳ ଏବଂ ମାନବୀୟ ସହଭାଗୀତାକୁ ପ୍ରତିଫଳିତ କରେ। ଏହି ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳ ବୋର୍ଡର ଅଧ୍ୟକ୍ଷ ସତୀଶ କୁମାର ଏବଂ ଏସବିଆଇର ଅଧ୍ୟକ୍ଷ ସି.ଏସ ସେଟ୍ଟୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ର ଅଧୀନରେ କେତେକ ପ୍ରମୁଖ ଅନୁକୂଳ ବୀମା ସୁରକ୍ଷା ମଧ୍ୟ ରହିଛି। ରେଳ କର୍ମଚାରୀଙ୍କୁ ୧.୬ କୋଟି ଟଙ୍କାର ବିମାନ ଦୁର୍ଘଟଣା (ମୃତ୍ୟୁ) ବୀମା ସୁରକ୍ଷା ଏବଂ ରୂପେ ଡେବିଟ୍ କାର୍ଡ ଉପରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ବୀମା ସୁରକ୍ଷା ମିଳିବ।

# ସପ୍ପିର 'ଦି ଗ୍ରାଣ୍ଡ ସପ୍ପି ମେଳା'

ଭୁବନେଶ୍ୱର,୨।୯(ସମିସ) : ଆଗାମୀ ଉତ୍ସବ ଋତୁ ପାଇଁ ଭାରତ ଯେହେତୁ ନିଜକୁ ପ୍ରସ୍ତୁତ କରୁଛୁ, ଫ୍ଲିପକାର୍ଟର୍ ପରି.ଳିତ ସପ୍ପି ବର୍ଷର ସବୁଠାରୁ ବୃହତର ସେଲ ସହିତ ସର୍ବାଦୃତ୍ ସପିଂ ପାଳନର ଉତ୍ସବ, ଦି ଗ୍ରାଣ୍ଡ ସପ୍ପି ମେଳା (ଜିଏସଏମ) ପୁଣି ଥରେ ନେଇ ଆସୁଅଛି। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୦୭ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଏହି କାର୍ଯ୍ୟକ୍ରମ ଅନେକଗୁଡ଼ିଏ ଅବିସ୍ମରଣୀୟ ଉତ୍ସାହ ସହିତ ଏହାର ପ୍ରସଙ୍ଗ ରହିଛି "ଐସେ ଗିରେଙ୍ଗେ ଦାମ୍, ସପିଙ୍ଗ ହୋଗି ସୁବହ ଶାମ। ସପିଙ୍ଗ ଉତ୍ସାହ ବୃଦ୍ଧି ପାଇବା ସହିତ ଗ୍ରାହକମାନେ ସେମାନଙ୍କର ସ୍ନେହ ଏବଂ ଉତ୍ସାହକୁ ଆହୁରି ଅଧିକ ମାତ୍ରାରେ ବୃଦ୍ଧି କରିବା ସହିତ ଏହି ଉତ୍ସବ ଋତୁରେ ଆଗକୁ ନେଉଛନ୍ତି ଯାହା ଫଳରେ ସପ୍ପି ସେମାନଙ୍କୁ ତଥା ସେମାନଙ୍କ ପରିବାରକୁ ସମଗ୍ର ଭାରତରେ ନିଜର ପକେଟକୁ ସୁହାଇଲା ଭଳି ବଜେଟକୁ ନେଇ ସାହାଯ୍ୟ କରୁଅଛି। ଚଳିତବର୍ଷ,ଜିଏସଏମ ୧୪୯ ଟଙ୍କା ଭିତରେ ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱ ଉତ୍ପାଦନକୁ ସମଗ୍ର ଫ୍ୟାସନ, ଜୀବନଶୈଳୀ, ଘର ତଥା ସୌନ୍ଦର୍ଯ୍ୟକାରୀତାକୁ ନେଇ ବୃଦ୍ଧି କରିବା ସହିତ ଏକ ଚିନ୍ତାଶୀଳ ଗଠନମୂଳକ ମୂଲ୍ୟ ସଚେତନଯୁକ୍ତ ସପିଙ୍ଗ ପାଇଁ ଏହାକୁ ସଠିକ୍ ଭାବରେପ୍ରସ୍ତୁତ କରିପାରିଛି।


यूनियन बैंक ऑफ इंडिया Union Bank of India
भारत सरकार का उपक्रम — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର- ୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୩୯୭୦୬ /** **୧) କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, **୨) ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, **୩) ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା: କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା- ୭୬୧୧୨୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବାସନ୍ତୀ ଶତପଥୀଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୬୮୯ ଏବଂ ୫୬୯୦, ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୨,୧୯,୦୦୦/- / ଟ. ୨,୨୨,୦୦୦/- / ଟ. ୨୨,୫୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |
| ୨. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୩୯୭୦୬ /** **୧) ରବିନ୍ଦ୍ରନାଥ ସେଠୀ,** ପିତା: ଖଡାଳ ସେଠୀ, ସ୍ଥାୟୀ ଠିକଣା- କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୧୧୭, **୨) ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, **୩) ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍‌କୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା / **ମୋଟ ବକେୟା: ୦୮.୦୫.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ରବିନ୍ଦ୍ରନାଥ ସେଠୀଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୩୪,୦୦୦/- / ଟ.୨,୧୩,୫୦୦/- / ଟ.୨୧,୫୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |
| ୩. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୩୯୭୦୬ /** **୧) ପ୍ରମୋଦ କୁମାର ଆରୁଖ,** ପିତା: ସ୍ୱ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, **୨) କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, **୩) ସୁମନ୍ତ ଦିହୁଡି,** ପିତା: ସନ୍ୟାସୀ ଦିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ / **ମୋଟ ବକେୟା: ୦୧.୦୧.୨୦୨୦ ସୁଦ୍ଧା ଟ.୯,୦୨,୩୫୮.୬୨** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ପ୍ରମୋଦ କୁମାର ଆରୁଖଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ଟ.୬,୫୪,୦୦୦/- / ଟ.୬୫,୫୦୦/- / ଟ.୬,୬୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |
| ୪. | **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୭୭୫୦୦୩୬୬୬୮/** **୧(କ) ଶ୍ରୀ ସଞ୍ଜୟ ରାଉଳ,** ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୦୦୩ **(ଋଣଗ୍ରହୀତା), ୧(ଖ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ସହ-ଋଣଗ୍ରହୀତା), ୨(କ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ବନ୍ଧକଦାତା) / ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୫,୫୪,୩୯୨.୩୩** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଧୋବା ରାଉଳଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ଟ.୯,୭୫,୦୦୦/- / ଟ.୯୭,୫୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 149411980050000 IFSC Code: UBIN0814946 |
| ୫. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** **୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, **୨) ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘ୍ନ ବେହେରା, **୩) ଶତ୍ରୁଘ୍ନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / **ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଶତ୍ରୁଘ୍ନ ବେହେରାଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୨,୯୦,୦୦୦/- / ଟ.୧,୨୯,୦୦୦/- / ଟ.୧୨,୯୦୦/- | ଆକାଉଣ୍ଟ ନଂ.: 008511980050000 IFSC Code: UBIN0800856 |

**ଇ-ନିଲାମ ତାରିଖ ଏବଂ ସମୟ : ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com**

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୨୬.୦୯.୨୦୨୫ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା**

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୫.୦୯.୨୦୨୫ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ**

**ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨**

**ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।**

ସ୍ଥାନ: ବ୍ରହ୍ମପୁର
ତାରିଖ: ୦୨.୦୯.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**THE MAYURBHANJ CENTRAL CO-OPERATIVE BANK LTD,**
AT/PQ. BARIPADA, DIST-MAYURBHANJ PIN-757001 (ODISHA)
Ph. (CEO): (06792)252315, Email: ceo@mccbank.org.in
esst@mccbank.org.in

MCCB/No. 1464 / 2025-26 Date: 29/07/2025

**Office Premises required at Baripada. Mayurbhanj**

The Bank desires to acquire on long term lease Office Premises for Bank purpose at Baripada, Mayurbhanj, Odisha preferably on Ground Floor having two rooms (14ft. x 12ft.) with varandah along with toilet facility and parking facility within the postal area of Baripada having Pin Code No.757001. Interested parties owing suitable premises may contact the Chief Executive Officer, Mayurbhanj Central Co-operative Bank Ltd., Baripada during office hour within 15 days from the date of publication of this advertisement.

After negotiation the Bank will final the suitable premises. The terms & conditions will be decided during negotiation.

**Sd/- Chief Executive Officer**
**M.C.C. Bank Ltd., Baripada**

# ଥୁଆମୂଳ ରାମପୁର ବ୍ଲକ୍‌ରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

■ ଶବ ବାହକ ଗାଡ଼ି ଉପଲବ୍ଧ ନାହିଁ
■ ଘଣ୍ଟା ଘଣ୍ଟା ପଡି ରହୁଛି ଶବ

ଥୁଆମୂଳରାମପୁର,୨।୯(ସମିସ): ଘଣ୍ଟା ଘଣ୍ଟା ଧରି ଶବ ପଡିଥିଲେ ସୁଦ୍ଧା ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା କି ଗାଁକୁ ନେବା ପାଇଁ ପହଞ୍ଚିପାରୁନି ଶବ ବାହକ ଗାଡ଼ି। ଏଭଳି ଏକ ବିକଳ ଚିତ୍ର କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଅଞ୍ଚଳରେ ଦେଖିବାକୁ ମିଳିଛି। ସୋମବାର ରାତି ପ୍ରାୟ ୮ ଘଣ୍ଟା ସମୟରେ ଅଡ୍ରୀ ଗୁଞ୍ଜମାଳିପଡାର ବଳରାମ ଝୋଡିଆ ନାମକ ଜଣେ ଯୁବକ ଜୟପାଟଣା ଅଞ୍ଚଳରୁ ବାଇକ୍‌ରେ ଫେରୁଥିବା ବେଳେ ନିୟନ୍ତ୍ରଣ ହରାଇ ବଡଛତ୍ରଙ୍ଗ ନିକଟ ଏକ ପୋଲରେ ପିଟି ହୋଇ ପୋଲ ତଳେ ପଡି ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇ ଥୁଆମୂଳ ରାମପୁର ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ପରିବାର ଲୋକଙ୍କୁ ଅପେକ୍ଷା କରିଥିଲା।ପରେ ମୃତ ଯୁବକଙ୍କ ପରିବାର ତଥା ଗାଁ ଲୋକେ ପହଞ୍ଚିଥିଲେ। ହେଲେ ଶବ ବାହକ ଗାଡି ଉପଲବ୍ଧ ନଥିବା ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।ରାତିର ଅନ୍ଧାର ସହିତ ପ୍ରବଳ ବର୍ଷାରେ ରାତି ତମାମ ଶବଟିକୁ ଜଗି ରହିଥିଲେ।ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇବାକୁ ଶବ ବାହକ ଗାଡି ସହିତ ଯୋଗାଯୋଗ କରିଥିଲେ ମଧ୍ୟ ଗାଡି ବ୍ୟବସ୍ଥା ହୋଇ ପାରିନଥିଲା। ପ୍ରାୟ ୧୮ ଘଣ୍ଟା ଅପେକ୍ଷା ପରେ ଜୟପାଟଣା ଠାରୁ ଶବ ବାହକ ଗାଡି ପହଞ୍ଚିଲା।ଏବଂ ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଗଲା। ଏହି ଘଟଣା ଉପରେ ସାଧାରଣ ଲୋକଙ୍କ ମଧ୍ୟରେ ସରକାରଙ୍କୁ ଆକ୍ଷେପ କଲା ଭଳି ପ୍ରତିକ୍ରିୟା ରହିଥିଲା।ଥୁଆମୂଳ ରାମପୁର ଭଳି ବଣପାହାଡ ଘେରା ବିସ୍ତୀର୍ଣ୍ଣ ଅଞ୍ଚଳରେ ଶବ ବାହକ ଗାଡି ଖଣ୍ଡେ ନଥିବା ବାସ୍ତବରେ ବିଡମ୍ବନାର ବିଷୟ। ଯେତେବେଳେ ବି ଏଭଳି ଘଟଣା ଯଦି ସାମ୍ନାକୁ ଆସେ ସେତେବେଳେ ୨୦୧୬ ମସିହାରେ ନିଜ ସ୍ତ୍ରୀର ଶବକୁ କାନ୍ଧରେ ବୋହି ୧୨ କିଲୋମିଟର ଚାଲିବା ସେଇ ବିକଳ ଚିତ୍ର ମନେ ପଡିଯାଏ।ସେଇ ସମୟରେ ମଧ୍ୟ ଶବ ବାହକ ଗାଡି ମିଳି ପାରିନଥିଲା ଦାନ ମାଝୀ ଭାଗ୍ୟରେ। ଦାନ ମାଝୀଙ୍କ ସେଇ ଘଟଣା ପାଇଁ ସରକାରଙ୍କ ସ୍ୱାସ୍ଥ୍ୟସେବା ଉପରେ ଅନେକ ପ୍ରଶ୍ନ ଉଠିଥିଲା। ଏଭଳି କି ଏହି ଘଟଣାକୁ ନେଇ ସରକାର ନିନ୍ଦିତ ମଧ୍ୟ ହୋଇଥିଲେ। ହେଲେ ଏଭଳି ଘଟଣା ବାରମ୍ବାର ଘଟି ଆସୁଥିଲେ ଆଜି ବି ଏହି ସମସ୍ୟା ସୁଧୁରି ପାରିନି। ସରକାରଙ୍କ ଆନ୍ତରିକତା ଅଭାବ ଓ ବୈମାତୃକ ମନୋଭାବ ହିଁ ଦାୟୀ ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି।ଶବ ବାହକ ଗାଡି ଯୋଗାଇବା ପାଇଁ ବାରମ୍ବାର ଦାବି ହୋଇ ଆସୁଛି ଯାହାକୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ସୁଦ୍ଧା ଅଣଦେଖା କରାଯାଉଛି। ସାଂସଦ , ମନ୍ତ୍ରୀ, ବିଧାୟକ ଏବଂ ଜିଲ୍ଲା ପ୍ରଶାସନ ଶବ ବାହକ ଗାଡି ଯୋଗାଇବା ନେଇ ଅନେକ ପ୍ରତିଶ୍ରୁତି ଦେଉଥିଲେ ହେଲେ ଆଜି ବି ଫମ୍ପା ପ୍ରତିଶ୍ରୁତି। ବିଡମ୍ବନା ଏହି ଯେ ଏଭଳି ଆଉ କେତେ ଘଟଣା ଘଟିଲେ ସରକାର ଚେତିବେ। ଆଦିବାସୀ ଅଧ୍ୟୁଷିତ ଏଇ ଅଞ୍ଚଳର ଲୋକଙ୍କ ଏଭଳି ଦୁର୍ଦ୍ଦଶା କେବେ ଉପଶମ ଲାଘବ ହେବ ତାହା ଦେଖିବା ବାକି ରହିଲା।

■ ଠାକୁରପାଲିରେ ଶ୍ରୀଗଣେଶ ପୂଜା

## ନାଟ କୀର୍ତ୍ତନରେ ଝୁମିଲେ ଗ୍ରାମବାସୀ

ନୂଆପଡା/କୋମନା,୨।୯(ସମିସ):ନୂଆପଡା ଜିଲ୍ଲା କୋମନା ବ୍ଲକ୍ ଠାକୁରପାଲି ଗାଁରେ ଶ୍ରୀଗଣେଶ ପୂଜନୋତ୍ସବ ଅବସରରେ ନାଟ କୀର୍ତ୍ତନ କରି ଝୁମି ନାଚିଛନ୍ତି ଗ୍ରାମବାସୀ। ସୋମବାର ଦିନ ରାତିରେ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେମଲାଲ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ ମୁଖ୍ୟ ଅତିଥି, ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଅଭିନନ୍ଦନ ପଣ୍ଡା ବିଶେଷ ଅତିଥି, ଜିଲ୍ଲା ସାମ୍ବାଦିକ ସଂଘ (ଜାପ) ସଭାପତି ଘନଶ୍ୟାମ ଭୋଇ, ବରିଷ୍ଠ ଶିକ୍ଷକ ଶରତ କୁମାର ପଣ୍ଡା,ତୁଳସ ପଟେଲ, ଭକ୍ତବନ୍ଧୁ ରଣା, ତେଜପାଲ ବଣ୍ଡସେନା, ହେମଦେବ ମାଝୀ, ରାମେଶ୍ୱର ଦୁବେ, ରାମମୂର୍ତ୍ତି ସରାଫ, ଗଜାନନ ପୂଜା କମିଟି ସଭାପତି ଶୁକଦେବ ସଗାଫ, ସଂପାଦକ ଗାସିରାମ ଶବର,ଉପସଭାପତି ସୋମନାଥ ଗଉଡ,ପ୍ରେମ କୁମାର ବାରିକ, ଲିଙ୍କେଶ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟ ଯେ ଏହି ଗାଁରେ ଗଜାନନ ପୂଜା କମିଟି ଜରିଆରେ ଆଜିକୁ ୩୦ବର୍ଷ ହେବ ପୂଜା କରାଯାଇଆସୁଛି। ଚଳିତ ବର୍ଷ ମଧ୍ୟ ଗାଁରେ ଭାଇଚାରା, ଏକ ଅଧ୍ୟାତ୍ମିକ ପରିବେଶ ସୃଷ୍ଟିକରିବା ଲକ୍ଷ ଲକ୍ଷ୍ୟରେ ପୂଜାର ଆୟୋଜନ କରାଯାଇଥିବା କମିଟୀ ତରଫରୁ କୁହାଯାଇଥିଲା। ଗାଁର ସାମଗ୍ରୀକ ବିକାଶ ଧାରାକୁ ମଜବୁତ କରିବାକୁ ସମସ୍ତଙ୍କର ପ୍ରୟାସ ରହିବବୋଲି ନେତୃବୃନ୍ଦ ପ୍ରତିଶ୍ରୁତି ଦେଇଥିଲେ। ପୂଜାର୍ଚ୍ଚନା ପରେ ଦ୍ୱିତୀୟ ପର୍ଯ୍ୟାୟରେ କଳାହାଣ୍ଡିରୁ ଆସିଥିବା ଏକ କଳାକାର ଦଳ ନାଟକ ମଞ୍ଚସ୍ଥ କରିଥିଲେ। ଲୋକେ ରାତି ସାରା ନାଟ ଦେଖିବା ସହ ନାଚି ଝୁମିଥିଲେ।

## କୋମନା ସାହିତ୍ୟ ସଂସଦ ଗଠିତ

ନୂଆପଡା/କୋମନା,୨।୯(ସମିସ):ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କୋମନା ସାହିତ୍ୟ ସଂସଦ ଗଠିତ ହୋଇ ଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିବାବେଳେ କୋମନା ଭଳି ଏକ ଐତିହାସିକ ସହରରେ ସାହିତ୍ୟର ଉନ୍ନତି ବିଧାନ ପାଇଁ ଚର୍ଚ୍ଚା ଆଲୋଚନା ହୋଇଥିଲା। ଅଶୋକ କୁମାର ପାଢ଼ୀ ସମେତ ଅନ୍ୟାନ୍ୟ ସୁଧୀବୃନ୍ଦ ସାହିତ୍ୟର ଶ୍ରୀବୃଦ୍ଧି ପାଇଁ ମତାମତ ପୋଷଣ କରିଥିଲେ।ସର୍ବସମ୍ମତିକ୍ରମେ କୋମନା ସାହିତ୍ୟ ସଂସଦର ସଭାପତି ଭାବେ ପ୍ରବୋଧ କୁମାର ହୋତା ଓ ସମ୍ପାଦକ ଭାବେ ମାୟାଧର ସରାଫ ମନୋନୀତ ହୋଇଥିଲେ। ଉପସଭାପତି ଭାବରେ ରଜତ କୁମାର ପାଣିଗ୍ରାହୀ,ସହ ସମ୍ପାଦକ ମିୟୋଗ ରଞ୍ଜନ ପାତ୍ର,କୋଷାଧ୍ୟକ୍ଷ ମାନସପଦ୍ମ ପଣ୍ଡା,ସକ୍ରିୟ ସଦସ୍ୟ ମନୋଜ କୁମାର ଅଦା ଓ ମନୋଜ କୁମାର ମଲ୍ଲିକ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ଗଙ୍ଗାଧର ପାଣିଗ୍ରାହୀ, ପ୍ରମୋଦ କୁମାର ପାଢ଼ୀ,ଯୁଗଳ କିଶୋର ମିଶ୍ର,ବୀରେନ୍ଦ୍ର ପ୍ରଧାନ,ଶରତ ଚନ୍ଦ୍ର ପାଣିଗ୍ରାହୀ,ଘନଶ୍ୟାମ କରୁଆଁ, କୃଷ୍ଣରାଜ ମହାପାତ୍ର, ଅଶୋକ କୁମାର ମିଶ୍ର,ନଗେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। ରାଜେଶ ହୋତା,ଅଶ୍ୱିନୀ ମଲ୍ଲିକ ଉପସ୍ଥିତ ରହି ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

■ କଂଗ୍ରେସର ସଂଗଠନ ଶ୍ରୀଜନ କାର୍ଯ୍ୟକ୍ରମ

## ନୂଆପଡା ଗସ୍ତରେ କେନ୍ଦ୍ରୀୟ ପ୍ରଭାରୀ ମନୋଜ

ନୂଆପଡା,୨।୯(ସମିସ):ଦେଶ ବ୍ୟାପି କଂଗ୍ରେସ ତରଫରୁ ଜିଲ୍ଲା ସଂଗଠନକୁ ମଜବୁତ କରିବାକୁ ପ୍ରୟାସ ଜାରି ରଖାଯାଇଥିବାବେଳେ ନୂଆପଡା ଜିଲ୍ଲାରେ ମଧ୍ୟ ସାଙ୍ଗଠନିକ ସ୍ଥିତିକୁ ସୁଧାରିବାକୁ ଭାରତୀୟ ଜାତୀୟ କଂଗ୍ରେସର କେନ୍ଦ୍ରୀୟ ପ୍ରଭାରୀ ମନୋଜ ଚୌହାନ ନଅ ଦିନିଆ ନୂଆପଡା ଜିଲ୍ଲା ଗସ୍ତରେ ଆସିଛନ୍ତି।ଗସ୍ତସମୟରେ ନୂଆପଡା ଜିଲ୍ଲା ସଭାପତି ସମେତ ଅନ୍ୟାନ୍ୟ ପଦବୀ ପାଇଁ ବିଭିନ୍ନ କ୍ଷେତ୍ରରୁ ଜନ ମତ ସଂଗ୍ରହ କରି ବ୍ୟକ୍ତିଙ୍କ ନାମ ଚୂଡାନ୍ତ କରିବେ।ଏହିକ୍ରମରେ ମଙ୍ଗଳବାର ନୂଆପଡାରେ ଆସି ପହଞ୍ଚି ସ୍ଥାନୀୟ ଧର୍ମଶାଳାରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ବିଷୟ ଆଲୋଚନା କରିଛନ୍ତି। ଏହି ଟିମ୍‌ରେ ୩ଜଣ ପର୍ଯ୍ୟବେକ୍ଷକ ଯଥା ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ମୁରଲୀଧର ନାଏକ, ଟଙ୍କଧର ସାହୁ। ଏମାନେ ଦୀର୍ଘ ଆଠ ଦିନ ଧରି ଜିଲ୍ଲାର ସମସ୍ତ ବ୍ଲକ୍, ଏନ୍‌ଏସି ଅଞ୍ଚଳ ଗସ୍ତ କରି କଂଗ୍ରେସର କାର୍ଯ୍ୟକର୍ତ୍ତା, ବରିଷ୍ଠ ପଦାଧିକାରୀ, ଗଣ ମାଧ୍ୟମ ପ୍ରତିନିଧି, ସାମାଜିକ ସଂଗଠନ ସହ ବାର୍ତ୍ତାଳାପ ସହ ମତ ସଂଗ୍ରହ କରିବାର ସୂଚୀ ରହିଛି। ଏହି ଅବସରରେ ଏଠାରେ କଂଗ୍ରେସ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ସ୍ୱତନ୍ତ୍ର ବୈଠକ ବସିଥିଲା। ଜିଲ୍ଲା ସଭାପତି ସୁରେଶ ଆଜାଦ, ସଂଯୋଜକ ଘାସିରାମ ମାଝୀ, ଭରତ ଲାଲ ରାଉତ, ହାଲ୍ଲା ସିଂ, ଅଭୟ ଯୋଷୀ, ବିରଞ୍ଚି ବାଗ,ଆଲୋକ ଗୁରୁ, ମହମ୍ମଦ ଜୁନେଦ, ଶାହରୁଖ ଖାନ, କୈଳାସ ବାଗ, ପପୁ ଅହୀର ପ୍ରମୁଖ ଯୋଗ ଦେଇଥିଲେ।

## ଧର୍ମଗଡ଼ ଉପଜିଲ୍ଲାପାଳଙ୍କ କୋକସରା ଗସ୍ତ



କୋକସରା,୨।୯(ସମିସ):ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ମଙ୍ଗଳବାର କୋକସରା ବ୍ଲକ୍ ଗସ୍ତରେ ଆସି ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର ସହ ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଉପଜିଲ୍ଲାପାଳ ଅଗ୍ରୱାଲ ବ୍ଲକ୍ ସଦର ମହକୁମା ସ୍ଥିତ ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ପରିଦର୍ଶନ କରିବା ସହ ସେଠାକାର ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ବଙ୍ଗୋମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟ, ଆମପାଣି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଆଦି ସ୍ଥାନ ମଧ୍ୟ ପରିଦର୍ଶନ କରିଛନ୍ତି। ସେହିପରି ଆମପାଣି ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ତେବେ ରୋଷେଇ ଘର ସଫା ସୁତୁରା ନଥିବା ଓ ସ୍କୁଲରେ କମ୍ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ଦେଖିବାକୁ ପାଇ ପ୍ରଧାନଶିକ୍ଷକ ସୁଶାନ୍ତ ସାହୁଙ୍କୁ ତାଗିଦ୍ କରିଥିବା ଜଣାପଡିଛି।ପୂର୍ବର ବିଭିନ୍ନ ଘଟଣା ଗୁଡ଼ିକକୁ ନେଇ ଉପଜିଲ୍ଲାପାଳ ତନ୍ ତନ୍ ପଚାରିବା ସହିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ କହିଥିବା ଜଣାପଡିଛି। ଉପଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ ସମେତ ସ୍ଥାନୀୟ ସରପଞ୍ଚ, ପିଇଓ ଏବଂ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଜଳ ବଦଳରେ ଜହର ପିଉଛନ୍ତି କଲମପୁରଗ୍ରାମବାସୀ

## ଅଭିଯୋଗ କଲେ ଶୁଣୁନାହାନ୍ତି ଯନ୍ତ୍ରୀ

କଲମପୁର,୨।୯(ସମିସ):ଗୋଟିଏ ପଟେ ଭାଇରାଲ ଜ୍ୱର କାୟା ବିସ୍ତାର କରି ଚାଲିଛି, ଅନ୍ୟପଟେ ମେଲେରିଆ ମଶା ଉପଦ୍ରବ କରି ଚାଲିଛନ୍ତି। ଏହି ଦୁଇ ପରିସ୍ଥିତିରେ ଯୁଝି ଚାଲିଛନ୍ତି କଳାହାଣ୍ଡି ଜିଲ୍ଲା କଲମପୁର ଗ୍ରାମବାସୀ। ଏଭଳି ସମୟରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି ଯାହାକି ମୁଣ୍ଡବିନ୍ଧାର କାରଣ ପାଲଟିଛି। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ କଲମପୁର ଅଞ୍ଚଳରେ ଜଳ ଯୋଗାଣ କରାଯାଇ ଆସୁଛି, କଲମପୁର ହାଇସ୍କୁଲ ପଡାରେ,କପାପୁରା ପୋଖରୀ ଓ ନିଜସ୍ୱ ବିଭାଗ ନିକଟରେ ବହୁତଳ ବିଶିଷ୍ଟ ନଳକୂପ ଖୋଲି ସଂପୃକ୍ତ ବିଭାଗ ଉଠା ଜଳସେଚନ ମାଧ୍ୟମରେ ଗ୍ରାମସାରା ପାନୀୟ ଜଳ ଯୋଗାଣ କରୁଛି। କିନ୍ତୁ ଯୋଗାଣ କରାଯାଉଥିବା ଜଳକୁ ବିଶୋଧନ କରାଯାଉ ନାହିଁ, ଫଳରେ ଗ୍ରାମବାସୀ ଏକ ପ୍ରକାର ବିଷପାନ କରି ଚାଲିଛନ୍ତି। ଏହିଠାରୁ ପାଣି ସଂଗ୍ରହ କରି ଏକ ପ୍ଲାଷ୍ଟିକ ବୋତଲରେ ଅଳ୍ପ ସମୟ ପାଇଁ ରଖିଦେଲେ ସେ ପାଣି କାଦୁଅ ରଙ୍ଗ ଧାରଣ କରୁଛି। ଏନେଇ ଜଗନ୍ନାଥପଡା ମାଝିପଡାର ମହିଳାମାନେ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ହେଲା ରକ୍ଷଣାବେକ୍ଷଣ ଓ ଜଳ ବିଶୋଧନ ନିମନ୍ତେ ବିପୁଳ ଅର୍ଥ ସମେତ ଆନୁସାଙ୍ଗିକ ବ୍ୟବସ୍ଥା ରହିଥିବା ବେଳେ କେବେ ମଧ୍ୟ ସଂପୃକ୍ତ ବିଭାଗ ଏଥିପ୍ରତି ଧ୍ୟାନ ଦେଉନାହିଁ।ପାନୀୟ ଜଳ ସମସ୍ୟା ଯୋଗୁଁ ଅଞ୍ଚଳର ବିନ୍ଧାଣୀଗୁଡା, ପଣ୍ଡିଗାଁ ଆଦି ଅଞ୍ଚଳରେ ଏକାଧିକ ଲୋକଙ୍କ ଜୀବନ ଯାଇଥିବା ନଜିର ରହିଥିବା ବେଳେ କାହିଁକି ସଂପୃକ୍ତ ବିଭାଗ ଚରମ ଅବହେଳା ପ୍ରଦର୍ଶନ କରୁଛି ତାହା ବୁଝା ପଡୁନାହିଁ। ସୂଚନାଯୋଗ୍ୟ ଯେ ଏହି ବିଭାଗରେ ଜନୈକ ଯନ୍ତ୍ରୀ ଏଠାରେ ପ୍ରାୟ ଦଶ ବର୍ଷ ହେବ ଗୋଟିଏ ସ୍ଥାନରେ ଆସ୍ଥାନ ଜମାଇ ରହି ଆସିଛନ୍ତି।ତାଙ୍କ ନିକଟରେ ଅଭିଯୋଗ କଲେ ମୋତେ ପାରୁଛନ୍ତି ତେବେ ବଦଳି କରି ଦିଅନ୍ତୁ ଆଉ ବେଶୀ କଥାବାର୍ତ୍ତା କରନ୍ତୁ ନାହିଁ ବୋଲି ନିର୍ବାଚିତ ପଞ୍ଚାୟତ ଜନ ପ୍ରତିନିଧିଙ୍କୁ ରୋକ ଠୋକ ଜବାବ ଦେଉଥିବା ଜନ ପ୍ରତିନିଧି ମହଲରେ ଅଭିଯୋଗ ହେଉଛି। ଏସମ୍ପର୍କରେ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀ ଦୁଃଖ ବନ୍ଧୁ ରାଉଳଙ୍କ ସହିତ ଯୋଗାଯୋଗ କରିବାରୁ ସେ ପ୍ରସଙ୍ଗରୁ ଏଡେଇ ଯାଇଥିଲେ। ଏନେଇ ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତି ନାଏକ ମୁଁ ବିଡ଼ିଓଙ୍କ ସହିତ ଆଲୋଚନା କରିବି ବୋଲି ମତବ୍ୟକ୍ତ କରିଥିଲେ।

● ୧୭ ବର୍ଷରୁ କମ୍ ବାଳିକା କ୍ରିକେଟ

## ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ଟିମ୍‌ରେ ସାନଭି ପ୍ରଜ୍ଞା

କୋକସରା,୨।୯(ସମିସ):କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ କେନ୍ଦ୍ରିୟ ବିଦ୍ୟାଳୟର ଛାତ୍ରୀ ସାନଭି ପ୍ରଜ୍ଞା ରାଉତ ଯାଦବ (ମାହି) ଅଲ୍ ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର ଟିମ୍‌ରେ ମନୋନୀତ ହୋଇଛନ୍ତି। ଯାହ ଅଞ୍ଚଳରେ ଗର୍ବ ଓ ଗୌରବ ଆଣିଦେଇଛି।ସୂଚନା ଯେ' ୨୦୨୫-୨୬ ମସିହା ପାଇଁ ଦିଲ୍ଲୀଠାରେ ଆସନ୍ତା ଅକ୍ଟୋବର ୭ଠାରୁ ୧୧ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି।ଏହି କ୍ରୀଡ଼ା ସମ୍ମିଳନୀରେ ୧୭ ବର୍ଷରୁ କମ୍ ବୟସ ବାଳିକା କ୍ରିକେଟ୍‌ରେ ଧର୍ମଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ସାନଭି ପ୍ରଜ୍ଞା ରାଉତ ଯାଦବ ଅଂଶଗ୍ରହଣ କରିବା ନେଇ ସୂଚନା ରହିଛି। ସାନଭି ପ୍ରଜ୍ଞା ପୂର୍ବରୁ କଳାହାଣ୍ଡି ଟିମ୍‌ରେ ସାମିଲ ହୋଇ ରାଜ୍ୟ ସ୍ତରୀୟ ମହିଳା କ୍ରିକେଟ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରି ସାରିଛନ୍ତି।ଏବେ ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ କ୍ରୀଡ଼ା ସମ୍ମିଳନୀରେ ଅଲ୍ ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର ଟିମ୍‌ରେ ମନୋନୀତ ହେବା ଖବର ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏବଂ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। କୋକସରା ବ୍ଲକ ମୁଷାପାଲି ଗ୍ରାମ ପଞ୍ଚାୟତ ଖପରାମାଲ ଗ୍ରାମର ଶିକ୍ଷକ ମୋହିତ କୁମାର ରାଉତ ଓ ରଶ୍ମିରେଖା ରାଉତଙ୍କ ଝିଅ ହେଉଛନ୍ତି ସାନଭି ପ୍ରଜ୍ଞା।



## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଥୁଆମୂଳରାମପୁର,୨।୯(ସମିସ):କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ବଡଛତ୍ରଙ୍ଗ ନିକଟରେ ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୋମବାର ରାତି ପ୍ରାୟ ୯ ଘଣ୍ଟା ସମୟରେ ଦୁର୍ଘଟଣା ଘଟିଥିବା ଜଣାପଡିଛି। ମୃତ ବାଇକ୍ ଚାଳକ ଅଡ୍ରୀ ଗୁଞ୍ଜମାଳିପଡାର ମେଟା ଝୋଡିଆଙ୍କ ପୁଅ ବଳରାମ ଝୋଡିଆ(୨୫) ବୋଲି ଜଣାପଡିଛି। ସେ ବାଇକ୍‌ରେ କୌଣସି କାର୍ଯ୍ୟରେ ଯାଇ ନିଜ ଗାଁକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିବା ଅନୁମାନ କରିଛି ପୁଲିସ।ଘଟଣାସ୍ଥଳରେ ଥୁଆମୂଳ ରାମପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

କେସିଙ୍ଗା,୨।୯(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଆଦର୍ଶ ଥାନାରେନୂତନ ଥାନା ଅଧିକାରୀ ଭାବରେ ଜିତେନ୍ଦ୍ର କୁମାର ବିଶ୍ୱାଳ ଯୋଗ ଦେଇଛନ୍ତି।ତାଙ୍କ ଆଗରୁ ଥିବା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ଭବାନୀପାଟଣା ଟାଉନ ଥାନାକୁ ବଦଳି ହେବାପରେ ଲାଞ୍ଜିଗଡ ଥାନାରେ ଅଧିକାରୀ ଥିବା ଶ୍ରୀ ବିଶ୍ୱାଳଙ୍କୁ କେସିଙ୍ଗାକୁ ବଦଳି କରାଯାଇଛି।ଶ୍ରୀ ବିଶ୍ୱାଳ ତାଙ୍କ ପ୍ରତିକ୍ରିୟାରେ କେସିଙ୍ଗାରେ ଚୋରା ନିଶା କାରବାର, ଟ୍ରାଫିକ ନିୟମ ମାନୁଥିବା ଅମାନିଆ ଗାଡ଼ି ଚାଳକ, ଚୋରା ବାଲି ଚାଲାଣକାରୀଙ୍କ କବଳରୁ କେସିଙ୍ଗାରୁ ମୁକ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।ଚୋରି ଅପରାଧ ଓ ନିଶା ମୁକ୍ତ କେସିଙ୍ଗା କରିବାରେ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ



କାମନା କରିଥିଲେ। ପ୍ରକାଶ ଥାଉକି ବର୍ତ୍ତମାନ କେସିଙ୍ଗା ଆଦର୍ଶ ଥାନାର କାର୍ଯ୍ୟରତ ପ୍ରାୟ ସବୁ ଅଧିକାରୀ ନୂତନ ଭାବରେ ଯୋଗଦାନ କରିଛନ୍ତି।

## କେସିଙ୍ଗା ରେଳ ଷ୍ଟେସନ ସମସ୍ୟା ନେଇ ଆଲୋଚନା

କେସିଙ୍ଗା,୨।୯(ସମିସ): ଗତ ୨୯ ତାରିଖରେ ଭୁବନେଶ୍ୱର ଠାରେ ହୋଇଥିବା ରେଳ ବିଭାଗର ଜେଡ ଆରସିସି ବୈଠକରେ ରାଜ୍ୟ ସଭା ସାଂସଦ ସୁଜିତ କୁମାର ସେଠ ଯୋଗଦେଇ କେସିଙ୍ଗା ରେଳ ଷ୍ଟେସନର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଫଳସ୍ୱରୁପ ସୋମବାର ସମ୍ବଲପୁର ରେଳ ଡିଭିଜନର ସି ଆଇ ସତ୍ୟବ୍ରତ ସେଠଙ୍କୁ କେସିଙ୍ଗା ରେଳ ଷ୍ଟେସନରେ କେସିଙ୍ଗା ବିଜେପିର କର୍ମୀ ଓ ରେଳ ଯାତ୍ରୀ ସଂଘର କାର୍ଯ୍ୟକର୍ତ୍ତାମାନେ ସିଆଇଙ୍କ ସହ ବୈଠକରେ କେସିଙ୍ଗା ରେଳଷ୍ଟେସନ ବିଷୟରେ ବିଭିନ୍ନ ପ୍ରକାରର ସମସ୍ୟା ଉପରେ ଆଲୋଚନା କରିଥିଲେ।ବୈଠକରେ ପ୍ଲାଟଫର୍ମ ୪ ରେ ଆଗରୁ ୬ଟି ଟ୍ରେନ ରହଣିର ବ୍ୟବସ୍ଥା ଥିଲାବେଳେ ଆଉ ୪ଟି ଟ୍ରେନ ରହଣି ପାଇଁ ବ୍ୟବସ୍ଥା କରାଯାଉ ବୋଲି ସିଆଇଙ୍କୁ ଅନୁରୋଧ କରାଯାଇଛି। ଟ୍ରେନ ନମ୍ବର ୧୨୮୦୭ ସମତା ଏକ୍ସପ୍ରେସ୍ ,୧୮୫୩୦ ବିଶାଖାପାଟମ ଦୁର୍ଗ ଏକ୍ସପ୍ରେସ୍ ,୧୩୩୫୨ ଏଲେପିଧନବାଦ ଓ ୧୨୮୪୩ ପୁରୀ ଦୁର୍ଗ ଏକ୍ସପ୍ରେସ୍‌ର ରହୁନି ପ୍ଲାଟଫର୍ମ ୦୪ରେ ରହିବା ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଥିଲା। ଅନୁରୋଧ ପରେ ସର୍ବ ମୋଟ ୧୦ଟି ଗାଡି ପ୍ଲାଟଫର୍ମ ନମ୍ବର ରେ ରହିବାର ବ୍ୟବସ୍ଥା କରାଯିବ ବୋଲି ସିଆଇ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ କେସିଙ୍ଗା ରେଳ ବିଭାଗ ସିଆଇ ରୋହିତ ମହାଲିଙ୍ଗ,ଏସଏମଡିକେ ରାଉତ , ବିଜେପି ପୂର୍ବତନ ସଭାପତି ମଗନ ସିନ୍ଧୁର ,ପ୍ରଶାନ୍ତ ବାନାର୍ଜୀ ,ଉପସଭାପତି ପ୍ରୀତେଶ ପଟେଲ ,ସୁନୀଲ ଜୈନ ଓ ବିମଲ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଅପହୃତା ନାବାଳିକ ଉଦ୍ଧାର

ସମ୍ବଲପୁର,୨।୯(ସମିସ):ଯୁଯୁମୁରା ଥାନା ଅଞ୍ଚଳର ଜଣେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରୀଙ୍କୁ ଜଣେ ଯୁବକ ପ୍ରେମ ସମ୍ପର୍କ ଆଳରେ ଅପହରଣ କରି ନେଇଥିଲା। ଗତ ୨୫ ତାରିଖ ଝିଅ ନିଖୋଜ ଥିବା ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ଗତ ୩୧ ତାରିଖ ଉଭୟଙ୍କୁ ପୁଲିସ ପାଇଥିଲା। ଥାନାରେ ଯୁବକକୁ ଅଟକ ରଖି ତଦନ୍ତ କରିଥିଲା। ଡାକ୍ତରୀମାଇନା ପରେ କୋର୍ଟରେ ନାବାଳିକାଙ୍କ ସହିତ କିଛି ହୋଇନଥିବା ପୀଡିତା କହିଥିଲେ। ପରେ ଯୁବକଙ୍କୁ ନୋଟିସ ଦେଇ ଛଡା ଯାଇଥିବା ପୁଲିସ ସୂଚନା ଦେଇଛି।

## ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ଜୁନାଗଡ଼,୨।୯(ସମିସ): ବିହାର ରାଜ୍ୟର ଦରଭଙ୍ଗା ଠାରେ ଏକ ଜନସଭାରେ ବିରୋଧୀ ଦଳ ର ନେତା ରାହୁଲ ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ମା'ଙ୍କ ପ୍ରତି ଅଶାଳୀନ ମନ୍ତବ୍ୟକୁ ଜୁନାଗଡ଼ ବିଜେପି ତରଫରୁ ଦୃଢ଼ ବିରୋଧ କରିବା ସହ ରାହୁଲ ଗାନ୍ଧୀ ଓ ମାଲିକର୍ଜୁନ ଖଡ଼ଗେଙ୍କ ପ୍ରତି ବିଷଦୋଗାର କରି ବିରୋଧ ପ୍ରଦର୍ଶନ କରିଛନ୍ତି। ଜୁନାଗଡ଼ ନଗର ସଭାପତି ବିକ୍ରାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ବିଧାୟକ ପ୍ରାର୍ଥୀ ମନୋଜ ମେହେର, ପୂର୍ବତନ ନଗରପାଳ ତଥା ଜିଲ୍ଲା ଉପସଭାପତି ମୁକେଶ ଅଗ୍ରୱାଲ, ଆଇନଜୀବୀ ତଥା ବରିଷ୍ଠ କାର୍ଯ୍ୟକର୍ତ୍ତା ହିମାଂଶୁ ବରାଡ,ସୁଧଂଶୁ ବରାଡ,ରାଜ୍ୟ ପରିଷଦ ସଦସ୍ୟ କାଳିନ୍ଦ୍ରୀ ପାଣିଗ୍ରାହୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ସତ୍ୟନାରାୟଣ ପଣ୍ଡା, ପିତାମ୍ବର ରଣା,ଜିଲ୍ଲା ସମ୍ପାଦିକା ଶ୍ରୀମତୀ କାଞ୍ଚନ ବାଗ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ୍ୟକ୍ଷ ଶ୍ରୀମତୀ ଶର୍ମିଷ୍ଠା ମେହେର, ନଗର ଉପସଭାପତି ଶ୍ରୀମତୀ ରୀନା ଭାଟି,ଜିଲ୍ଲା ମଣ୍ଡଳ ପ୍ରତିନିଧି ଶିବରାମ ରାଉତ, ନଗର ଯୁବମୋର୍ଚ୍ଚା ସଭାପତି ସୁରେଶ ବାଗ, ନଗର ସାଧାରଣ ସମ୍ପାଦକ ରଞ୍ଜନ ରାଉତ, ଗଣେଶ ଗହୀର, ମଣ୍ଡଳ ସଭାପତି ଅଂଶୁମାନ ଯୋଶୀ, ରୋଶନ ନାୟକ, ଚନ୍ଦ୍ରହାସ୍ୟ ବିଶ୍ୱାଳ ଓ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଧୁମ୍‌ଧାମ୍‌ରେ ପାଳିତ ହେଲା ନୂଆଁଖାଇ

ଭବାନୀପାଟଣା,୨।୯(ସମିସ):





ପାଳିତ ହେଲା ପଶ୍ଚିମ ଓଡିଶାର କୃଷି ଭିତ୍ତିକ ମହାନ ଗଣପର୍ବ ନୂଆଁଖାଇ। ପୂର୍ବ ପରମ୍ପରା ଅନୁଯାୟୀ ରାଜରାଜୁଡା ସମୟର କଳାହାଣ୍ଡି ଜିଲ୍ଲାରେ ପାଞ୍ଚୋଟି ବ୍ଲକ୍ ତଥା ରାଜା ରହୁଥିବା ଗଡଜାତ ଅଂଚଳ ଥୁଆମୂଳ ରାମପୁର, ମଦନପୁର ରାମପୁର, ଲାଞ୍ଜିଗଡ, ଭବାନୀପାଟଣା ଓ ଜୟପାଟଣା (ଆଂଶିକ) ରେ ଦଶମୀ ତିଥିରେ ଆଜି ଆଡମ୍ବର ସହକାରେ ନୂଆଁଖାଇ ପାଳିତ ହୋଇଯାଇଛି। ସକାଳ ୮ଘଣ୍ଟା ୪୫ମିନିଟ୍‌ରୁ ୦୯ଘଣ୍ଟା ୦୫ ମିନିଟ୍ ସମୟର ମଧ୍ୟରେ ମାଁ ମାଣିକେଶ୍ୱରୀଙ୍କ ପୀଠରେ ନବାନ୍ନ ଭୋଗ ଲାଗି ହୋଇଥିଲା। ପରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପୂର୍ବାହ୍ନ ୧୦ଘଣ୍ଟା ୫୫ ମିନିଟ୍ ଠାରୁ ୧ଘଣ୍ଟା ମଧ୍ୟେ ଲଗ୍ନ ସ୍ଥିରିକୃତ ହୋଇଥିଲା। ତଦନୁଯାୟୀ ସମସ୍ତେ ମନ୍ଦିରରୁ ଭୋଗ ନେଇ ନବାନ୍ନ ଭକ୍ଷଣ କରିଥିଲେ। ନୂଆଁଖାଇ ହେଉଛି ଭାଇଚାରା ଓ ଏକତାର ପର୍ବ। ପରିବାରର ଯିଏ ଯେତେ ଦୂର ଥିଲେ ମଧ୍ୟ ନୂଆଖାଇରେ ସମସ୍ତେ ଘରକୁ ଆସି ନୂଆଖାଇବାକୁ ବହୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥିଲେ। ତେବେ ପ୍ରଥମ କରି ନିଜ କ୍ଷେତରେ ଉତ୍ପାଦିତ ଶସ୍ୟକୁ କୃଷକ ନିଜ ଇଷ୍ଟଦେବୀଙ୍କୁ ଅର୍ପଣ କରି ନିଜେ ଖାଇବା ହିଁ ଏହି ନୂଆଖାଇର ପରମ୍ପରା। ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ଖରିପ ଫସଲର ପ୍ରଥମ ଶସ୍ୟକୁ ଇଷ୍ଟଦେବୀଙ୍କୁ ଅର୍ପଣ କରି ପ୍ରସାଦ ରୂପରେ ସେବନ କରାଯାଇଥିଲା। ପଶ୍ଚିମ ଓଡିଶାରେ ଇଷ୍ଟଦେବୀ ମା'ସମଲେଇଙ୍କୁ ପୂଜା କରୁଥିବା ବେଳେ ତଥା କଳାହାଣ୍ଡି ଜିଲ୍ଲାରେ ମା'ମାଣିକେଶ୍ୱରୀ, ଠାକୁରାଣୀ, ଲଙ୍କେଶ୍ୱରୀ, ଡୋକାରୀଙ୍କୁ ମୁଖ୍ୟତଃ ପୂଜାର୍ଚ୍ଚନା କରାଯାଇଛି। ପନ୍ଦର ଦିନ ପୂର୍ବରୁ ନୂଆଖାଇ ପ୍ରସ୍ତୁତ ଆରମ୍ଭ ହୋଇଯାଇଥିଲା। ପ୍ରାୟ ନଅଟି ରୀତିନୀତି ଅନୁଯାୟୀ ନୂଆଖାଇ ପାଳନ କରାଯାଇଥିଲା। ଲଗ୍ନ ଦେଖା, ତୁରୀ ବଜାଇ ଡାକରା, ସଫା ସୁତରା ଓ ଲିପା ପୋଛା, ନୂଆ ବସ୍ତ୍ର କିଣା, ନୂଆ ଫସଲ ଆଣିବା, ଦେବତାଙ୍କ ଆଗରେ ନୂଆଖାଇ ପାଇଁ ଅନ୍ତିମ ଆଦେଶ ଆଣିବା, ନୂଆଖାଇ, ଓ ଜୁହାର ଭେଟ ହୋଇଥିଲା। ନୂଆଖାଇ ଦିନ ନୂଆ ଫସଲ, ନୂଆ ଧାନର ଚୁଡା, ପିଠା, ପଣା ଆଣି କୁରେଇ ପତ୍ରରେ ଇଷ୍ଟଦେବୀଙ୍କ ଆଗରେ ପୂଜାର୍ଚ୍ଚନା କରାଯିବା ସହ ନବାନ୍ନ ଭକ୍ଷଣ ହୋଇଥିଲା। ଘରର ସମସ୍ତ ସଦସ୍ୟ ନୂଆ ପୋଷାକ ପିନ୍ଧି ଏକାଠି ବସି ନୂଆଁ ଖାଇଥିଲେ। ଆଜି ସମସ୍ତ ପରିବାରରେ ଦେଶୀ ମୁଗ ଡାଲି, ବିଭିନ୍ନ ପ୍ରକାର ତରକାରୀ, କ୍ଷୀରି ଭଳି ଅନେକ ବ୍ୟଞ୍ଜନ ପ୍ରସ୍ତୁତ କରି ସମସ୍ତେ ଏକା ସାଙ୍ଗରେ ପ୍ରସାଦ ସେବନ କରିଥିଲେ।ନୂଆଖାଇ ସରିଲା ପରେ କନିଷ୍ଠମାନେ ଗୁରୁଜନଙ୍କୁ ମୁଣ୍ଡିଆ ମାରି ଜୁହାର କରିବାର ଚମତ୍କାର ପରମ୍ପରା ଦେଖିବାକୁ ମିଳିଥିଲା।ସହର ଠାରୁ ଗାଁର ଆବାଳ ବୃଦ୍ଧ ବନିତା ସମସ୍ତେ ନୂଆଖାଇ, ନୂଆଖାଇ ଜୁହାର ତଥା ନୂଆଖାଇ ଭେଟଘାଟ ହୋଇଥାନ୍ତି। ସମସ୍ତ ଭାଇଚାରା ବନ୍ଧନରେ ବାନ୍ଧି ହୋଇ ଖୁସିରେ ବିଭୋର ହୋଇ ଉଠିଥିଲେ।ନୂଆଖାଇ ପର ଦିନ ବାସୀ ମନାଇବାର ଆଉ ଏକ ନିଆରା ପରମ୍ପରାକୁ ସମସ୍ତଙ୍କର ଅପେକ୍ଷା ରହିଛି। ଆସନ୍ତାକାଲି ନୂଆଁଖାଇ ବାସୀର ମାହୋଲ ଚାରିଆଡେ ଦେଖିବାକୁ ମିଳିବ। ଲୋକେ ଏହି ଦିନଟିକୁ ମହା ଆଡମ୍ବରରେ ପ୍ରତେକ ଘରେ ଘରେ ମାଂସ, ମାଛ ଭଳି କି ଭଳି ଅନେକ ଖାଦ୍ୟ ପଦାର୍ଥ ପ୍ରସ୍ତୁତି କରି ସମସ୍ତ ସଦସ୍ୟ ଭାଇବନ୍ଧୁ କୁଟୁମ୍ବଙ୍କ ମଧ୍ୟରେ ଖାଇଥାନ୍ତି ।ଭବାନୀପାଟଣା ପୌର ପରିଷଦ ଅଧକ୍ଷଙ୍କ ପରିବାର ନୂଆଁଖାଇ ପାଳନ କରିଛନ୍ତି।

## ପ୍ରତାପପୁର ସ୍କୁଲପଡ଼ାରେ ନୂଆଁଖାଇ ଭେଟ୍‌ଘାଟ



ଲାଞ୍ଜିଗଡ଼,୨।୯(ସମିସ):ଲାଞ୍ଜିଗଡ଼ ବ୍ଲକ୍ ଚମ୍ପାଦେଇପୁର ପଞ୍ଚାୟତ ପ୍ରତାପପୁର ଗାଁର ସ୍କୁଲପଡ଼ାରେ ନୂଆଁଖାଇ ଭେଟଘାଟ୍ ଅନୁଷ୍ଠିତ ହୋଇଯାଇଛି।ସ୍କୁଲପଡ଼ାର ଯୁବକ ସଂଘ ଓ ଗଣେଶପୂଜା କମିଟି ତରଫରୁ ଗାଁ ମଝିରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କମିଟି ସଭାପତି କପିଲ୍ ଶବର ସଭାପତିତ୍ୱ କରିଥିଲେ।ମୁଖ୍ୟଅତିଥି ଭାବେ ଚମ୍ପାଦେଇପୁ ସରପଞ୍ଚ ନରେନ୍ଦ୍ର ମାଝୀ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ପ୍ରତାପପୁର ୱାଡ୍‌ମେମ୍ବର କରୁଣା ନାଏକ, ବରିଷ୍ଠ ନାଗରିକ ନିରାକାର ଶବର,ଶିବ ବଗର୍ତ୍ତୀ, ଉତ୍ସବ ବଗର୍ତ୍ତୀ, ରଘୁନାଥ ପତି ପ୍ରମୁଖ ଯୋଗଦେଇ ଥିଲେ।ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି କମ୍ବୁପାଣି ଗଉଡ଼,ଭଦ୍ର ଶବର, ଯୁଜେଷ୍ଠି ମାଝୀ, ବନମାଳୀ ଗଉଡ଼,ଗୁନ ମାଝୀ, ଭାମା ଶବର, ଗୌରୀ ମାଝୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଗାଁର କଳାକାରମାନେ ନେଇ ନୃତ୍ୟ,ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ଗାଁର ମହିଳାଙ୍କୁ ନେଇ ଝୋଟି, ହୁଳହୁଳି ଓ ମ୍ୟାଜିକ୍ ଚେୟାର ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ହୃଷିକେଶ ନନ୍ଦ ସଂଯୋଜନା କରିଥିଲେ। ଏଥିରେ କମିଟିର ଉପସଭାପତି ବିରଞ୍ଚି ମାଝୀ, ସଦସ୍ୟ ଭକ୍ତବନ୍ଧୁ ପତି, ଜତିନ୍ଦ୍ର ନନ୍ଦ, ଭକ୍ତ ଶବର, ମାଧବ ବାଗ, ସୁଦାମ ମାଝୀ,ଟିକେଚନ ବାଗ, ଆକାଶ ମାଝୀ,ଗୁପ୍ତେ ମାଝୀଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ନାବାଳିକା ଅପହରଣକାରୀ ଯୁବକ ଗିରଫ

ଝାରସୁଗୁଡ଼ା,୨।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଥାନା ଅଞ୍ଚଳରେ ଜଣେ ୧୭ ବର୍ଷୀୟ ନାବାଳିକାକୁ ବିବାହ ପ୍ରତିଶ୍ରୁତି ଦେଖାଇ ଅପହରଣ କରି ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଥିବା ବେଲପାହାଡ ପୁଲିସ ସୂଚନା ଦେଇଛି। ପୀଡ଼ିତା ନାବାଳିକାଙ୍କ ମାଆ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କ ମାଙ୍କ ଅଭିଯୋଗ ମୁତାବକ ଗତ ଅଗଷ୍ଟ ୭ ତାରିଖ ବେଲପାହାଡ ଥାନାଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକାଙ୍କୁ ଜଣେ ୨୭ ବର୍ଷୀୟ ଯୁବକ ବିବାହ ପ୍ରତିଶ୍ରୁତି ଦେଖାଇ ଜୋର ଜବରଦସ୍ତି ଅପହରଣ କରି ରାଉରକେଲାକୁ ନେଇଥିଲା। ସେଠାରେ ଯୁବକ ଜଣକ ନାବାଳିକାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲା। ସେଠାରେ ଦୀର୍ଘ ୨୪ ଦିନ ଅତିବାହିତ କରି ସୋମବାର ନାବାଳିକା ସହ ଯୁବକ ଜଣକ ନିଜ ଘରକୁ ଫେରିଥିଲା। ଖବରପାଇ ନାବାଳିକାଙ୍କ ପରିବାର ତୁରନ୍ତ ଯୁବକ ଘରୁ ନାବାଳିକାକୁ ଉଦ୍ଧାର କରିଥିଲେ। ଏହା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ବିଦାୟ ନେଲେ ଗଜାନନ

ଝାରସୁଗୁଡ଼ା,୨।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଗୁମାଡେରା ମାର୍କେଟ ବଏଚ ଆସୋସିଏସନ୍ ଦ୍ୱାରା ଧୁମଧାମରେ ବିଘ୍ନ ବିନାଶକ ଗଜାନନଙ୍କ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଘ୍ନ ବିନାଶକଙ୍କ ବିସର୍ଜନ ରୀତିନୀତି ପରେ ମଙ୍ଗଳବାର ସନ୍ଧ୍ୟା ୬ ଟା ୩୦ରୁ ଗୁମାଡେରା ସହରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଝାରଖଣ୍ଡର ଆଦିବାସୀ ନୃତ୍ୟ, କୋଲକାତାର କାଳୀମା ନୃତ୍ୟ, ଛତିଶଗଡର ଅଘୋରୀ ନୃତ୍ୟ, ରାଇପୁର ଝାଙ୍କି, ବାଙ୍ଗାଲୋରର ଡୁପ୍ଲିକେଟ୍ ମୋଦି, ପୁରୀର ନିଆଁ ନୃତ୍ୟ, ବେଲପାହାଡର ଗରିଲା ନୃତ୍ୟ, ବରଗଡ଼ର ଢୋଲବାଜା, ବୌଦ୍ଧର ଘୁମୁରା ନୃତ୍ୟ, ଛତିଶଗଡର ଝୁମର୍ ବାଜା ଏବଂ ବେଲପାହାଡ କଳକେ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ବିସର୍ଜନ କାର୍ଯ୍ୟକ୍ରମରେ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ମାର୍କେଟ ବଏଚ ଏସୋସିଏସନ ପକ୍ଷରୁ ଗଣେଶ ପୂଜା ୨୫ବର୍ଷରେ ପହଞ୍ଚିଛି। ଫଳରେ ଗୁମାଡେରାରେ ଗଣେଶ ପୂଜାକୁ ବିଶେଷ ଉତ୍ସାହର ସହିତ ପାଳନ କରାଯାଇଥିଲା। ସୁନ୍ଦର ପାଣ୍ଡାଲ୍, ସୁଉଚ୍ଚ ତୋରଣ ଓ ଆଲୋକ ସାଜସଜ୍ୟା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରତିଦିନ ଭକ୍ତମାନଙ୍କ ପାଇଁ ଭୋଗ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ବିସର୍ଜନ କାର୍ଯ୍ୟକ୍ରମ ସୁରୁଖୁରରେ ନିର୍ବାହ ପାଇଁ ବେଲପାହାଡ ଥାନା ଅଧିକାରୀଙ୍କ ସହ ୧ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା

ଦେବଗଡ଼,୨।୯ (ସମିସ): ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମର ତିନି ଦିନିଆ ଜିଲ୍ଲାସ୍ତରୀୟ କର୍ମଶାଳାକୁ ମଙ୍ଗଳବାର ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଶୁଭାରମ୍ଭ କରିଛନ୍ତି। ଆଦି କର୍ମଯୋଗୀ ଅଭିଯାନର ଦେବଗଡ଼ ଜିଲ୍ଲା ପ୍ରଭାରୀ ଅରବିନ୍ଦ ମୁଦଗଲ ପରିଦର୍ଶକ ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଧରତୀ ଆବା ଜନଜାତୀୟ ଗାଁ ଉତ୍କର୍ଷ ଅଭିଯାନ ଅଧୀନ ଦେବଗଡ଼ ଜିଲ୍ଲାର ୫୨ଟି ଗାଁରେ ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କାର୍ଯ୍ୟକାରୀ ହେବା ସମ୍ପର୍କରେ ମୁଖ୍ୟ ଅତିଥି ଶ୍ରୀ ସାହୁ ଅବଗତ କରିଥିଲେ। ଅଭିଯାନର ଅଂଶରୂପେ ଧରତୀ ଆବା ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ୩୨ଟି ପଞ୍ଚାୟତ ଅଧୀନ ୫୨ଟି ଗାଁରେ ସଚେତନତା ଶିବିର ଆୟୋଜନ ପାଇଁ ପ୍ରସ୍ତାବ ହୋଇଛି। ବୈଠକରେ ତିଳେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପ୍ରଭାତ ଓଝା, ଏସିଏଫ୍ ଅରୁଣ ବେହେରା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ କଲ୍ୟାଣ ପ୍ରଶାର ଅଧିକାରୀ ଏବଂ ଜିଲ୍ଲା ସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

# ଓସ୍ୱାସ୍‌ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ତାଲିମ ଶିବିର

ଦେବଗଡ଼,୨।୯ (ସମିସ): ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଓସ୍ୱାସ୍‌ର ସମ୍ମିଳନୀ କକ୍ଷରେ ଭର୍ଚୁଆଲ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ସମସ୍ତ ଫାଇଲ ଡିଲିଂ ଅଧିକାରୀ ଏବଂ କର୍ମଚାରୀ କମ୍ପ୍ୟୁଟର ମାଧ୍ୟମରେ ଫାଇଲ ପ୍ରୋସେସିଂ କରିବା ପାଇଁ ଓସିଏସି ଏବଂ ଟିସିଏସ ଦ୍ୱାରା ଓସ୍ୱାସ ପ୍ଲାଟଫର୍ମରେ ଭର୍ଚୁଆଲ ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ସମସ୍ତ ବିଭାଗର ଅଧିକାରୀ କର୍ମଚାରୀ, ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଜିଲ୍ଲା ଇ-ପ୍ରଶାସନ ପରିଚାଳକ ବିକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଅତାବିରାରେ ବ୍ଲକ୍‌ସ୍ତରୀୟ ସଂସ୍କୃତ ଦିବସ

ବରଗଡ଼,୨।୯ (ସମିସ): ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ମୂଳାଧାର ସଂସ୍କୃତ ବଞ୍ଚିଲେ ସଂସ୍କୃତି ବଞ୍ଚିବ ବୋଲି ଅତାବିରା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ୍‌ସ୍ତରୀୟ ସଂସ୍କୃତ ଦିବସ ପାଳନ ଅବସରରେ ବକ୍ତା ଗଣ ମତ ପ୍ରକାଶ କରିଛନ୍ତି। ବ୍ଲକ୍ ସଭାପତି ଦିଲ୍ଲୀପ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ସୁଧୀର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ମହିନ୍ଦ୍ର ମଲ୍ଲିକ ଯୋଗ ଦେଇ ସଂସ୍କୃତ ଭାଷାର ମହନୀୟତା ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ କାର୍ତ୍ତିକ ବାଗ ପ୍ରଧାନ ଶିକ୍ଷକ ମନୋଜ ହରିପାଲ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କପିଳ ବାଗ, ଲବ ସାହୁ, ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଯୁଗ୍ମ ସଂପାଦକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂସ୍କୃତ ନାଟକ, ନୃତ୍ୟ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଘନଶ୍ୟାମ ପଣ୍ଡା, କିରଣ ବିଶ୍ୱାଳ, ମୋହନ ମେହେର, ଅରୁଣ ପଣ୍ଡା ପ୍ରମୁଖ ଯୋଗ ଦେଇ ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଦ୍ମାଳୟା ଭୋଇ, ସଗାରିକା ଦାସ, ମିଳି ଦାସ, ଜ୍ୟୋତିର୍ମୟ, ସୁଷମା ସାହୁ, ଶୁଭଶ୍ରୀ ବାରିକ, ସରିତା ପଣ୍ଡା ପ୍ରମୁଖଙ୍କ ସମେତ ଅତାବିରା ବ୍ଲକ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ମେଦିନୀ କାନ୍ତ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରୁଚିଦା ହାଇସ୍କୁଲରେ ଯକ୍ଷ୍ମା ନିରାକରଣ ସଚେତନତା

ଅମ୍ବାଭୋନା,୨।୯ (ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବରଗଡ଼ ଆନୁକୂଲ୍ୟରେ ଜିଲ୍ଲା ଯକ୍ଷ୍ମା ବିଭାଗ ପକ୍ଷରୁ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ପୁରୁଷୋତ୍ତମ ହାଇସ୍କୁଲ ରୁଚିଦାରେ ଯକ୍ଷ୍ମା ନିରାକରଣ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶଙ୍କର ପ୍ରସାଦ ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସ୍ୱାସ୍ଥ୍ୟ ଅଧିକାରୀ ଡ.ଭବାନୀ ଶଙ୍କର ପ୍ରଧାନ ଯୋଗ ଦେଇ ଯକ୍ଷ୍ମାରୋଗର କାରଣ, ଲକ୍ଷଣ ଓ ନିରାକରଣ ବିଷୟରେ ସମସ୍ତଙ୍କୁ ଧାରଣା ଦେଇଥିଲେ। ଟିବି ଚାମ୍ପିଅନ ପ୍ରଣତି ଭୋଇଙ୍କୁ ତାଲିମ୍ ପୁସ୍ତିକା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ବଳରାମ ରଣା, ସୁବୋଧ ଭୋଇ, ହରବଲ୍ଲଭ ପ୍ରଧାନ, ପ୍ରଭାତ ନାୟକ, ତରଣୀସେନ୍ ପଧାନ, ଶିକ୍ଷୟିତ୍ରୀ ରୀନା ମେହେର, ମେନକା ସୁନା, ମେନକା ମେହେର, ତନୟା ତନସନା, ପୁଷ୍ପାଙ୍ଗିନୀ ଭୁଏ ପ୍ରମୁଖ ସହଯୋଗ କରିଥିଲେ।

# ଟଙ୍କା ହେରଫେର ମାମଲାରେ ପୂର୍ବତନ ଇଓ ଗିରଫ

ଝାରସୁଗୁଡ଼ା,୨।୯ (ସମିସ)

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୌରପରିଷଦରେ ଆର୍ଥିକ ଅନିୟମିତତା ଘଟଣାରେ ବେଲପାହାଡର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଛି। ବେଲପାହାଡ ପୌର ପରିଷଦର ପୂର୍ବତନ ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ ୨୦୨୪-୨୫ ବର୍ଷରେ କୋଟି କୋଟି ଟଙ୍କାର ହେରଫେର କରି ଦୁର୍ନୀତିରେ ଛନ୍ଦି ହୋଇଥିଲେ। ତେବେ ଇଓଡବ୍ଲ୍ୟୁ ଘଟଣାର ତଦନ୍ତ କରି ମଧୁସ୍ମିତାଙ୍କୁ ଗିରଫ କରିଥିବା ନେଇ ମଙ୍ଗଳବାର ସୂଚନା ମିଳିଛି। ଅନ୍ୟପଟେ ଘଟଣାରେ ପୂର୍ବରୁ ପୌର ପରିଷଦ ଆକାଉଣ୍ଟାଣ୍ଟ ବିଭୂତି ଭୂଷଣ ସାହୁ ଗିରଫ ହୋଇଥିବା ବେଳେ ସାନିଟାରୀ ଏକ୍ସପର୍ଟ ସୌମ୍ୟ ବିଶ୍ୱରଞ୍ଜନ ମହାଲି ଗତ ୧୮ ତାରିଖରୁ ଫେରାର ଅଛନ୍ତି। ଘଟଣାର ତଦନ୍ତ ଏବେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କରୁଛି। ପୂର୍ବରୁ ମଧ ଇଓଡବ୍ଲ୍ୟୁର ଦୁଇ ଜଣିଆ ଟିମ ବେଲପାହାଡ ପୌର ପରିଷଦ ଆସି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ।



ଏହାସହ ସ୍ୱତନ୍ତ୍ର ଅଡିଟ ଟିମ ମଧ ଅଡିଟ ଶେଷ କରି ନିଜ ରିପୋର୍ଟ ଦାଖଲ କରି ସାରିଛି। ଏହି ଦୁର୍ନୀତି ନେଇ ବେଲପାହାଡ ନଗରପାଳ ପୂର୍ବରୁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ଗତ ୧୮ ତାରିଖ ବେଲପାହାଡ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପ୍ରଥମେ ବେଲପାହାଡ ପୁଲିସ ଏବଂ ପରେ ଇଓଡବ୍ଲ୍ୟୁ ତଦନ୍ତ ଆରମ୍ଭ କରିଥିଲା।

# ଆକାଉଣ୍ଟାଣ୍ଟ ତଥା ଡାଟାଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟରୁ ନିଲମ୍ବନ

ଦେବଗଡ଼,୨।୯ (ସମିସ): ରିଆମାଳ ବ୍ଲକ କରଗଲା ପଞ୍ଚାୟତର ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟର କିଶୋର ସାହୁଙ୍କ ବିରୋଧରେ ମଙ୍ଗଳବାର ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସରକାରୀ କାର୍ଯ୍ୟରେ ଅବହେଳା, ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶ ଅବମାନନା ଏବଂ କାର୍ଯ୍ୟାଳୟରେ ବାରମ୍ବାର ଅନୁପସ୍ଥିତ ରହିବା ହେତୁ ଜିଲ୍ଲାପାଳ କବିନ୍ଦ୍ର ସାହୁ ଆଜି ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

# ଓସେପା ଯୁଗ୍ମ ନିର୍ଦ୍ଦେଶିକାଙ୍କ ବିଦ୍ୟାଳୟ ପରିଦର୍ଶନ

ଝାରସୁଗୁଡ଼ା,୨।୯ (ସମିସ): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଓଡ଼ିଶା (ଏମ୍‌ଆଇଏସ୍)ର ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ସାହୁ ଦ୍ୱିଦିବସୀୟ ଝାରସୁଗୁଡ଼ା ଜିଲ୍ଲା ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ ଦିବସର ପ୍ରଥମାର୍ଦ୍ଧରେ ସେ ଜିଲ୍ଲାର ବେଲପାହାଡ ସ୍ଥିତ ଗିରିଧରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସ୍ମାର୍ଟ



ଶ୍ରେଣୀ ଗୃହ, ଅଟଳ ଟିଙ୍କରିଂ ଲ୍ୟାବ୍, ରିଡ୍‌ରୁମ୍, ବିଜ୍ଞାନାଗାର ଆଦି ଗୁଡିକର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିବା ସହିତ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜନା ଅଧୀନରେ ନିର୍ମାଣାଧିନ କୋଠା ତଥା ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟଗୁଡିକର ତଦାରଖ କରିଥିଲେ। ଏହାପରେ ବ୍ରଜରାଜନଗର ଓପିଏମ୍ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟଗୁଡିକର ସମୀକ୍ଷା କରିଥିଲେ। ଦଶମ ଶ୍ରେଣୀର ଏ୨ ଆକାଂକ୍ଷୀ ଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ଛାତ୍ରୀମାନଙ୍କ ସହିତ ମଧ୍ୟାହ୍ନ ଭୋଜନ କରିବା ସହିତ ସେମାନଙ୍କୁ ସ୍କୁଲ ୟୁନଫର୍ମ ବଣ୍ଟନ କରିଥିଲେ। ଏଚ୍ କଟାପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗସ୍ତ କରି ଶିକ୍ଷାଦାନ, ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନାଗାର ଆଦିର ତଦାରଖ କରିବା ସହିତ ଶ୍ରେଣୀଗୃହରେ ପାଠପଢ଼ା ନିରୀକ୍ଷଣ କରିଥିଲେ। ବିଦ୍ୟାଳୟ ପରିଦର୍ଶନ ପରେ ସେ ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ, ଝାରସୁଗୁଡାଠାରେ ଜିଲ୍ଲାର ସିଆରସିସି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ ନେଇ ବୈଠକରେ ହରିତ୍ ବିଦ୍ୟାଳୟ, ୟୁଏସ ଆଦି ବିଷୟରେ ଆଲୋଚନା କରିଥିଲେ। ଏହି ପରିଦର୍ଶନରେ ଜିଲ୍ଲା ଶିକ୍ଷା ଅଧିକାରୀ ଡରାଧାକାନ୍ତ ଗଡତିଆ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ ପଟେଲ ଓ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ସାମିଲ ଥିଲେ।

# ଜିଲ୍ଲାରେ କଂଗ୍ରେସର ସଂଗଠନ ସିର୍ଜନ ଅଭିଯାନ

ଦେବଗଡ଼,୨।୯ (ସମିସ): ୨୦୨୫ ମସିହାରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ସମଗ୍ର ଭାରତରେ ସଂଗଠନ ସିର୍ଜନ ଅଭିଯାନ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଦେବଗଡ଼ ଜିଲ୍ଲାରେ ମଧ ଏହି ଅଭିଯାନ ଆରମ୍ଭ ହୋଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ କମିଟିର ପ୍ରବକ୍ତା ଚରଣ ସିଂ ସାପ୍ରା ଆଜି ଦେବଗଡ ଗସ୍ତରେ ଆସି ଅଭିଯାନର ଶୁଭାରମ୍ଭ କରିଛନ୍ତି। ବସନ୍ତ ନିବାସ ଡାକବଙ୍ଗଳା ଠାରେ ଜିଲ୍ଲା କଂଗ୍ରେସ ସଂଯୋଜକ ସେମ୍ ହେମ୍ବ୍ରମଙ୍କ ସଂଯୋଜନାରେ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଶ୍ରୀ ସାପ୍ରା ଗଣମାଧ୍ୟମକୁ ସମ୍ବୋଧିତ କରି ଅଭିଯାନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାରେ କଂଗ୍ରେସର ସାଂଗଠନିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ସେ ଦେବଗଡ ଜିଲ୍ଲାରେ ସେ ୫/୬ ଦିନ ରହିବେ। ପୌରାଞ୍ଚଳ ସମେତ ଜିଲ୍ଲାର ତିନୋଟି ଯାକ ବ୍ଲକ୍ ଗସ୍ତ କରି ତୃଣମୂଳ ସ୍ତରରେ ଥିବା ଦଳୀୟ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ସାମାଜିକ ଓ ନାଗରିକ ଅନୁଷ୍ଠାନ, ବଣିକ ସଂଘର କର୍ମକର୍ତ୍ତାଙ୍କୁ ସାକ୍ଷାତ କରିବେ। କର୍ମକର୍ତ୍ତାଙ୍କ ସହିତ ଆଲୋଚନା ପୂର୍ବକ ବୁଥସ୍ତରୀୟ କମିଟି ଗଠନ ଉପରେ ମଧ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। କଂଗ୍ରେସ ଦଳକୁ ତୃଣମୂଳ ସ୍ତରରେ ଶକ୍ତିଶାଳୀ କରିବା ଲକ୍ଷ୍ୟ ନିମନ୍ତେ ଜିଲ୍ଲା କମିଟି ଓ ଜିଲ୍ଲା ସଭାପତି, ବ୍ଲକ୍ କମିଟି ଓ ବ୍ଲକ୍‌ସ୍ତରୀୟ କର୍ମକର୍ତ୍ତା, ମହିଳା କଂଗ୍ରେସ, ଯୁବ କଂଗ୍ରେସ, କଂଗ୍ରେସ ସେବାଦଳ, ଛାତ୍ର କଂଗ୍ରେସ, କଂଗ୍ରେସ ଏସ୍‌ଟି(ଜନଜାତି) ସେଲ ଓ କଂଗ୍ରେସ ସଂଖ୍ୟା ଲଘୁ ସେଲ ଗଠନ ଓ ଏହାର କର୍ମକର୍ତ୍ତା ମନୋନୟନ ନେଇ ଶ୍ରୀ ସାପ୍ରା ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସେ ବିଜେପି ଦଳର ଭୋଟ ଚୋରୀ ପ୍ରସଙ୍ଗରେ ମଧ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସୂଚନା ଦେଇ ଜାଲିଆତି କରି ସରକାର ଗଠନ କରିଥିବାରୁ ମୋଦିଜୀଙ୍କର କ୍ଷମତାରେ ରହିବାର ଅଧିକାରୀ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ରାଜଗାଙ୍ଗପୁର ବିଧାୟକ ଡ.ରାଜନ ଏକ୍କା, କଂଗ୍ରେସ ନେତା ହଳଧର ସେଠୀ, ସୁବ୍ରତ ପ୍ରଧାନ ଓ ପ୍ରମୋଦ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କଂଗ୍ରେସ ସଂଯୋଜକ ଶ୍ରୀ ହେମ୍ବ୍ରମ ସଭା ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।




# ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ

ବିଜେପୁର,୨।୯ (ସମିସ): ନାରୀମାନେ ଭଗବତ ଅଭିମୁଖୀ ହେଲେ ଦିବ୍ୟ ଯୁଗ ସମ୍ଭବ ହେବ ବୋଲି ବରଗଡ଼ ଜିଲ୍ଲା ବିଜେପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ମାତୃତୀର୍ଥ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀରେ ଆଲୋଚକଗଣ ମତପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ସାଧକ ଶ୍ରୀଧର ସାହୁ ମାତୃ ପତାକା ଉତ୍ତୋଳନ କରିଥିଲେ ଏବଂ ବନ୍ଦେମାତରମ ସଂଗୀତ ଗାନ କରାଯାଇଥିଲା। ଜିଲ୍ଲାସ୍ତରୀୟ ସମ୍ମିଳନୀକୁ ସଂଗଠୀ ମଣ୍ଡଳ ସଂଯୋଜକ ପ୍ରଫୁଲ୍ଲ ପଣ୍ଡା ଉଦ୍‌ଘାଟନ କରିଥିଲେ। ଜିଲ୍ଲା ମହିଳା ପାଠଚକ୍ରର ସଙ୍ଗଠକ ଜୟନ୍ତୀ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଲଳିତା ପ୍ରଧାନ, ରାଜଲକ୍ଷ୍ମୀ ମହାରଣା, ସୀମାଞ୍ଜଳୀ ସ୍ୱାଇଁ ପ୍ରମୁଖ ମନ୍ତ୍ର ଉଚ୍ଚାରଣ କରିଥିଲେ। ମମତା ଦାସ, ବୈଜୟନ୍ତୀ ଧରୁଆ, ଆହ୍ଲାଦିନୀ ଦଳାଇ, ତପସ୍ୱିନୀ ମହାପାତ୍ର, ପ୍ରତିମା ଗୁରୁ, ଶ୍ରୀଧର ସାହୁ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଶକୁନ୍ତଳା ସାହୁ ଉଦ୍ଦେଶ୍ୟ ଜ୍ଞାପନ ଓ ପରିଚାଳନା କମିଟି ସଦସ୍ୟ ରାଜେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀପ୍ରିୟା ରାଉତଙ୍କ ସଂଯୋଜନାରେ ଦ୍ୱିତୀୟ ଅଧିବେଶନରେ ପ୍ରଫୁଲ୍ଲ ପଣ୍ଡା ଓ ଅଧ୍ୟାପକ ରାଧାକାନ୍ତ ମିଶ୍ର ଆଲୋଚନା ଭାବେ ଯୋଗ ଦେଇଥିଲେ। ସଂପାଦକ ଦେବାର୍ଚ୍ଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସାଙ୍ଗଠନିକ ଆଲୋଚନା ହୋଇଥିଲା। ଶେଷରେ ସଭାପତି ଲୋକନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ ଗଡତୀୟା, ସାମାଜିକ କର୍ମୀ ଯୋଗେନ୍ଦ୍ର ପଧାନ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ଜିଲ୍ଲାର ୩୦ଟି ଶିକ୍ଷା କେନ୍ଦ୍ର ସମେତ ମହିଳା ପାଠଚକ୍ରର କର୍ମୀ ଅପାଭାଇ ଯୋଗ ଦେଇଥିଲେ। ସମସ୍ତ ଅପାଭାଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୮ ଫୁଟିଆ ଅଜଗର ଉଦ୍ଧାର



ପାଇକମାଳ,୨।୯ (ସମିସ): ପାଇକମାଳ ଭାରତ ପେଟ୍ରୋଲିୟମ ପାଖରେ କେନ୍ଦୁଭଟ୍ଟା ଛକ ନିକଟରେ ସକାଳେ ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ପାଇକମାଳ ସ୍ନେକ ହେଲ୍ପ ଲାଇନ ଚିମନଲାଲ କଟାପଲିଆ ଓ ବନବିଭାଗ ମିଳିତ ଭାବେ ଉଦ୍ଧାର କରି ନିକଟସ୍ଥ ଗନ୍ଧମାର୍ଦ୍ଦନ ପର୍ବତ ଉପରେ ଛାଡିଦେଇ ଥିବା ଜଣା ପଡିଛି। ସାପଟି ୮ ଫୁଟ ଥିବା ବେଳେ ୧୩ କେଜି ଓଜନ ସାପ ଥିଲା ବୋଲି ବନ ବିଭାଗ ସୂଚନା ଦେଇଛି।

# ପଦ୍ମପୁର ଏନ୍‌ଏସି ତରଫରୁ ସ୍ୱାୟତ୍ତ ଶାସନ ଦିବସ

ପଦ୍ମପୁର,୨।୯ (ସମିସ): ପଦ୍ମପୁର ଏନ୍‌ଏ ସି ତରଫରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପଦ୍ମପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାଉନସିଲରଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରାଯାଇଥିଲା। ସଫେଇ କର୍ମଚାରୀଙ୍କ ସମେତ କାର୍ଯ୍ୟାଳୟର ବିଭିନ୍ନ କର୍ମଚାରୀ ମାନଙ୍କୁ ନୂଆ ବସ୍ତ୍ର ପ୍ରଦାନ କରାଯାଇଥିଲା। ସରକାରୀ ଡାକ୍ତରଖାନା ପରିସରରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଟାଉନ୍ ହଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ସାବିତ୍ରୀ ବାଗ, ଉପାଧ୍ୟକ୍ଷ ଭାରତୀ ପଟ୍ଟନାୟକ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଏସଡିପିଓ ପାଣ୍ଡବ ଶବର ସାଂସଦଙ୍କ ପ୍ରତିନିଧି ଭାବେ ସୁନିଲ ଅଗ୍ରୱାଲ ଓ ସମସ୍ତ କାଉନସିଲର ଯୋଗଦାନ କରିଥିଲେ। ବକ୍ତା ଭାବେ ଓଡ଼ିଆ ବିଭାଗର ଡ.ସରୋଜ ନାୟକ ଯୋଗଦାନ ଦେଇଥିଲେ। ଏନ୍‌ଏସି ତରଫରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଡିସିବି ବ୍ୟାଙ୍କ ପଦ୍ମପୁର ଶାଖା ତରଫରୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଏନ୍‌ଏସିରେ କାର୍ଯ୍ୟରତ ବିଭିନ୍ନ ସଫେଇ କର୍ମଚାରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କଳାକାର, ନାଟ୍ୟ ପ୍ରତିଭା, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅନନ୍ତ ପୂଜା ମହୋତ୍ସବ ପାଇଁ ସମନ୍ୱୟ କମିଟିର ବୈଠକ

ବିଜେପୁର,୨।୯ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ସହରରେ କେଉଁ ଆବାହମାନ କାଳରୁ ଅନନ୍ତ ନାରାୟଣଙ୍କ ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବର ୬ ରୁ ୯ ଏହା ମହାସମାରୋହରେ ଅନୁଷ୍ଠିତ ହେବ। ସମୁଦାୟ ୮ଟି ସ୍ଥାନରେ ଅନନ୍ତ ନାରାୟଣ ମେଢ଼ ନିର୍ମାଣ ଖୁବ୍ ଜୋରରେ ଚାଲିଥିବା ବେଳେ ପ୍ରବଳ ଭିଡକୁ ଆଖି ଆଗରେ ରଖି ସ୍ଥାନୀୟ ବ୍ଲକ୍ ଅଫିସ ସଭାଗୃହ ଠାରେ ସମସ୍ତ ପୂଜା କମିଟିର କର୍ମକର୍ତ୍ତା, ସଦସ୍ୟ ଗଣଙ୍କୁ ନେଇ ସମନ୍ୱୟ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠକ ତଥା ସାମ୍ବାଦିକ ଜିତେନ୍ଦ୍ରିୟ ମେହେରଙ୍କ ଆବାହକତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ବିଧାୟକ ତଥା ଜମିଦାର ସନତ ଗଡତୀୟା ଅଧ୍ୟକ୍ଷତା କରିଥିଲେ। ସଭାରେ ବ୍ଲକ୍ ଅଧ୍ୟକ୍ଷ ଜୟକୃଷ୍ଣ ତନସନା, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁଦତ୍ତ ସାହୁ, ବିଜେପୁର ସିଏଚସି ଇନଚାର୍ଜ ଡ.ସୁଶାନ୍ତ ମେହେର, ଥାନା ଅଧିକାରୀ ସୁଶାନ୍ତମଣି ମହାନ୍ତି, ଫାୟାର ଅଫିସର ଭକ୍ତ ଚରଣ ତାଣ୍ଡି, ଇଲେକ୍ଟ୍ରିକାଲ ଏସଡିଓ ସୁଧିର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ମହୋତ୍ସବ ପୂର୍ବରୁ ସହର ସଫାସୁତୁରା, ଶାନ୍ତି ଶୃଙ୍ଖଳା ବଜାୟ ରଖିବା, ସଦାସର୍ବଦା ବିଦ୍ୟୁତ ସରବରାହ ରହିବା, ଟ୍ରାଫିକ ସମସ୍ୟା, ଅଗ୍ନିଶମ ବିଭାଗ ସବୁବେଳେ ସଜାଗ ରହିବା, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଭଳି ଅନେକ ବିଷୟକୁ ନେଇ ଉପସ୍ଥିତ ଅଧିକାରୀ ମାନେ ନିଜସ୍ୱ ମତ ପ୍ରଦାନ କରିଥିଲେ।

# ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କଲା ଅଟଳ ପରିବାର

ଅମ୍ବାଭୋନା,୨।୯ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ବରଗଡ଼ରୁ ରାୟଗଡ ଛତିଶଗଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବଡ ଦର୍ଲିପାଲି ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ରୁଚିଦା ଗାଁ ଗଣପତି ନାୟକ(୭୨) ଏକ ବ୍ୟାଟେରୀ ଚାଳିତ ସ୍କୁଟି ଯୋଗେ ନିଜ ଘରକୁ ଫେରୁଥିବା ସମୟରେ ବଡ ଦର୍ଲିପାଲି ଗାଁର କୃଷ୍ଣ ନାମକ ବ୍ୟକ୍ତିଙ୍କ ସହିତ ଧକ୍କା ହୋଇଥିଲା। ଯାହା ଫଳରେ ଗଣପତି ନାୟକଙ୍କ ଗୋଡ, ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହି ସମୟରେ ଅଟଳ ପରିବାରର ସଦସ୍ୟ ଶିବାଜୀ ପଟେଲ, ପ୍ରଫୁଲ୍ଲ ପ୍ରଧାନ, ନିତ୍ୟାନନ୍ଦ ବେହେରା, ଜନାର୍ଦ୍ଦନ ସାହୁ ଓ ବାସୁଦେବ ସା ଖବର ପାଇ ସାଙ୍ଗେ ସାଙ୍ଗେ ଦୁର୍ଘଟଣା ସ୍ଥଳରୁ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ଚିକିତ୍ସା କରାଇବା ସହିତ ତାଙ୍କର ସମ୍ପର୍କୀୟଙ୍କୁ ଯୋଗାଯୋଗ କରିଥିଲେ। ସ୍ଥିତି ଗମ୍ଭୀର ହେବାରୁ ତାଙ୍କୁ ଡାକ୍ତର ବରଗଡ଼ ସ୍ଥିତ ଖେଦାପାଲି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ।

# ଟ୍ରାଫିକ୍ ଓ ଆଇନ ଶୃଙ୍ଖଳା ନେଇ ଏସ୍‌ପିଙ୍କୁ ଭେଟିଲା ଓକିଲ ସଂଘ

ଝାରସୁଗୁଡ଼ା,୨।୯ (ସମିସ): ଝାରସୁଗୁଡ଼ା ସହରରେ ଲାଗି ରହିଥିବା ଟ୍ରାଫିକ ସମସ୍ୟା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା ନୂତନ ଭାବେ ଯୋଗ



ଦେଇଥିବା ଏସ୍‌ପିଙ୍କୁ ମଙ୍ଗଳବାର ଭେଟିଛନ୍ତି। ସଂଘ ସଭାପତି ତ୍ରିନାଥ ଗୁଆଲ ଏବଂ ସମ୍ପାଦକ ନୀଳାଦ୍ରି ବିହାରୀ ପଣ୍ଡା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କୁ ଭେଟି ସହରର ଟ୍ରାଫିକ ସମସ୍ୟାକୁ କିପରି ସମାଧାନ କରାଯାଇ ପାରିବ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଇନ ଶୃଙ୍ଖଳା ଠିକ ନ ଥିବା ନେଇ ଆଲୋଚନା କରିଥିଲେ। ଏସ୍‌ପି ଏହା ଉପରେ ପଦକ୍ଷେପ ଗ୍ରହଣ କରିବା ସହିତ ଜିଲ୍ଲାରେ ଶାନ୍ତି ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ପୁଲିସ ପକ୍ଷରୁ ଚେଷ୍ଟା କରାଯିବ ବୋଲି କହିଛନ୍ତି।

# ବିଇଓଙ୍କୁ ପାଇକମାଳ ପାଚକ ପାଚିକା ସଂଘର ଦାବିପତ୍ର

ପାଇକମାଳ,୨।୯ (ସମିସ)



ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ରାଜ୍ୟ ସଂଘ ଆନୁକୂଲ୍ୟରେ ପାଇକମାଳ ଶାଖା ବ୍ଲକ୍‌ର ପାଚକ ପାଚିକା ସଂଘ ୩ ଦଫା ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଇକମାଳ ବିଇଓଙ୍କ ଜରିଆରେ ଦାବିପତ୍ର ସୋମବାର ଦେଇଛି। ରାଜ୍ୟ ସାଧାରଣ ସମ୍ପାଦିକା ଦୀପାଞ୍ଜଳୀ ଯାଦବ, ବ୍ଲକ୍ ସଭାନେତ୍ରୀ ଉର୍ମିଳା ମେହେରଙ୍କ ନେତୃତ୍ୱରେ ନୃସିଂହନାଥ ଧର୍ମଶାଳା ସମ୍ମିଳନୀ କକ୍ଷରେ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ରାଜ୍ୟ ସଂଘ, ପାଇକମାଳ ବ୍ଲକ୍ ଶାଖା ସଭ୍ୟ ମାନଙ୍କୁ ନେଇ ସଭା ଅନୁଷ୍ଠିତ ହୋଇଛି। ସଭାରେ ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟ ଉପ ସଭାନେତ୍ରୀ ସୁମିତ୍ରା ରଥ, ରାଜ୍ୟ ସାଧାରଣ ସମ୍ପାଦିକା ଦୀପାଞ୍ଜଳୀ ଯାଦବ, ରାଜ୍ୟ ମୁଖ୍ୟ ସଂଯୋଜକ ନିରଞ୍ଜନ ପାତ୍ର, ରାଜ୍ୟ ସମ୍ପାଦକ ବିଜୟ ରଥ, ବ୍ଲକ୍ ସଭାନେତ୍ରୀ ଉର୍ମିଳା ମେହେର, ପଦ୍ମପୁର ସଭାନେତ୍ରୀ ଇନ୍ଦ୍ରାବତୀ ନାୟକ, ସମ୍ପାଦିକା ରିନା ପ୍ରଧାନ, ଉପସଭାନେତ୍ରୀ ସୈଦାମିନି ମାହାର, ଭାଗ୍ୟଶ୍ରୀ ସାହୁ, ରମାଦେବୀ ଭୁଏଁ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। ପାଚିକା ମାନେ ଦୀର୍ଘ ୨୭/୨୮ ବର୍ଷ ଧରି ପିଏମ ପୋଷଣ ମଧ୍ୟାହ୍ନ ଭୋଜନ ଯୋଜନାରେ କାର୍ଯ୍ୟକରି ଆସୁଥିଲେ ସୁଦ୍ଧା ବହୁତ କମ୍ ପାରିଶ୍ରମିକ ପାଉଥିବାରୁ ଦୁଃଖ ପ୍ରକାଶ କରିବା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପାଚିକା ମାନଙ୍କ ଦାବିକୁ ତୁରନ୍ତ ପୂରଣ କରିବାକୁ ଦାବି କରିଛନ୍ତି। ଦୈନିକ ସର୍ବନିମ୍ନ ମଜୁରୀ ୪୬୨ ଟଙ୍କା ଦିଆଯାଉ, ପରିଚୟ ପତ୍ର, ନିଯୁକ୍ତି ପତ୍ର, ଅବସରକାଳୀନ ଭତ୍ତା, ମୃତ୍ୟୁ କାଳୀନ ସହାୟତା, ୬୦ ବର୍ଷ ବୟସରେ ଅବସରକାଳୀନ ସମେତ ଅନ୍ୟାନ୍ୟ ଅନେକ ଦାବି ଗୁଡିକ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଭା ପରେ ଏକ ରାଲି କରି ବିଇଓ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କ ଜରିଆରେ ଦାବିପତ୍ର ଦେଇଥିଲେ। ଶେଷରେ ଉର୍ମିଳା ମେହେର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ରେଳ ଧାରଣା ରାସ୍ତା କଂକ୍ରିଟ୍ କରିବାକୁ ଦାବି

ବରଗଡ଼,୨।୯ (ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ଅଧୀନ ମୂଳବାର ଓ କମଗାଁ ପଞ୍ଚାୟତ ଅଧୀନରେ ଥିବା କମଗାଁ, ରାଉତପଡା, ଖଜୁରିଆ, ଭିଙ୍ଗେଚୋରା, ତେଜାଗୋଲା, ରୁନିପାଲି, ଶରଧାପାଲି, ରାୟଶୋଭା, କର୍ଲାଯୋରୀ, ଅନ୍ତପାଲି ଆଦି ଗାଁରୁ ଭଟଲି ବ୍ଲକ୍ କାର୍ଯ୍ୟାଳୟ କିମ୍ବା ଜିଲ୍ଲା ସଦରମହକୁମାକୁ ଯିବାକୁ ହେଲେ



ଅନେକ ସମୟରେ ପିପଲମୁଣ୍ଡା ଅତିକ୍ରମ କରି ଯିବାକୁ ହୁଏ। ତେବେ ଶୀଘ୍ର ପହଞ୍ଚିବାକୁ ହେଲେ ଗୋପାଳପୁର ସ୍ଥିତ ରେଳୱେ କ୍ରସିଂ ଅତିକ୍ରମ କରିଯିବାକୁ ପଡିଥାଏ। ରେଳୱେ କ୍ରସିଂ ନିକଟରେ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି। ଏହି ରାସ୍ତା ଦେଇ ଦୈନିକ ଯାତାୟାତ କରୁଥିବା ଶହ ଶହ ଯାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ରେଳୱେ କ୍ରସିଂ ନିକଟରେ ସ୍ଲିପ ହୋଇ ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ଯାତାୟାତ କରୁଥିବା ଜନସାଧାରଣଙ୍କୁ ସମ୍ଭାବ୍ୟ ଦୁର୍ଘଟଣାରୁ ମୁକ୍ତ କରିବା ସକାଶେ ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡିଛି। ତେଣୁ ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନ ରାସ୍ତାର ଉନ୍ନତିକରଣ ସହିତ ରେଳ ଧାରଣାକୁ ଲାଗି ରହିଥିବା ରାସ୍ତାକୁ କଂକ୍ରିଟ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପଥରରେ ଛେଚି ଯୁବକଙ୍କୁ ହତ୍ୟା



ରାଉରକେଲା,୨।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନା ଲାହାକୋଠି ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରୁ ଆଜି ସକାଳେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ଯୁବକଙ୍କ ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳରୁ ଯୁବକଙ୍କ ଚପଲ ଏବଂ ରକ୍ତଛିଟା ଲାଗିଥିବା ଏକ ପଥରକୁ ପୁଲିସ ଜବତ କରିଛି। କେହି ଦୁର୍ବୃତ୍ତ ଯୁବକଙ୍କ ମୁଣ୍ଡ ଓ ମୁହଁକୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ବୀରମିତ୍ରପୁର ଏସ୍‌ଡିପିଓ ସୁଶାନ୍ତ କୁମାର ଦାଶ ଓ ରାଉରକେଲାରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ୍ ଯୁବକଙ୍କ ପରିଚୟ ଜାଣିବାକୁ ଚେଷ୍ଟା ଚଳାଇଛି। ଯୁବକଜଣଙ୍କ ପଡ଼ୋଶୀ ଝାଡ଼ଖଣ୍ଡ ଅଞ୍ଚଳର ବୋଲି ଚର୍ଚ୍ଚା ହେଉଛି। ତେବେ ଯୁବକଙ୍କୁ ଘଟଣାସ୍ଥଳରେ ହତ୍ୟା କରାଯାଇଛି ନା ଅନ୍ୟତ୍ର ହତ୍ୟା କରିବା ପରେ ଶବକୁ ଆଣି ଏଠାରେ ଫିଙ୍ଗି ଦିଆଯାଇଛି, ତାର ଖୋଳତାଡ଼ କରୁଛି ପୁଲିସ।

# ନୂଆପଡ଼ା ବିଧାୟକଙ୍କ ବିରୋଧରେ ନିର୍ବାଚନୀ ମକଦ୍ଦମା ହାଇକୋର୍ଟରେ ଖାରଜ

କଟକ, ୨।୯ (ସମିସ): ନୂଆପଡ଼ା ବିଧାନସଭା ଆସନରୁ ନିର୍ବାଚିତ ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡାଙ୍କ ପକ୍ଷରୁ ଦାୟର ମାମଲାକୁ ଆଜି ଖାରଜ କରିଦେଇଛନ୍ତି ହାଇକୋର୍ଟ। ନିର୍ବାଚନ ମକଦ୍ଦମାର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମକଦ୍ଦମାର ବିଗତ ୫ଗୋଟି ତାରିଖରେ ହୋଇଥିବା ଶୁଣାଣି ସମୟରେ ଆବେଦନକାରୀ କିମ୍ବା ତାଙ୍କ ପକ୍ଷରୁ କେହି ଆଇନଜୀବୀ ଉପସ୍ଥିତ ନଥିଲେ। ଜନପ୍ରତିନିଧି ଆଇନ ଅନୁସାରେ ଆବେଦନକାରୀଙ୍କ ତରଫରୁ କେହି ଶୁଣାଣି ସମୟରେ ବାରମ୍ବାର ଅନୁପସ୍ଥିତ ରହିଲେ ମାମଲାକୁ ୬ମାସ ମଧ୍ୟରେ ଫଇସଲା କରାଯିବା କଥା। ଏଣୁ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଅଦାଲତ ମାମଲାଟିକୁ ଖାରଜ କରିଦେଇଛନ୍ତି। ଉକ୍ତ ଆଦେଶନାମାକୁ ଭାରତର ନିର୍ବାଚନ କମିସନ ଓ ରାଜ୍ୟ ନିର୍ବାଚନ କମିସନଙ୍କ ନିକଟକୁ ପ୍ରେରଣ କରିବା ପାଇଁ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ପ୍ରକାଶଥାଉକି ନୂଆପଡ଼ା ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଶ୍ରୀ ଢୋଲକିଆ ୬୮୮୨୨ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ୫୦୯୪୧ ଓ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ୪୪୮୧୪ ଭୋଟ୍ ପାଇଥିଲେ। ଶ୍ରୀ ଢୋଲକିଆଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ଅଭିଯୋଗ ଆଣି ଶ୍ରୀ ପଣ୍ଡା ହାଇକୋର୍ଟରେ ଏହି ମାମଲା ଦାୟର କରିଥିଲେ।

# ୪ ବାଘଦାନ୍ତ ଜବତ; ୨ ଶିକାରୀ ଗିରଫ



ମୋହନା, ୨।୯ (ସମିସ): ଗଜପତି ଜିଲ୍ଲା ମୋହନା ଥାନା ଗୋଛାଗୁଡ଼ା ଗ୍ରାମରେ ଚଢ଼ଉ କରି ବନ ବିଭାଗ ୨ ଜଣ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ସେହି ଗ୍ରାମର ଲୁଲୁ ମଲିକ ଏବଂ ଶୁକଦେବ ମଲିକ। ସେମାନଙ୍କଠାରୁ ୪ କଲରାପତରିଆ ବାଘ ଦାନ୍ତ, ଗୋଟିଏ ଧନୁତୀର, ଦେଶୀ ବନ୍ଧୁକ ଗୁଳି, ୪ଟି ଫାଶ ଜବତ କରାଯାଇଛି। ଗଜପତି ବନ ବିଭାଗ ଏସିଏଫ୍ ସାଇନିଶ୍ରୀ ଦାସଙ୍କ ସୂଚନାନୁଯାୟୀ, ଏମାନେ ଗୋଛାଗୁଡ଼ା ଜଙ୍ଗଲରେ ବାଘ ଶିକାର କରି ଏହାର ଛାଲ ଏବଂ ଦାନ୍ତ ବିକ୍ରି କରୁଥିଲେ। କିଛି ମାସ ତଳେ ଗୋଛାଗୁଡ଼ା ଗ୍ରାମର ଚିତ୍ର ମଲିକକୁ ବାଘଛାଲ ସହ ଗିରଫ କରିଥିଲା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବନ ବିଭାଗ। ଗିରଫ ଚିତ୍ରଙ୍କ ସୂଚନା ଆଧାରରେ ଆଜି ଏହି ଚଢ଼ଉ କରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଥାନା ଗାଦି ମାଡ଼ି ବସିଛନ୍ତି ୭୦ ଡ଼ିଏସ୍‌ପି

## ୯ ୯ ଡିଏସ୍‌ପିଙ୍କୁ ୪ ମାସ ହେବ ମିଳୁନାହିଁ ନୂତନ ନିଯୁକ୍ତି

ଭୁବନେଶ୍ୱର,୧।୯ (ସମିସ): ରାଜ୍ୟ ପୁଲିସରେ ଏବେ ଅଜବ ସ୍ଥିତି । ଥାନାରେ ଇନ୍ସପେକ୍ଟରଙ୍କ ବଦଳରେ କାମ କରୁଛନ୍ତି ଡ଼ିଏସ୍‌ପି । ନିଯୁକ୍ତି ଓ ପଦୋନ୍ନତି ପରେ ମଧ୍ୟ ଏହି ଅଧିକାରୀମାନେ ପ୍ରାୟ ୭୦ ଥାନା ଗାଦି ମାଡ଼ି ବସିଛନ୍ତି । ନୂତନ ନିଯୁକ୍ତି ମିଳି ନ ଥିବାରୁ ସେମାନେ ସ୍ଥାନାନ୍ତର ହୋଇ ନ ଥିବା କୁହାଯାଉଥିଲେ ହେଁ ବାସ୍ତବରେ ଏହି ଅଧିକାରୀମାନେ ଥାନା ଛାଡ଼ି ଯିବା ପାଇଁ ମନ ବଳାଉ ନ ଥିବା ସୂଚନା ମିଳିଛି । ପୁଲିସ ବ୍ୟବସ୍ଥାରେ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ପରେ ଥାନାଅଧିକାରୀ ବା ଇନ୍‌ସପେକ୍ଟରଙ୍କ ଭୂମିକା ବେଶ ପ୍ରଭାବୀ । ଇନ୍‌ସପେକ୍ଟର ପଦରେ ଯେଉଁ ପ୍ରଭାବ ଓ ପ୍ରତିଷ୍ଠା ଅଛି, ତାହା ଡ଼ିଏସ୍‌ପି ପଦରେ ନାହିଁ । ତେଣୁ ପଦୋନ୍ନତି ସତ୍ତ୍ୱେ ଅନେକ ଅଧିକାରୀ ଥାନା ଛାଡ଼ି ଯାଉ ନ ଥିବା ଅଭିଯୋଗ ହେଉଛି ।

ଗତମାସ ଏପ୍ରିଲ ମାସ ୨୩ ତାରିଖ ଦିନ ରାଜ୍ୟ ସରକାର ୧୬୮ ଜଣ ଇନ୍ସପେକ୍ଟରଙ୍କୁ ଡିଏସପି ପାହ୍ୟାକୁ ପଦୋନ୍ନତି କରିଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ଦୁଇ ମାସ ପରେ ଅର୍ଥାତ୍ ଜୁନ୍ ୨୬ ତାରିଖରେ ନୂଆ କରି ପଦୋନ୍ନତି ପାଇଥିବା ୭୦ ଜଣଙ୍କୁ ମିଶାଇ ମୋଟ ୭୯ ଡିଏସପିଙ୍କର ନିଯୁକ୍ତି ମିଳିଥିଲା। ହେଲେ ବାକି ୯ ୯ ଜଣ ଡିଏସପି ଏବେ ମଧ୍ୟ ପୂର୍ବ ପଦରେ କାର୍ଯ୍ୟ କରୁଛନ୍ତି। ଡିଏସପି ନିଯୁକ୍ତି କ୍ରମାନ୍ୱୟରେ ହୋଇନଥିବାରୁ ଅନେକ କନିଷ୍ଠ ବ୍ୟାଚର ଅଧିକାରୀ ପୋଷ୍ଟିଂ ହୋଇଥିବା ବେଳେ ବରିଷ୍ଠ ମାନେ ସେହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଫଳରେ କନିଷ୍ଠ ଓ ବରିଷ୍ଠଙ୍କ ମଧ୍ୟରେ ଭେଦଭାବ ଭଳି ପରିସ୍ଥିତି ଉପୁଜିଛି। ଏହାର ଭିତରେ ପଦୋନ୍ନତିକୁ ୪ ମାସ ବିତିଯାଇଥିଲେ ମଧ୍ୟ ୯ ୯ ଜଣ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। ଫଳରେ ନିଯୁକ୍ତି ନ ପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର ମାନେ ଡିଏସପି (ଇନଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଧିକାରୀମାନେ ପଦୋନ୍ନତି ପାଇ ଡିଏସପି ହୋଇଛନ୍ତି। ହେଲେ ଉକ୍ତ ପୁଲିସ ଜିଲ୍ଲା ଗୁଡ଼ିକରେ ମଞ୍ଜୁରୀ ପ୍ରାପ୍ତ ଡିଏସପି ପଦ ସଂଖ୍ୟା ପୂର୍ବଭଳି ରହିଛି। ଫଳରେ ପୂର୍ବ ମଞ୍ଜୁରୀ ପଦ ଅନୁସାରେ ଦରମା ଟଙ୍କା ମିଳୁଛି। ଏହାଦ୍ୱାରା ନୂଆକରି ପଦୋନ୍ନତି ପାଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡିଏସପି ଭାବେ କାମ କରୁଥିବା ଅଧିକାରୀମାନେ ଇନ୍ସପେକ୍ଟର ପାହ୍ୟାର ଦରମା ପାଉଛନ୍ତି। ପଦୋନ୍ନତିର ୩ ମାସ ପରେ ମଧ୍ୟ ୯ ୯ ଜଣ ଡିଏସପିଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ନିଷ୍ପତ୍ତି ନେବାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ ବରିଷ୍ଠ ବ୍ୟାଚର ଅଧିକାରୀଙ୍କ ପୂର୍ବରୁ କନିଷ୍ଠ ବ୍ୟାଚର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ପୁଲିସ ବିଭାଗରେ ଖରାପ ପରମ୍ପରା ସୃଷ୍ଟି ହୋଇଛି।

ପୂର୍ବରୁ ଡିଏସପି ନିଯୁକ୍ତି କ୍ଷମତା ରାଜ୍ୟ ପୁଲିସ ଡ଼ିଜିଙ୍କ ପାଖରେ ଥିଲା, ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରେ ଏହି କ୍ଷମତା ରାଜ୍ୟ ଗୃହ ବିଭାଗ ହାତକୁ ଯାଇଛି। ମାତ୍ର ଗୃହ ବିଭାଗ ଏହି ଅଧିକାରୀମାନଙ୍କୁ ୪ ମାସ ହେଲା ନିଯୁକ୍ତି ଦେଇପାରି ନାହିଁ। ଫଳରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଭୁଷୁଡ଼ିବାରେ ଲାଗିଥିବା ବେଳେ ପୁଲିସର ଅଧିକାରୀଙ୍କ ମନୋବଳକୁ ଆଘାତ ପହଞ୍ଚାଇଛି ବୋଲି କୁହାଯାଉଛି ।

# ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ଆଇନଶୃଙ୍ଖଳା ସମୀକ୍ଷା



ସମ୍ବଲପୁର, ୨।୯ (ସମିସ): ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ସମ୍ବଲପୁରର ଗସ୍ତରେ ଆସି ଆଜି ଉତ୍ତରାଞ୍ଚଳ ଆଇଜି କାର୍ଯ୍ୟାଳୟରେ ଆଇନଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରିଛନ୍ତି। ବୈଠକରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଏବଂ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର ଓ ବଲାଙ୍ଗୀର ଆଦି ବିଭିନ୍ନ ଜିଲ୍ଲାର ଏସ୍‌ପିମାନେ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲାଗୁଡ଼ିକରେ ଆଇନଶୃଙ୍ଖଳା ପରିସ୍ଥିତି, ଅପରାଧ ନିୟନ୍ତ୍ରଣ, ନିଶା କାରବାର ଉପରେ ରୋକ, ପାର୍ବଣ ଋତୁ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ଆଦି ସମୀକ୍ଷା କରାଯାଇଛି। ଏହାସହ ବରଗଡ଼ ଓ ବଲାଙ୍ଗିର ଜିଲ୍ଲାରେ ମାଓବାଦୀ ଗତିବିଧି ଉପରେ କିପରି ରୋକ୍ ଲଗାଯାଇପାରିବ ସେନେଇ ମଧ୍ୟ ଆଲୋଚନା କରାଯାଇଥିବା ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ସୂଚନା ଦେଇଛନ୍ତି। ସରକାରଙ୍କ ଭିଜନ୍‌ରେ ପୁଲିସର ଭୂମିକାକୁ ନେଇ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀ ମିଶ୍ର ଆଜି ସମ୍ବଲପୁରରେ ପହଞ୍ଚି ପ୍ରଥମେ ଡେବ୍ରିଗଡ଼ ଅଭୟାରଣ୍ୟକୁ ଯାଇ ବୁଲି ଦେଖିଥିଲେ।

**■ ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣା**

# ଜାମିନ ପାଇଁ ହାଇକୋର୍ଟରେ ନୀହାରଙ୍କ ସମେତ ଅନ୍ୟ ଅଭିଯୁକ୍ତ

କଟକ,୧।୯ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ଉପ-ସଭାପତି ଡକ୍ଟର ନୀହାର ରଞ୍ଜନ ମହାନ୍ତିଙ୍କ ଜାମିନ ଆବେଦନକୁ ନିମ୍ନ ଅଦାଲତ ଖାରଜ କରିବା ପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଟକ ତୃତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତରେ ଜାମିନ ଖାରଜ ହୋଇଥିଲା। ସେହିଭଳି ଏହି ମାମଲାରେ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତ ଜୟନ୍ତ କୁମାର ରାଉତ, ବିଜୟ କୁମାର ମିଶ୍ର, ରାମଜୀପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ ଓ ପ୍ରଶାନ୍ତ କୁମାର ଖମାରୀ ମଧ୍ୟ ପୃଥକ ପୃଥକ୍ ଭାବେ ଜାମିନ ପାଇଁ ହାଇକୋର୍ଟରେ ଆବେଦନ ଦାୟର କରିଛନ୍ତି। ଓଟିଇଟି ପ୍ରଶ୍ନପତ୍ର ଭାଇରାଲ୍ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରି ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା, ବୋର୍ଡ ଉପ ସଭାପତି ଡକ୍ଟର ମହାନ୍ତିଙ୍କ ସମେତ ଅନ୍ୟ ୬ଜଣଙ୍କୁ ଗିରଫ କରିଥିଲା।

**■ ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ଘଟଣା**

# ଜାମିନ ପାଇଁ ହାଇକୋର୍ଟରେ ଅଭିଯୁକ୍ତ

କଟକ,୧।୯ (ସମିସ): ବହୁଚର୍ଚ୍ଚିତ ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଗିରଫ ହୋଇଥିବା ସହକାରୀ ପ୍ରଫେସର ସମୀର କୁମାର ସାହୁ (୩୬) ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବାଲେଶ୍ୱର ଦୌରାଜଜ୍ ଅଦାଲତରେ ତାଙ୍କର ଜାମିନ ଖାରଜ ହୋଇଯାଇଥିଲା। ପରେ ଶ୍ରୀ ସାହୁ ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏହି ସମ୍ବେଦନଶୀଳ ଘଟଣାରେ ଗତ ଜୁଲାଇ ୧୨ ତାରିଖ ଦିନ ଶ୍ରୀ ସାହୁଙ୍କୁ ସହଦେବଖୁଣ୍ଟା ଥାନା ପୁଲିସ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ପରବର୍ତ୍ତୀ ସମୟରେ ଏହାର ତଦନ୍ତ କରିଥିଲା। କ୍ରାଇମବ୍ରାଞ୍ଚ ଶ୍ରୀ ସାହୁଙ୍କୁ ରିମାଣ୍ଡରେ ନେଇ ପଚରାଉଚୁରା ମଧ୍ୟ କରିଥିଲା। କଲେଜର ତତ୍କାଳୀନ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ, ଛାତ୍ରନେତା ଶୁଭ୍ର ସମ୍ବିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳ ମଧ୍ୟ ଏହି ଘଟଣାରେ ଗିରଫ ହୋଇଥିଲେ।

**■ ରକ୍ତଭଣ୍ଡାରରେ ଏନଏଟି-ପିସିଆର ପରୀକ୍ଷା ସୁବିଧା ନଥିବା ପ୍ରସଙ୍ଗ**

# ସତ୍ୟପାଠ ଦାଖଲ ପାଇଁ ସରକାର ଦୁଇ ସପ୍ତାହ ସମୟ ନେଲେ

କଟକ, ୨।୯ (ସମିସ): ରାଜ୍ୟର ୪୫ଟି ରକ୍ତଭଣ୍ଡାରରେ ୨୦୨୫ ମାର୍ଚ୍ଚ ସୁଦ୍ଧା ରକ୍ତର ନ୍ୟୁକ୍ଲିକ୍ ଏସିଡ୍ ଟେଷ୍ଟ (ଏନ୍‌ଏଟି-ପିସିଆର) ପରୀକ୍ଷା ସୁବିଧା ଉପଲବ୍ଧ କରିବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶନାମା ଅନୁପାଳନ ହୋଇପାରିନାହିଁ। ଏହି ପ୍ରସଙ୍ଗରେ ରୁଜୁ ଅଦାଲତ ଅବମାନନା ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଥିବା ବେଳେ ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିବାକୁ ଆଉ ଦୁଇ ସପ୍ତାହ ସମୟ ଲୋଡ଼ିଛନ୍ତି। ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିବା ସହ ଆସନ୍ତା ସେପ୍ଟେମ୍ବର ୧୬କୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସମସ୍ତ ରକ୍ତଭଣ୍ଡାରରେ ଏହି ସୁବିଧା କାର୍ଯ୍ୟକ୍ଷମ ହେବା ପାଇଁ ଆଉ ୯ମାସ ସମୟ ଲାଗିବ ବୋଲି ପୂର୍ବରୁ ଏହି ମାମଲାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ ଦର୍ଶାଯାଇଥିଲା। ୪୫ଟି ରକ୍ତଭଣ୍ଡାରରେ ଏନଏଟି ପରୀକ୍ଷା ପାଇଁ ଗତ ଏପ୍ରିଲ୨୮ରେ ଇ-ଟେଣ୍ଡର କରାଯାଇଛି ବୋଲି କୁହାଯାଇଥିଲା। ତେବେ ଇ-ଟେଣ୍ଡରରେ ଏନଏଟି-ପିସିଆର ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ସମ୍ପର୍କରେ କିଛି ଉଲ୍ଲେଖ କରାଯାଇନଥିବା ନେଇ ଆବେଦନକାରୀ ଅଭିଯୋଗ କରିବା ସହ ୯ମାସ ବଦଳରେ ଆଉ କମ ସମୟ ରଖାଯାଉ ବୋଲି ଦର୍ଶାଇଥିଲେ। ଏହା ଉପରେ ସରକାର ସରକାର ଜବାବ ଦାଖଲ କରିପାରିନାହାନ୍ତି। ପ୍ରକାଶଥାଉକି, ରକ୍ତର ଉପରୋକ୍ତ ପରୀକ୍ଷା ସୁବିଧା ନ ଥିବାରୁ ଏଚ୍‌ଆଇଭି ଭଳି ରୋଗ ସହଜରେ ରକ୍ତ ନମୁନାରୁ ଚିହ୍ନଟ ହୋଇପାରୁନଥିବା ଅଭିଯୋଗ ହୋଇଥିଲା।

# ମହିଳାଙ୍କ ଭିଡିଓ ଭାଇରାଲ; ଜଣେ ଅଟକ

ପାଲଲହଡ଼ା, ୨।୯ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ତଥା ଥାନା ଅଧୀନ ଜଣେ ବିବାହିତ ମହିଳାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ପୁଲିସ ଜଣଙ୍କୁ ଅଟକ ରଖିଛି। ମହିଳାଙ୍କ ଅଭିଯୋଗ ଅନୁସାରେ, ବିବାହ ପୂର୍ବରୁ ତେଲକୋଇ ଥାନା ଅଧୀନ ସିଙ୍କୁଳାବାହାଲ ଅଞ୍ଚଳର ଚିନ୍ମୟ ନାୟକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ସେ ତାଙ୍କ ସହ ଗର୍ଜନଖୋଲ ଜଳପ୍ରପାତ ଯାଇଥିବା ବେଳେ ସେଠାରେ ଚିନ୍ମୟ ତାଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କ ଅଜାଣତରେ ଏହାର ଭିଡିଓ କରିଥିଲେ। ତେବେ ପରେ ଉଭୟଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା। ମହିଳାଜଣଙ୍କ ଅନ୍ୟତ୍ର ବିବାହ କରିବା ପରେ ଚିନ୍ମୟ ସେହି ଭିଡିଓକୁ ଭାଇରାଲ କରିଥିଲେ। ନିଜ ସମ୍ପର୍କୀୟଙ୍କଠାରୁ ଏହି ଖବର ପାଇ ଭିଡିଓ ଦେଖିବା ପରେ ସେ ପାଲଲହଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ। ପାଲଲହଡ଼ା ଥାନାରେ କେସ ନଂ ୩୪୧ରେ ମାମଲା ରୁଜୁ କରି ଚିନ୍ମୟ ନାୟକକୁ ଅଟକ ରଖିଥିବା ଥାନା ପକ୍ଷରୁ ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଝିଅ କବିତାଙ୍କୁ...

'କଲେଶ୍ୱରମ ଲିଫ୍ଟ ଇରିଗେସନ ପ୍ରୋଜେକ୍ଟ'ରେ କେସିଆରଙ୍କ ନାମ ରହିଛି। କିନ୍ତୁ ସେତେବେଳେ ହରିଶ ରାଓ ଜଳସେଚନ ମନ୍ତ୍ରୀ ଥିଲେ। ମାତ୍ର ତାଙ୍କ ବିରୋଧରେ କୌଣସି ମାମଲା ନାହିଁ। ହରିଶ ରାଓଙ୍କ ଯୋଗୁଁ ତାଙ୍କ ନାମ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଆସିଲା ବୋଲି କବିତା କହିଥିଲେ। ଏହା ପୂର୍ବରୁ ମେ' ୨ରେ କବିତା ନିଜ ବାପାଙ୍କୁ ଲେଖିଥିବା ଚିଠି ପ୍ରଘଟ ହୋଇ ଯାଇଥିଲା। ଏଥିରେ ଦଳକୁ ବିଜେପିରେ ମିଶାଇବା ଚର୍ଚ୍ଚା ବିଷୟରେ ଉଲ୍ଲେଖ କରିଥିଲେ। ବିଜେପି ବିରୋଧରେ ମାତ୍ର ଦୁଇ ମିନିଟ କାହିଁକି ଭାଷଣ ଦେଇଥିଲେ ବୋଲି ପ୍ରଶ୍ନ କରିଥିଲେ।

ଏବେ ବିଆରଏସ ସୁପ୍ରିମୋ କେସିଆର ୭୩ ବର୍ଷରେ ପାଦ ଦେଲେଣି। ତେଣୁ ସେ ଧିରେ ଧିରେ ରାଜନୀତିରୁ ସନ୍ୟାସ ନେବେ ବୋଲି ଚର୍ଚ୍ଚା ହେଉଛି। ଏପରି ସମୟରେ ଦଳର ଆଗାମୀ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠୁଛି। କେସିଆର ନିଜ ପୁଅ କେଟିଆରକୁ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କରିଛନ୍ତି। ତେବେ କବିତା ନିଜକୁ ପ୍ରଭାବୀ ନେତ୍ରୀ ମାନୁଛନ୍ତି। ସେ ଦଳର ନେତୃତ୍ୱ ନେବାକୁ ଚାହୁଁଛନ୍ତି। ତେଣୁ ଏହାକୁ ବିବାଦର ଅନ୍ୟ ଏକ କାରଣ ଧରାଯାଉଛି। ୨୦୨୩ ପରେ ପାର୍ଟି ଏବଂ କ୍ୟାଡରକୁ ମଜବୁତ କରିବା ପାଇଁ ବିଆରଏସ ପ୍ରୟାସ କରୁଛି। ଏଭଳି ସ୍ଥିତିରେ ଭବିଷ୍ୟତର ନିଷ୍ପତ୍ତି, ଟିକଟ ବଣ୍ଟନ ଏବଂ ରଣନୀତିରେ କିଏ ପ୍ରମୁଖ ଭୂମିକା ନିର୍ବାହ କରିବା ତାହାକୁ ନେଇ କେସିଆର ପରିବାରରେ ଫାଟ ସୃଷ୍ଟି ହୋଇଛି।

## ଏନ୍‌ଆଇଟି ରାଉରକେଲା...

ନିର୍ଦ୍ଧାରିତ ହେଉଥିଲା। ତୈଳ କୂପରୁ ଉତ୍ପାଦିତ ପେଟ୍ରୋଲିୟମ୍ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଥିଲା। ମାତ୍ର ଏକବିଂଶ ଶତାବ୍ଦୀର ଶକ୍ତି ଏକ ଛୋଟ ଚିପ୍ ମଧ୍ୟରେ ସୀମିତ। ଏହି ଚିପ୍ ଛୋଟ ହୋଇପାରେ, କିନ୍ତୁ ଏଥିରେ ବିଶ୍ୱର ପ୍ରଗତିକୁ ଏକ ବଡ଼ ପ୍ରେରଣା ଦେବାର ଶକ୍ତି ନିହିତ ରହିଛି। ସେଥିପାଇଁ ଆଜି ସେମିକଣ୍ଡକ୍ଟର ଜଗତର ବଜାର ୬୦୦ ବିଲିୟନ ଡଲାରରେ ପହଞ୍ଚିଛି। ଆଗାମୀ କିଛି ବର୍ଷ ମଧ୍ୟରେ ଏହା ଏକ ଟ୍ରିଲିୟନ ଡଲାର ଅତିକ୍ରମ କରିବ। ଭାରତ ଯେଉଁ ଗତିରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଅଗ୍ରଗତି କରୁଛି, ସେହି ଗତିରେ ଏହି ଏକ ଟ୍ରିଲିୟନ ବଜାର ଅଂଶରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରୁ ପ୍ରସ୍ତୁତ ଚିପ୍‌କୁ ନେଇ ପ୍ରଶଂସା କରିଛନ୍ତି । 'ଏକ୍ସ'ରେ ସେ କହିଛନ୍ତି ଯେ ଏହି ଘଟଣା ଓଡ଼ିଶା ପାଇଁ ଏକ ଗର୍ବର ବିଷୟ। ଭାରତର ପ୍ରଥମ ସ୍ୱଦେଶୀ ଚିପ୍ ଉଦ୍ଭାବନର ଅଂଶ ଭାବରେ ବ୍ରହ୍ମପୁର ସ୍ଥିତ ପିଏମ୍‌ଇସି ଓ ଏନ୍‌ଆଟି ରାଉରକେଲାର ସଫଳତା ଆମ ଦେଶର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଉଲ୍ଲେଖନୀୟ ସଫଳତା ଆମ ରାଜ୍ୟ ମଧ୍ୟରେ ପରିପୂର୍ଣ୍ଣ ପ୍ରତିଭା ଏବଂ ନବସୃଜନକୁ ପ୍ରଦର୍ଶନ କରୁଛି। ଭାରତର ସେମିକଣ୍ଡକ୍ଟର ଯାତ୍ରାରେ ଓଡ଼ିଶାର ଭୂମିକା ମଧ୍ୟ ଉଜ୍ଜ୍ୱଳ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## କମିବ ୧୭୫ ସାମଗ୍ରୀର...

ଗୋଷ୍ଠୀ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ବୈଦ୍ୟୁତିକ ଯାନବାହନ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ କରିବାକୁ ସମର୍ଥନ କରିଛନ୍ତି। ଏଥିରେ ଘିଅ, ଶୁଖିଲା ଫଳ, ୨୦ ଲିଟର ପାନୀୟ ଜଳ, ଅଣ-କାର୍ବୋନେଟେଡ୍ ପାନୀୟ, ନମକିନ୍, ଚପଲ ଏବଂ ପୋଷାକ, ଔଷଧ ଏବଂ ଚିକିତ୍ସା ଉପକରଣ ଭଳି ଅଧିକାଂଶ ସାଧାରଣ ଖାଦ୍ୟ ସାମଗ୍ରୀ ୫ରୁ ୧୨ ପ୍ରତିଶତ ଟିକସ ବର୍ଗରେ ଆସିପାରେ। ଅନ୍ୟପକ୍ଷରେ ତମାଖୁ, ପାନ ମସଲା ଏବଂ ସିଗାରେଟ୍ ଭଳି ସାମଗ୍ରୀ ଉପରେ ମଧ୍ୟ ୪୦ ପ୍ରତିଶତର ଏକ ସ୍ୱତନ୍ତ୍ର ଟିକସ ହାର ଲାଗୁ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାସହ ସରକାର ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା ପ୍ରିମିୟମକୁ ଜିଏସ୍‌ଟି ମୁକ୍ତ କରିପାରନ୍ତି।

## ସାରା ରାଜ୍ୟରେ...

ଆକଳନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେପ୍ଟେମ୍ବର ୩ ଅର୍ଥାତ ବୁଧବାର ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁରରେ ସର୍ବାଧିକ ବର୍ଷା ଆଶଙ୍କା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବରଗଡ଼, ସୋନପୁର, ବୌଦ୍ଧ, କୋରାପୁଟ, ନୂଆପଡ଼ା ଓ ବଲାଙ୍ଗିରରେ ପ୍ରବଳ ଯୋଗୁଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ରାଜ୍ୟର ସମସ୍ତ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର କହିଛି। ବୁଧବାର ପରେ ବର୍ଷାର ପ୍ରଭାବ ଅପେକ୍ଷାକୃତ କମିଲେ ମଧ୍ୟ ପରବର୍ତ୍ତୀ ୩ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ।

ଅନ୍ୟପଟେ ରାଜ୍ୟରେ ପ୍ରବଳ ବର୍ଷା ପରେ ପୁଣିଥରେ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ସୋମବାର ରାତି ସୁଦ୍ଧା ସୁବର୍ଣ୍ଣରେଖା ବେସିନରେ ୨୦.୯୭ ମିମି ବର୍ଷା ହୋଇଛି। ସେହିପରି, ବୁଢ଼ାବଳଙ୍ଗରେ ୪୩.୦୭ ମିମି, ବୈତରଣୀରେ ୩୦.୬୫ ମିମି ବର୍ଷା ହୋଇଛି। ତେଣୁ ବୈତରଣୀ, ବୁଢାବଳଙ୍ଗ, ଜଳକା ଓ ସୁବର୍ଣ୍ଣରେଖାରେ ଜଳସ୍ତର ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ଏହା ସତର୍କ ସଂକେତ ଉପରକୁ ଯିବାର ଆଶଙ୍କା ରହିଛି। ମଙ୍ଗଳବାର ବିଶେଷ ବର୍ଷା ନ ହେଲେ ବିପଦ ସଂକେତ ଟପିବ ନାହିଁ। ବର୍ତ୍ତମାନ କୌଣସି ନଦୀରେ ବନ୍ୟା ନାହିଁ ବୋଲି ସେ କହିଛନ୍ତି। ସେହିପରି ହୀରାକୁଦରେ ଜଳସ୍ତର ୬୨୬.୩୧ ଫୁଟ୍ ରହିଥିବା ବେଳେ ରେଙ୍ଗାଲିର ୧୨୨.୭୩ ମିଟର ଜଳ ଅଛି। ହୀରାକୁଦରେ ୬ଟି ଗେଟ୍ ଦେଇ ବର୍ତ୍ତମାନ ବନ୍ୟାଜଳ ନିଷ୍କାସିତ ହେଉଛି। କେନ୍ଦୁଝର ହାଟଡିହି ଓ ଘସିପୁରା, ବାଲେଶ୍ୱର ସହରରେ ଲଗାଣ ବର୍ଷା ଯୋଗୁଁ ଜଳବନ୍ଦି ପରିସ୍ଥିତି ସୃଷ୍ଟି ହୋଇଛି। ଲଘୁଚାପ ଯୋଗୁଁ ବର୍ତ୍ତମାନ ଉତ୍ତର ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଶାନ୍ତ ରହିଛି। ସମୁଦ୍ର ମଧ୍ୟରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି ରହିଛି। ବେଳେବେଳେ ୬୦ କିମି ପର୍ଯ୍ୟନ୍ତ ଝଟକା ପବନର ଆଶଙ୍କା ରହିଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

## ରାସ୍ତାରେ ଜାଲ...

ଭାବେ ପ୍ରତିବାଦ କରିଛନ୍ତି। ଏପରିକି, ଘଟଣାକୁ ସ୍ଥଳକୁ ଯାଇଥିବା ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ଘେରିବା ସହ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି କରିଥିଲେ। ରାସ୍ତାରେ ପାଣି ଅଧିକ ହୋଇଯିବା ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକରେ ପାଣି ପଶିଯାଇଥିଲା।

ବାଲେଶ୍ୱରରେ ମହାନାଳ ଏବଂ ଏହାକୁ ସଂଯୋଗ କରୁଥିବା ବିଭିନ୍ନ ଛୋଟ ଓ ବଡ଼ ନାଳଗୁଡ଼ିକୁ ସଠିକ ଭାବେ ସଫା କରାଯାଉ ନଥିବାରୁ ଏଭଳି ଅସୁବିଧା ପରିଲକ୍ଷିତ ହେଉଛି। ବର୍ଷା ହେଲେ ସହରରେ ସୃଷ୍ଟି ହେଉଛି କୃତ୍ରିମ ବନ୍ୟା। ସ୍ଥାୟୀ ସମାଧାନ ପାଇଁ ପୌର ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ବ୍ୟବସ୍ଥା କରୁନଥିବା ବେଳେ ସାଧାରଣ ଲୋକେ ହୀନସ୍ତା ହେଉଛନ୍ତି।

ଏ ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ ଆଜି ସକାଳେ ଘଟଣା ସ୍ଥଳକୁ ଯାଇ ସ୍ଥିତି ପରଖିଛି। ଏହାର ସ୍ଥାୟୀ ସମାଧାନ ପାଇଁ ଦୁଇଟି ଡିପିଆର ପ୍ରସ୍ତୁତ କରାଯାଉଛି। ଅଧିକାଂଶ ସ୍ଥାନରେ ଜବରଦଖଲ ରହିଛି। ଦୁଇଟି ଡିପିଆର ଚୂଡ଼ାନ୍ତ ହୋଇ ମଞ୍ଜୁରୀ ହେବା ପରେ ପଦକ୍ଷେପ ନିଆଯିବ।

## ହୀରାକୁଦରୁ ୬ ଗେଟ୍‌ରେ...

ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୬.୪୧ ଫୁଟ୍ ରହିଛି। ଅପରପକ୍ଷେ, ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୬.୫୦ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୩.୬୬ ମିମି ବର୍ଷା ହୋଇଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୪୩ ଫୁଟ୍ ରହିଥିଲା।

ଉଲ୍ଲେଖଯୋଗ୍ୟ, ଜଳଭଣ୍ଡାରରେ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ବନ୍ୟାଜଳ ନିଷ୍କାସନ ପାଇଁ ଗତ ୨୩ ତାରିଖ ନଦୀବନ୍ଧର ଗେଟ୍ ଖୋଲାଯାଇଥିବା ବେଳେ ୨୮ ତାରିଖରେ ବନ୍ଦ କରିଦିଆଯାଇଥିଲା।

## ସେପଟେ ଲବି...

ବୋଲି ଜୟ ନାରାୟଣ ମନ୍ତବ୍ୟ ରଖିଛନ୍ତି। ସେହିପରି ଦଳର ଅନ୍ୟତମ ବିଧାୟକ ପ୍ରକାଶ ସୋରେନ ମଧ୍ୟ ବରିଷ୍ଠମାନେ ମନ୍ତ୍ରୀ ହେବା ଆବଶ୍ୟକ ବୋଲି କହିଛନ୍ତି। ବରିଷ୍ଠ ଓ ଅଭିଜ୍ଞ ବିଧାୟକଙ୍କୁ ମନ୍ତ୍ରୀ ହେବା ଆବଶ୍ୟକ। ମୁଁ ଶହେ ଶହେରେ ମନ୍ତ୍ରୀ ହେବାର ଇଚ୍ଛା ଅଛି। ମତେ ଯେଉଁ ବିଭାଗର ମନ୍ତ୍ରୀ ଦେଲେ ମଧ୍ୟ ମୁଁ ଦାୟିତ୍ୱ ନେବାକୁ ପ୍ରସ୍ତୁତ। ଜୟ ନାରାୟଣ ମିଶ୍ର ପୂର୍ବରୁ ମନ୍ତ୍ରୀ ଥିଲେ, ଦଳର ବରିଷ୍ଠ ନେତା। ତେଣୁ ସେ ମନ୍ତ୍ରୀ ହେବା ଉଚିତ୍ ବୋଲି ଶ୍ରୀ ସୋରେନ ମନ୍ତବ୍ୟ ରଖିଛନ୍ତି।

ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ମୁଖ୍ୟମନ୍ତ୍ରୀ କୌଣସି ଠୋସ୍ ନିଷ୍ପତ୍ତି ନେଇପାରୁନଥିବା ବେଳେ ବରିଷ୍ଠ ବିଧାୟକଙ୍କର ଏପରି ବୟାନ ତାଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରୁଛି। ବିଭିନ୍ନ ସମୀକରଣକୁ ଦୃଷ୍ଟିରେ ରଖି ସବୁ କୋଟେରୀକୁ ଖୁସି କରିବା ପରି ପୂର୍ଣ୍ଣାଙ୍ଗ ମନ୍ତ୍ରୀମଣ୍ଡଳ ଗଠନ ନିଶ୍ଚିତଭାବେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆହ୍ୱାନ ହେବ ବୋଲି ରାଜନୈତିକ ସମୀକ୍ଷକ ମତପ୍ରକାଶ କରିଛନ୍ତି।

## ବସ୍ତାନୀ ବୋଝରେ...

ପାଠପଢ଼ାରୁ ଧ୍ୟାନ ହଟିବା ସହ ସ୍ୱାସ୍ଥ୍ୟାବସ୍ଥା ଦୁର୍ବଳ ହୁଏ। ବିଦ୍ୟାଳୟରେ ପିଲାଙ୍କ ବସ୍ତାନୀ ବୋଝ ଯାଞ୍ଚ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ନେତୃତ୍ୱରେ ସ୍କ୍ୱାଡ୍ ଗଠନ କରାଯାଇଛି। ହେଲେ ନିୟମିତ ଯାଞ୍ଚ କରାଯାଉ ନ ଥିବାରୁ ଏବଂ ଅଭିଭାବକଙ୍କ ମଧ୍ୟରେ ସଚେତନତା ଅଭାବରୁ ବହୁ ଓଜନର ବ୍ୟାଗ୍ ନେଇ ପିଲାମାନେ ବିଦ୍ୟାଳୟକୁ ଆସୁଛନ୍ତି। ବିଶେଷକରି ଘରୋଇ ବିଦ୍ୟାଳୟଗୁଡ଼ିକ ଏହାକୁ ଭ୍ରୁକ୍ଷେପ କରୁ ନାହାନ୍ତି। ବିଶେଷକରି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ହୋମ୍‌ୱାର୍କ ନ ଦେବାର ନିୟମ ଥିଲେ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଏହାକୁ ପାଳନ କରାଯାଉ ନଥିବା ଅଭିଯୋଗ ହୋଇଛି। ଫଳରେ ପିଲାଙ୍କ ଉପରେ ଶାରିରୀକ ଓ ମାନସିକ ଚାପ ପଡ଼ିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଅନ୍ଧକାରମୟ ହେଉଥିବା ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟରେ ବ୍ୟାଗ୍ ଓଜନ୍ ଯାଞ୍ଚକୁ ଆହୁରି କଡ଼ାକଡ଼ି କରିବାକୁ ମଧ୍ୟ ଅଭିଭାବକମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ୍ ବ୍ୟାଗ୍‌ର ଓଜନ ୧.୫ କେଜି ରଖାଯାଇଥିବାବେଳେ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ୨ରୁ ୩ କେଜି, ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ୪ କେଜି, ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ପାଇଁ ୪.୫ କେଜି ଓ ଦଶମ ଶ୍ରେଣୀ ପିଲାମାନେ ଅତିବେଶୀରେ ୫ କେଜି ଓଜନର ବ୍ୟାଗ୍ ପକାଇ ବିଦ୍ୟାଳୟକୁ ଯିବାର ନିୟମ ରହିଛି।

## ଫୁଲବାଣୀ, ତାଳଚେର ମେଡିକାଲ...

ପୋର୍ଟାଲ ମାଧ୍ୟମରେ ଦାଖଲ କରିଥିଲେ। ଏନଏମସିର ଟିମ ଗତ ମେ ୨୮ ତାରିଖରେ ଫୁଲବାଣୀ ମେଡିକାଲ କଲେଜ ଓ ଜୁନ ୨୩ ତାରିଖରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜକୁ କ୍ଷେତ୍ରୀୟ ନିରୀକ୍ଷଣରେ ଆସିଥିଲେ। ପବିତ୍ର ମୋହନ ଓ ଫୁଲବାଣୀ କଲେଜକୁ ଅନୁମତି ମିଳିବା ପରେ ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ୧୪ରୁ ବୃଦ୍ଧି ପାଇ ୧୬ରେ ପହଞ୍ଚିଛି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଅଚାନକ ଖୁସି ଖବର ପାଇପାରନ୍ତି । ଧନ ବୃଦ୍ଧି ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବୃଷ:** ମାନ ସମ୍ମାନ ବୃଦ୍ଧି ପାଇବ । ଲୋକ ସମ୍ପର୍କ ବୃଦ୍ଧି ପାଇବ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ । ସାହିତ୍ୟ ଓ କଳା ପ୍ରତି ରୁଚି ବଢ଼ିବ । ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ । କାର୍ଯ୍ୟକ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ । ବ୍ୟବସାୟରୁ ଲାଭ ମିଳିବ । ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ମନ ପ୍ରସନ୍ନ ରହିବ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିପାରନ୍ତି । ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କଳା ଓ ସମ୍ମାନରେ ସମ୍ମାନିତ ହୋଇପାରନ୍ତି ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ସମାଜରେ ପ୍ରତିଷ୍ଠା ବଢ଼ିବ । ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ ।

**କନ୍ୟା:** ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ଜୀବନସାଥୀଙ୍କଠାରୁ ଉପହାର ମିଳିବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ସାମାଜିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ପୁରୁଣା ବନ୍ଧୁ ସହ ସାକ୍ଷାତ ହେବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ସରକାରୀ କାମ ସମସ୍ୟାର ସମାଧାନ ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଦାନ ଧର୍ମ କରନ୍ତୁ । ଗୁରୁଜନଙ୍କ ଆଦେଶ ପାଳନ କରିବେ । ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହୋଇପାରେ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଲେଖାଲେଖି ପ୍ରତି ରୁଚି ବଢ଼ିବ । ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି ।

## ଆଜିର ଇତିହାସ

- ୧୭୮୩- ଆମେରିକା ଓ ବ୍ରିଟେନ ମଧ୍ୟରେ ପ୍ୟାରିସ୍ ସନ୍ଧି ହୋଇଥିଲା ।
- ୧୯୨୪- ଚୀନ୍‌ରେ ଗୃହଯୁଦ୍ଧ ଆରମ୍ଭ ।
- ୧୯୭୧- କତାର ସ୍ୱାଧୀନ ରାଷ୍ଟ୍ର ହେଲା ।
- ୨୦୦୩- ପାକିସ୍ତାନ ସରକାର ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ଉପରେ ଦେଶଦ୍ରୋହ ମୋକଦ୍ଦମା ଚଳାଇବା ପାଇଁ ନିଷ୍ପତ୍ତି ନେଲେ ।
- ୨୦୧୪- ଭାରତ ଓ ପାକିସ୍ତାନରେ ଅଚାନକ ବନ୍ୟା ଯୋଗୁଁ ଦୁଇ ଶହ ଲୋକଙ୍କ ମୃତ୍ୟୁ ।

# ଅପରାଧମୁକ୍ତ ଗାଁ



ଆଜିର ସମୟରେ ସହର ହେଉ କି ଗାଁ ସବୁଠାରେ ଚୋରି, ଲୁଟ୍‌ପାଟ, ହତ୍ୟା ଆଦି ଘଟଣା ଦେଖିବାକୁ ମିଳୁଛି । ଏହି ମାମଲା ଥାନା ଯାଏଁ ଯାଉଛି । ହେଲେ ଆଜି ବି ଭାରତରେ ଏମିତି ଏକ ଗାଁ ଅଛି, ଯେଉଁଠି ମାମଲା ଥାନା ଯାଏଁ ଯାଇନାହିଁ । ଝାରଖଣ୍ଡ, ଲାତେହାର ଜିଲ୍ଲା, ପୋଚରା ପଞ୍ଚାୟତ ଅନ୍ତର୍ଗତ ଲାଲଗାଡ଼ି ଗାଁ । ଏହି ଗାଁଟି ଅପରାଧମୁକ୍ତ ଗାଁ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ । ଗାଁରେ ବାଦ ବିବାଦ ହେଲେ ସବୁ ଗ୍ରାମବାସୀ ଏକାଠି ବସି ଏହାର ସମାଧାନ ବାହାର କରି ଦିଅନ୍ତି । ଲାଲଗାଡ଼ିରେ ଖରୱାର ଜନଜାତିର ପ୍ରାୟ ୨୦୦ ପରିବାର ବାସବାସ କରନ୍ତି । ଗାଁ ଲୋକଙ୍କ ମୁଖ୍ୟ ଜୀବିକା କହିଲେ କୃଷି । ଗ୍ରାମବାସୀମାନେ ପରସ୍ପରକୁ ସୁବିଧା ଅସୁବିଧାରେ ସାହାଯ୍ୟ କରନ୍ତି । ଏହି ଗାଁରେ ଚୋରି ମାମଲା ବି ଥାନାକୁ ଯାଇନି । ହତ୍ୟା ଓ ଡକାୟତି ଭଳି ମାମଲା ମଧ୍ୟ ଏଠି ଦେଖାଯାଇନି । ଗ୍ରାମବାସୀ ଛୋଟମୋଟ ଘଟଣାକୁ ନେଇ ଥାନା କିମ୍ବା ଅଦାଲତକୁ ଯିବା ଅପେକ୍ଷା ଗାଁ ଭିତରେ ତା'ର ସମାଧାନ କରିବାକୁ ପସନ୍ଦ କରନ୍ତି । ସେହିଭଳି ଏଠାକାର ବାସିନ୍ଦା କୃଷି ଓ ପଶୁପାଳନ ଦ୍ୱାରା ବେଶ୍ ଭଲ ରୋଜଗାର କରୁଥିବାବେଳେ ସେମାନଙ୍କ ପିଲାମାନଙ୍କୁ କିପରି ଉଚ୍ଚ ଶିକ୍ଷା ଦେବେ ତାହା ଉପରେ ଗୁରୁତ୍ୱ ଦିଅନ୍ତି । ସେହିଭଳି ଲାତେହାର ପୁଲିସ୍ ଷ୍ଟେସନରେ କାର୍ଯ୍ୟରତ ପୁଲିସ୍ କର୍ମୀମାନେ ମଧ୍ୟ ଏହି ଗାଁକୁ ନେଇ ବହୁତ ଖୁସି । ଅପରାଧରୁ ଦୂରେଇ ରହିବା ଓ ସକାରାତ୍ମକ ଚିନ୍ତା ନେଇ ବଞ୍ଚିବାକୁ ଏଠାକାର ଲୋକେ ଗୁରୁତ୍ୱ ଦିଅନ୍ତି । ଗ୍ରାମବାସୀଙ୍କ ଏଭଳି ଚିନ୍ତାଧାରା ଯୋଗୁଁ ଏବେ ଏହି ଗାଁଟି ଅପରାଧ ମୁକ୍ତ ଗାଁ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

# 'ପରମ ସୁନ୍ଦରୀ' ପାଇଁ ସିଦ୍ଧାର୍ଥ ନେଇଛନ୍ତି ୧୨ କୋଟି

ସିଦ୍ଧାର୍ଥ ମଲହୋତ୍ରା ଓ ଜାହ୍ନବୀ କପୁରଙ୍କ ଅଭିନୀତ ଫିଲ୍ମ 'ପରମ ସୁନ୍ଦରୀ' ନିକଟରେ (ଅଗଷ୍ଟ ୨୯)ରେ ରିଲିଜ୍ ହୋଇଛି । ଏହାର ରିଲିଜ୍ ଦିନକୁ ଅନେକ ଦିନରୁ ଦର୍ଶକେ ଅପେକ୍ଷା କରିଥିଲେ । କାରଣ ଏହାର ଟ୍ରେଲର୍ ଓ ଗୀତଗୁଡ଼ିକ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଥିଲା । ୪୫ କୋଟିରେ ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ତୁଷାର ଜଲୌଟା ଥିଲେ । ଏହା ବକ୍ସ ଅଫିସ୍‌ରେ ଏଯାବତ୍ ଠିକ୍‌ଠାକ୍ ବ୍ୟବସାୟ କରିଛି । ତେବେ ଏହି ଫିଲ୍ମ ପାଇଁ ସିଦ୍ଧାର୍ଥ ୧୦-୧୨ କୋଟି ପାରିଶ୍ରମିକ ବାବଦରେ ନେଇଥିବା ଜଣାପଡ଼ିଛି । ଏହି ଫିଲ୍ମରେ ସିଦ୍ଧାର୍ଥ ଜଣେ ଉତ୍ତର ଭାରତୀୟ ଯୁବକ ଭୂମିକାରେ ନଜର ଆସିଛନ୍ତି । ସେହିଭଳି ଜାହ୍ନବୀ ଏଥିରେ ଜଣେ ଦକ୍ଷିଣ ଭାରତୀୟ ଯୁବତୀ ଭୂମିକାରେ ଦେଖି ଯାଇଛନ୍ତି । ଏଥିପାଇଁ ସେ ପାରିଶ୍ରମିକ ବାବଦରେ ୪ରୁ ୫ କୋଟି ନେଇଛନ୍ତି । ସଞ୍ଜୟ କପୁରଙ୍କର ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ ପାରିଶ୍ରମିକ ବାବଦରେ ୫୦ ଲକ୍ଷ ନେଇଛନ୍ତି । ସେହିପରି ଏଥିରେ ସହ କଳାକାର ଭାବେ ଦେଖାଯାଇଥିବା ଅଭିନେତା ମନଜୋତ ସିଂହ ପାରିଶ୍ରମିକ ବାବଦରେ ୨୫ ଲକ୍ଷ ନେଇଥିବା ଜଣାପଡ଼ିଛି ।



# ଗେଣ୍ଡା ପାଇଁ ସାଥୀ ଖୋଜା

ଏକ ନିର୍ଦ୍ଦିଷ୍ଟ ବୟସରେ ପହଞ୍ଚିଲା ପରେ ପୁଅ ଝିଅଙ୍କ ପାଇଁ ପାତ୍ରପାତ୍ରୀ ଖୋଜାଯାଇଥାଏ । ପୂର୍ବରୁ ବନ୍ଧୁବାନ୍ଧବ ଓ ମଧ୍ୟସ୍ଥିଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଉଥିଲା । ଏବେ ଏହି କାମକୁ ସହଜ କରିଛି ମାଟ୍ରିମୋନିଆଲ ସାଇଟ୍‌ଗୁଡ଼ିକ । ହେଲେ ଏବେ ନ୍ୟୁଜିଲ୍ୟାଣ୍ଡରେ ଏକ ଗେଣ୍ଡା ପାଇଁ ସାଥୀ ଖୋଜିବା ନିମନ୍ତେ ଏକ ଅଭିଯାନ ଚଳାଯିବା ଘଟଣା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହି ଗେଣ୍ଡାଟି ଏକ ଦୁର୍ଲଭ ଗେଣ୍ଡା । ସାଧାରଣତଃ ସବୁ ଗେଣ୍ଡାର ଖୋଳପା ଡାହାଣ ଆଡ଼କୁ ମୋଡ଼ି ହୋଇଥିବାବେଳେ ନେଡ୍ ନାମକ ଏହି ଦୁର୍ଲଭ ଗେଣ୍ଡାର ଖୋଳପା ବାମ ଆଡ଼କୁ ମୋଡ଼ି ହୋଇଛି । ପ୍ରାୟ ୪୦ ହଜାର ଗେଣ୍ଡାଙ୍କ ମଧ୍ୟରୁ ଗୋଟିଏର ଆକୃତି ଏଭଳି ହୋଇଥାଏ । ସେଥିପାଇଁ ଏହା ଦୁର୍ଲଭ । ତେବେ ନେଡ୍ ଯେପରି



ସାରା ଜୀବନ ଏକା ନ ରୁହେ ସେଥିପାଇଁ ସାମାଜିକ ଗଣମାଧ୍ୟମରେ ତା ପାଇଁ ସାଥି ଖୋଜା ଅଭିଯାନ ଆରମ୍ଭ ହୋଇଛି । ତେବେ ନେଡ୍‌କୁ ଚିତ୍ରଶିଳ୍ପୀ ତଥା ଲେଖିକା ଗିଜେଲ କ୍ଲାର୍କସନ୍ ତାଙ୍କ ବଗିଚାରୁ ପାଇଥିଲେ । ସେ ତାଙ୍କ ବଗିଚାରେ ମାଟି ଖୋଳୁଥିବା ସମୟରେ ଏହାକୁ ଠାବ କରିଥିଲେ । ତେବେ ଏହି ଗେଣ୍ଡାଟି ଦୁର୍ଲଭ ପ୍ରଜାତିର ହୋଇଥିବା ଜାଣି ଗିଜେଲ ତା ପାଇଁ ସଙ୍ଗେସଙ୍ଗେ ଏକ ଆକ୍ୱାରିୟମ୍‌ର ବ୍ୟବସ୍ଥା କରିଥିଲେ । ସେ ଏବେ ନେଡ୍ ପାଇଁ ସାଥୀ ଖୋଜିବା ନିମନ୍ତେ ସାମାଜିକ ଗଣମାଧ୍ୟମର ସାହାଯ୍ୟ ନେଇଛନ୍ତି । ସେ ନେଡ୍ ପାଇଁ ସାଥୀଟିଏ (ଏଭଳି ଏକ ଗେଣ୍ଡା) ଖୋଜି ଦେବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି । ତେବେ ଏହା ପ୍ରଥମ ଘଟଣା ନୁହେଁ ୨୦୧୭ରେ ବି ଏଭଳି ଏକ ମାମଲା ସାମ୍ନାକୁ ଆସିଥିଲା । ଲଣ୍ଡନରେ ବାମ ପାଖକୁ ମୋଡ଼ି ହୋଇଥିବା ଏକ ଗେଣ୍ଡାର ସାଥୀ ଆନ୍ତର୍ଜାତିକ ସ୍ତରରେ ଖୋଜା ଯାଇଥିଲା । ଶେଷରେ ଏଭଳି ଦୁଇଟି ଗେଣ୍ଡାକୁ ଠାବ କରାଯାଇଥିଲା ।

# ସମ୍ଭାବନା



## ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ ଅଙ୍ଗୁଳି ଦେଖାଇବା



**ସାଧାରଣତଃ କଥାବାର୍ତ୍ତା ସମୟରେ କାହାକୁ ଅଙ୍ଗୁଳି ଉଠାଇ କଥା କହିବା ସାଧାରଣ ଲାଗିପାରେ । ହେଲେ ଏହା ବ୍ୟକ୍ତିତ୍ୱର ଅନେକ ଦିଗକୁ ପ୍ରକାଶ କରିଥାଏ ।**

- କୌଣସି ବ୍ୟକ୍ତି କଥା କହିବା ସମୟରେ ସାମ୍ନାବାଲାଙ୍କୁ ଅଙ୍ଗୁଳି ଉଠାଇ ଇସାରା କରୁଥିଲେ, ନିଜକୁ ଠିକ୍ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଥାନ୍ତି । ତେବେ ଏହା ଆତ୍ମବିଶ୍ୱାସକୁ ଇଙ୍ଗିତ କରି ନ ଥାଏ, ବରଂ ଏହା ରାଜୁତି ଚଳାଇବା ମାନସିକତାକୁ ଦର୍ଶାଏ ।
- ଅନ୍ୟପ୍ରତି ଅଙ୍ଗୁଳି ଉଠାଇବା ଅଧୈର୍ଯ୍ୟତାକୁ ପ୍ରତିଫଳିତ କରେ । ଏଭଳି ଲୋକ କଥାବାର୍ତ୍ତା ବେଳେ ସଂଯମତା ରକ୍ଷା କରି ନ ଥାନ୍ତି । ଏହା ସମ୍ପର୍କ ଓ ବୃତ୍ତିଗତ ଜୀବନ ଉପରେ ପ୍ରଭାବ ପକାଏ ।
- ବାରମ୍ବାର ଜଣକ ପ୍ରତି ଅଙ୍ଗୁଳି ଉଠାଇଥିବା ଲୋକ ଅନ୍ୟକୁ ଦୋଷ ଦେବାକୁ ପସନ୍ଦ କରନ୍ତି ।
- ଅନେକ ଲୋକ ଅଭ୍ୟାସଗତ ଭାବରେ ଆଲୋଚନା କରିବା ବେଳେ ଅଙ୍ଗୁଳି ଉଠାନ୍ତି, ଏହା ଅହଂକାରକୁ ପ୍ରତିଫଳିତ କରେ । ଏହା ଦ୍ୱାରା ସେମାନଙ୍କ ମତ ଗୁରୁତ୍ୱପୂର୍ଣ୍ଣ ବୋଲି ବୁଝାଇବାକୁ ଚେଷ୍ଟା କରନ୍ତି ।

## କୌଶଳରୁ ସଫଳତା

**ଏବର ପ୍ରତିଯୋଗିତା ଓ ବଦଳୁଥିବା ସମୟରେ ଉପଯୁକ୍ତ ଜ୍ଞାନ ଓ ସଫଳତା ପାଇଁ କେବଳ ଡିଗ୍ରୀ ଯଥେଷ୍ଟ ନୁହେଁ । ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ କିଛି କୌଶଳକୁ ଆପଣାଇଲେ ଜୀବନରେ ସଫଳତା ନିହାତି ମିଳିଥାଏ ।**

**କଥାବାର୍ତ୍ତା କୌଶଳ:** ସାକ୍ଷାତକାର ହେଉ ଅବା ଟିମ୍‌ରେ କାମ କରିବା ବେଳେ ଅବା ଲୋକଙ୍କ ସହ ସାମାଜିକ ମିଳାମିଶା କରିବା ବେଳେ ନିଜ କଥା ସ୍ୱଷ୍ଟ, ଆତ୍ମବିଶ୍ୱାସର ସହ ବିନମ୍ର ଭାବେ କୁହନ୍ତୁ । ଏହା ଦ୍ୱାରା ସଫଳତା ରାସ୍ତା ସହଜ ହୁଏ ।

**ଟାଇମ୍ ମ୍ୟାନେଜମେଣ୍ଟ:** ମୋବାଇଲ ଏବଂ ଡିଜିଟାଲ ଗ୍ୟାଜେଟ ବ୍ୟବହାର ଭିତରେ ସମୟର ସଦୁପଯୋଗ କରିବା ହେଉଛି ଅସଲ କଳା । ଏହା ଦ୍ୱାରା ମଣିଷ ନିଜର ପ୍ରାଥମିକତାକୁ ଚିହ୍ନଟ କରି ସମୟ ପରିଚାଳନା କରେ ଏବଂ ସଫଳତା ପ୍ରତି ଅଗ୍ରସର ହୁଏ ।



**ନିର୍ଣ୍ଣୟ ନେବାର ନିଷ୍ପତ୍ତି:** ପ୍ରତିଦିନ କିଛି ନା କିଛି ଛୋଟ ବଡ଼ ନିଷ୍ପତ୍ତି ନେବାକୁ ପଡ଼ିଥାଏ । ଠିକ୍ ବିକଳ୍ପ ଚୟନ କରିବା ଏବଂ ସମସ୍ୟାର ସମାଧାନ ଖୋଜିବା ହେଉଛି ଏକ ବଡ଼ କୌଶଳ । ଏହି ଅଭ୍ୟାସ କ୍ୟାରିୟରକୁ ମଜଭୁତ କରେ । ତା'ସହ ନେତୃତ୍ୱ ନେବା ଦିଗରେ ଅଗ୍ରସର କରାଏ ।

**ଟିମ୍ ୱାର୍କ ଏବଂ ଡିଜିଟାଲ ଜ୍ଞାନ:** ବୃତ୍ତିଗତ ଜୀବନରେ ଟିମ୍‌ରେ କାମ କରିବା, ଅନ୍ୟକୁ ଶୁଣିବା ଏବଂ ଆବଶ୍ୟକତା ପଡ଼ିଲେ ନେତୃତ୍ୱ ନେବାକୁ ହୋଇଥାଏ । ସେହିପରି ଏବେ ଡିଜିଟାଲ ଜ୍ଞାନ କୌଣସି ବିକଳ୍ପ ନୁହେଁ, ବରଂ ଜରୁରି କୌଶଳ ପାଲଟିଛି ।

## କୋ-ୱାର୍କିଂରେ କାମ କରିବାର ଲାଭ



**କୋ-ୱାର୍କିଂ ସ୍ପେସ୍ ଏମିତି ଏକ ଅଫିସ୍, ଯେଉଁଠାରେ ଅଲଗା ଅଲଗା କମ୍ପାନିର କର୍ମଚାରୀ ଗୋଟିଏ ଜାଗାରେ କାମ କରନ୍ତି । ଫ୍ରିଲାନ୍ସର, ଷ୍ଟାର୍ଟଅପ୍ ଏବଂ କ୍ଷୁଦ୍ର ବ୍ୟବସାୟ ପାଇଁ ଏହା ହେଉଛି ଏକ ଉତ୍ତମ ବିକଳ୍ପ ।**


ସାଧାରଣତଃ ନିଜସ୍ୱ ଅଫିସ୍ ଖୋଲିବାକୁ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ହୋଇଥାଏ । ଘର ଭଡ଼ା, ବିଜୁଳି, ଇଣ୍ଟରନେଟ୍ ଫର୍ଣ୍ଣିଚର ଆଦି ଉପରେ ଖର୍ଚ୍ଚ କରିବାକୁ ହୁଏ । ହେଲେ କୋ-ୱାର୍କିଂ ସ୍ପେସ୍‌ରେ ଏହି ସବୁ ସୁବିଧା ଗୋଟିଏ ପ୍ୟାକେଜ୍‌ରେ ମିଳିଥାଏ । ଯାହାକି ଶସ୍ତା ହୁଏ । କୋ-ୱାର୍କିଂ ସ୍ପେସ୍‌ରେ ଏହି ସବୁ ସୁବିଧା ପୂର୍ବରୁ ହିଁ ଉପଲବ୍ଧ ଥାଏ । ଏଥିରେ ସମୟ ଓ ଟଙ୍କା ସଞ୍ଚୟ ହୁଏ । ତା'ସହ ଡିଜାଇନର, ମାର୍କେଟିଂ ଏକ୍ସପର୍ଟ, ଓକିଲ ତଥା ଷ୍ଟାର୍ଟଅପ୍ ମାଲିକଙ୍କ ଭଳି ଅଲଗା ଅଲଗା କ୍ଷେତ୍ରର ଲୋକଙ୍କ ସହ ଭେଟ ହେବାର ସୁଯୋଗ ମିଳେ । ଏହା ଦ୍ୱାରା ନୂଆ ସମ୍ବନ୍ଧ ତିଆରି କରାଯାଇପାରିବ ।

ଅନ୍ୟପଟେ ଘରେ କାମ କରିବାରେ ଠିକ୍ ଭାବେ କାମ ଉପରେ ଧ୍ୟାନ କେନ୍ଦ୍ରିତ କରି ହୁଏ ନାହିଁ । ତେବେ କୋ-ୱାର୍କିଂ ସ୍ପେସ୍‌ରେ କାମ କରିବାର ପରିବେଶ ମିଳେ । ଯାହାକି କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଦିଗରେ ସାହାଯ୍ୟ କରେ । ଏଥିରେ କେତେବେଳେ ବି ନିଜ ସଦସ୍ୟଙ୍କ ସଂଖ୍ୟା ବଢ଼ାଇପାରିବେ ଓ କମାଇପାରିବେ । ସେହିପରି ନିଜ ଗ୍ରାହକ ତଥା କ୍ଲାଏଣ୍ଟଙ୍କ ସହ ମିଶିବାର ଏକ ଉତ୍ତମ ସ୍ଥାନ ମିଳେ । ଏହା ମିଟିଂ ରୁମ୍‌ର ସୁବିଧା ପ୍ରଦାନ କରେ ।

ଏକାକୀ କାମ କରୁଥିବା ଲୋକ ମୁଖ୍ୟତଃ ଏକାକୀତ୍ୱ ଅନୁଭବ କରନ୍ତି । ଏଭଳି ପରିବେଶରେ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା କରିପାରିବେ । ନିଜ ସମସ୍ୟା ମଧ୍ୟ ଅନ୍ୟକୁ ଜଣାଇପାରିବେ । କାରଣ ଏଥିରେ ଅଲଗା ଅଲଗା କ୍ଷେତ୍ରର ଲୋକ କାମ କରନ୍ତି । କେବଳ ସେତିକି ନୁହେଁ, ନୂଆ ଜିନିଷ ଏବଂ କାମ କରିବାର ଅଲଗା ଅଲଗା ଉପାୟ ମଧ୍ୟ ଶିକ୍ଷା ଲାଭ କରି ହୁଏ । ଯାହାକି କ୍ୟାରିୟର୍ ଉନ୍ନତିରେ ସହାୟକ ହୁଏ ।

## ହ୍ୱାଟ୍ସଆପ୍‌ରେ 'କଲ୍ ସିଡ୍ୟୁଲ୍' ଫିଚର୍

ହ୍ୱାଟ୍ସଆପ୍ ତା' ବ୍ୟବହାରକାରୀଙ୍କ ଲାଗି ବିଭିନ୍ନ ସମୟରେ ନୂଆ ନୂଆ ଫିଚର୍ ଆଣିଥାଏ । ଏହି କ୍ରମରେ ହ୍ୱାଟ୍ସଆପ୍‌ର କଲିଂ ଫିଚର୍‌ରେ ନୂଆ ଅପଡେଟ୍ ଆସିଛି । ଏଥିରେ ପୂର୍ବରୁ କଲ୍ ସିଡ୍ୟୁଲ କରାଯାଇପାରିବ । ଫ୍ୟାମିଲି ଗ୍ରୁପ୍ ଚାଟ୍ ହେଉ କିମ୍ବା ଅଫିସ୍ ମିଟିଂ ପାଇଁ ଏବେ ସମୟ ନିର୍ଦ୍ଧାରଣ କରି ଲୋକଙ୍କୁ ଆମନ୍ତ୍ରିତ କରିପାରିବେ । ସେହିପରି ଏହି ଫିଚର୍ ମାଧ୍ୟମରେ କଲ୍ ଆରମ୍ଭ ହେବା ପୂର୍ବରୁ ସମସ୍ତଙ୍କ ପାଖକୁ ନୋଟିଫିକେସନ ଯିବ । ତେଣୁ ଏହି ନୂଆ ଫିଚର୍ ମାଧ୍ୟମରେ ପୂର୍ବରୁ ଗ୍ରୁପ୍ କଲ୍ କରାଯାଇପାରିବ । ତେବେ ସମସ୍ତ କଲ୍ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ ଦ୍ୱାରା ସୁରକ୍ଷିତ ରହିବ ବୋଲି କମ୍ପାନି ପକ୍ଷରୁ ସ୍ପଷ୍ଟ କରାଯାଇଛି । ଆଗାମୀ ଦିନରେ ଏହି ଫିଚର୍ ସମସ୍ତ ବ୍ୟବହାରକାରୀଙ୍କ ଲାଗି ଉପଲବ୍ଧ ହେବ ।



ଏହି ନୂଆ ଫିଚର୍ କେମିତି କାମ କରେ, ସେ ସମ୍ପର୍କରେ ଜାଣିବା ଜରୁରି । ପ୍ରଥମେ ହ୍ୱାଟ୍ସଆପ୍ ଅନ୍ କରି କଲ୍ ଟ୍ୟାବ୍‌କୁ ଯାଆନ୍ତୁ । ଏହା ପରେ ଉପରେ ଦିଆଯାଇଥିବା କଲ ଆଇକନ୍ ଉପରେ ଟ୍ୟାପ୍ କରନ୍ତୁ । ଯେଉଁ କଣ୍ଟାକ୍ଟ ବା ଗ୍ରୁପ୍‌କୁ କଲ୍ କରିବାର ଅଛି, ତାହାକୁ ଚୟନ କରନ୍ତୁ । ତୁରନ୍ତ କଲ୍ କରିବା ପରିବର୍ତ୍ତେ ଏଥିରେ ସିଡ୍ୟୁଲ୍ କଲ୍ ବିକଳ୍ପ ବାଛନ୍ତୁ । ଏହାପରେ ତାରିଖ ଓ ସମୟ ସହ ଭିଡିଓ କିମ୍ବା ଅଡିଓ କଲ୍ କରିବାକୁ ଚାହୁଁଛନ୍ତି, ସେକଥା ସ୍ଥିର କରନ୍ତୁ । ଶେଷରେ ଗ୍ରୀନ୍ ବଟମ୍ ଦବାଇ ସୁନିଶ୍ଚିତ କରନ୍ତୁ । ସେହିପରି ସିଡ୍ୟୁଲ୍ କରାଯାଇଥିବା କଲ୍ ଅପକମିଂ କଲ୍ ଲିଷ୍ଟରେ ପ୍ରଦର୍ଶିତ ହେବ । କଲ୍ ଆରମ୍ଭ ହେବା ପୂର୍ବରୁ ସମସ୍ତଙ୍କ ପାଖକୁ ନୋଟିଫିକେସନ ଯିବ । ଅନ୍ୟପଟେ ଗ୍ରୁପ୍ ମିଟିଂ ଏବଂ ଫ୍ୟାମିଲି ଭିଡିଓ କଲ୍‌ର ଯୋଜନା କରୁଥିବା ବ୍ୟବହାରକାରୀଙ୍କ ଲାଗି ଏହା ଉପଯୋଗୀ ସାବ୍ୟସ୍ତ ହେବ ।

## ପ୍ରି-କ୍ୱାର୍ଟରରେ ଭାମ୍ବ୍ରୀ-ଭେନସ

ନ୍ୟୁୟର୍କ,୨।୯ (ଏଜେନ୍ସି): ଭାରତର ୟୁକି ଭାମ୍ବ୍ରୀ ଓ ତାଙ୍କ ନ୍ୟୁଜିଲାଣ୍ଡ ଯୋଡି ମାଇକେଲ ଭେନସ ୟୁଏସ୍ ଓପନ ପୁରୁଷ ଯୁଗଳ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ରାତିରେ ଖେଳାଯାଇଥିବା ମୁକାବିଲାରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ୬-୧, ୭-୫ ସିଧାସଳଖ ସେଟ୍‌ରେ ଅଣସିଡେଡ ଯୋଡି କଲମ୍ବିଆର ଗୋଞ୍ଜାଲୋ ଇସ୍କୋବାର ଓ ମେକ୍ସିକୋର ମିଗୁଏଲ ଆଞ୍ଜେଲଙ୍କ ଯୋଡିକୁ ପରାସ୍ତ କରିଥିଲେ। ଭାରତର ସର୍ବୋଚ୍ଚ ଯୁଗଳ ମାନ୍ୟତାଧାରର ଭାମ୍ବ୍ରୀଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଖେଳାଳି ବିଦାୟ ନେଇସାରିଛନ୍ତି। ଯେ କୌଣସି ଗ୍ରାଣ୍ଡସ୍ଲାମ୍ ମୁକାବିଲାରେ ଭାମ୍ବ୍ରୀ ପ୍ରି-କ୍ୱାର୍ଟର ଫାଇନାଲ ଅତିକ୍ରମ କରିବାରେ ସମର୍ଥ ହୋଇପାରି ନାହାନ୍ତି।

## ଡିସେମ୍ବରରେ ଆଇଏସ୍‌ଏଲ୍

ନୂଆଦିଲ୍ଲୀ,୨।୯ (ଏଜେନ୍ସି): ଆସନ୍ତା ଡିସେମ୍ବରରେ ଇଣ୍ଡିଆନ ସୁପର ଲିଗ୍ ଫୁଟବଲ (ଆଇଏସ୍‌ଏଲ୍) ଆୟୋଜିତ ହେବ। ଏଥିଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ୍) ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଆଇଏସ୍‌ଏଲ୍ ପରିଚାଳନା ଲାଗି ଏଆଇଏଫ୍‌ଏଫ୍ ଓ ଫୁଟବଲ ସ୍ପୋର୍ଟ୍ସ ଡେଭେଲପମେଣ୍ଟ ଲିଃ (ଏଫ୍‌ଡିଏସ୍‌ଏଲ) ମଧ୍ୟରେ ୨୦୨୫ ଡିସେମ୍ବର ୮ ତାରିଖଯାଏ ହୋଇଥିଲା। କିନ୍ତୁ ଉଭୟ ପକ୍ଷ ଏହି ମାଷ୍ଟର୍ସ ରାଇଟସ ଏଗ୍ରିମେଣ୍ଟର ନବୀକରଣରେ ରାଜି ହୋଇ ନ ଥିଲେ। ଏଣୁ ଆଇଏସ୍‌ଏଲ୍‌ର ଆୟୋଜନ ନେଇ ଜୁଲାଇ ୧୧ରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏହାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଆଜି ଏହାର ଶୁଣାଣି ଥିଲା। ଏହା ପୂର୍ବରୁ ଏଆଇଏଫ୍‌ଏଫ୍ ଓ ଏଫ୍‌ଡିସିଏଲ୍ ମିଳିତଭାବେ ଆଇଏସ୍‌ଏଲ୍ ଆୟୋଜନ ଲାଗି ପ୍ରସ୍ତାବ ଦେଇଥିଲେ। ଜଷ୍ଟିସ୍ ପି ନରସିଂମା ଓ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ପ୍ରସ୍ତାବକୁ ଗ୍ରହଣ କରିବା ସହ ଘରୋଇ ଫୁଟବଲ ସିଜନ ଠିକଣାଭାବେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବରରେ ସୁପର କପ୍ ଆରମ୍ଭ ହେବାକୁ ଥିବାରୁ ଡିସେମ୍ବରରେ ଆଇଏସ୍‌ଏଲ୍ ଆୟୋଜିତ ହେବ ବୋଲି ଆଶା କରାଯାଉଛି। ପୂର୍ବତନ ବିଚାରପତି ଏଲ୍ ନାଗେଶ୍ୱର ରାଓ ଏକ ପ୍ରତିଷ୍ଠିତ, ଦକ୍ଷ ଓ ପ୍ରତିଯୋଗୀତାମୂଳକ ଫାର୍ମକୁ ଆଇଏସ୍‌ଏଲ୍ ଆୟୋଜନ କରିବା ଲାଗି ବାଛିବେ। ବିଚାରପତି ରାଓ ମଧ୍ୟ ଏଆଇଏଫଏଫ୍ ସମ୍ବିଧାନ ସମ୍ପର୍କରେ ପରେ ନିଷ୍ପତ୍ତି ନିଆଯିବ ବୋଲି ସୁପ୍ରିମକୋର୍ଟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ଟି-୨୦ କ୍ରିକେଟରୁ ଅବସର ନେଲେ ଷ୍ଟାର୍କ

ସିଡନୀ, ୨।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରୁ ଅବସର ନେଇଛନ୍ତି। ଟେଷ୍ଟ ଓ ଦିନିକିଆ ଫର୍ମାଟ୍ ଉପରେ ଅଧିକ ଫୋକସ କରିବା ଲାଗି ୩୫ ବର୍ଷୀୟ ଷ୍ଟାର୍କ ଏହି



ନିଷ୍ପତ୍ତି ନେଇଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଆସେସ୍ ଓ ଭାରତ ବିପକ୍ଷ ଟେଷ୍ଟ ସିରିଜ ଖେଳାଯିବ। ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ସିରିଜ ପାଇଁ ନିଜକୁ ସମ୍ପୂର୍ଣ୍ଣ ଫିଟ୍ ରଖିବାକୁ ଲକ୍ଷ୍ୟ ରଖିଥିବା ଷ୍ଟାର୍କ କହିଛନ୍ତି। ଅପରପକ୍ଷରେ ମଙ୍ଗଳବାର ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ ଲାଗି ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଥିଲା। ଘୋଷିତ ଦଳରୁ ଷ୍ଟାର୍କଙ୍କ ସହ ପ୍ୟାଟ୍ କମିନ୍ସଙ୍କୁ ବାଦ୍ ଦିଆଯାଇଥିଲା। ଏହା ମଧ୍ୟ ଷ୍ଟାର୍କଙ୍କ ଟି-୨୦ରୁ ଅବସର ନେବାର ଅନ୍ୟ ଏକ କାରଣ ବୋଲି ଚର୍ଚ୍ଚା ହେଉଛି। ବାମହାତୀ ଦ୍ରୁତ ବୋଲର ଷ୍ଟାର୍କ ୨୦୧୨ରେ ପାକିସ୍ତାନ ବିପକ୍ଷରେ ଖେଳି ଟି-୨୦ରେ ପଦାର୍ପଣ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ୬୫ ଟି-୨୦ ମ୍ୟାଚ ଖେଳି ୭୯ ୱିକେଟ୍ ନେଇଛନ୍ତି। ୨୦୨୧ରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଅଷ୍ଟ୍ରେଲିଆ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ଏହି ଛୋଟିଆ ଫର୍ମାଟରେ ଅଷ୍ଟ୍ରେଲିଆ ପାଇଁ ସର୍ବାଧିକ ୱିକେଟ୍ ନେବାରେ ସେ ଆଦାମ ଜାମ୍ପାଙ୍କ ପଛକୁ ୨ୟ ସ୍ଥାନରେ ରହିଛନ୍ତି। ୧୩୦ ୱିକେଟ ସହ ଜାମ୍ପା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।

**ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍**

# ପୁରୁଷ କ୍ୱାର୍ଟରରେ ସିନ୍ନର-ମୁସେଟି ମୁକାବିଲା

ନ୍ୟୁୟର୍କ,୨।୯ (ଏଜେନ୍ସି)





ବିଶ୍ୱର ନଂ-୧ ତଥା ଡିଫେଣ୍ଡିଂ ଚାମ୍ପିଅନ ଇଟାଲୀର ଜାନିକ୍ ସିନ୍ନର ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ପୁରୁଷ ଏକକ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସୋମବାର ରାତିରେ ଖେଳାଯାଇଥିବା ଚତୁର୍ଥ ରାଉଣ୍ଡ ମୁକାବିଲାରେ ସିନ୍ନର କୌଣସି ତ୍ରୁଟି ନ କରି କାଜାକସ୍ଥାନର ଆଲେକ୍‌ଜାଣ୍ଡର ବୁବ୍‌ଲିକ୍‌ଙ୍କୁ ପରାସ୍ତ କରି ରେକର୍ଡ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କୁ ଭେଟିବେ। ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ମୁସେଟି ମଧ୍ୟ ଚମତ୍କାର ଖେଳ ପ୍ରଦର୍ଶନ କରି କାନାଡାର ଜୁଆମ୍ ମୁନାରଙ୍କୁ ୬-୩, ୬-୦, ୬-୧ରେ ପରାସ୍ତ କରିଥିଲେ। ନଂ-୧ ଖେଳାଳି ସିନ୍ନର ଏଠାରେ କ୍ୱାର୍ଟରଫାଇନାଲରେ ପ୍ରବେଶ ସହ ସର୍ବକନିଷ୍ଠ ଖେଳାଳି ଭାବେ କ୍ରମାଗତ ୮ଟି ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ସଫଳତା ପାଇବା ସମୟରେ ତାଙ୍କୁ ୨୪ ବର୍ଷ ୮ ଦିନ ହୋଇଥିଲା। ପୂର୍ବରୁ ନୋଭାକ ଜୋକୋଭିଚ୍ ୨୪ ବର୍ଷ ୯୯ ଦିନରେ ଏପରି ସଫଳତା ପାଇଥିଲେ। ଜୋକୋଭିଚ୍‌ଙ୍କ ଏହି ରେକର୍ଡ ସିନ୍ନର ଭାଙ୍ଗିଦେଇଛନ୍ତି।

ପୁରୁଷ କ୍ୱାର୍ଟର ଫାଇନାଲରେ କିଏ କାହା ସହ ଖେଳିବେ ତାହା ସ୍ଥିର ହୋଇଯାଇଛି। ଆଜି ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ନଂ-୨ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ସହ ଚେକ୍ ରିପବ୍ଲିକ୍‌ର ଜିରି ଲେହେକାଙ୍କର ଓ ନଂ-୪ ଟେଲର ଫ୍ରିଜ୍‌ଙ୍କ ସହ ୭ମ ସିଡ୍ ନୋଭାକ ଜୋକୋଭିଚ୍‌ଙ୍କର ମୁକାବିଲା ହେବ। ସେହିପରି ବୁଧବାର ଖେଳାଯିବାକୁ ଥିବା କ୍ୱାର୍ଟରରେ ଜାନିକ ସିନ୍ନରଙ୍କ ସହ ଲୋରେଞ୍ଜୋ ମୁସେଟି ଓ ନଂ-୮ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କ ସହ ନଂ-୨୫ ସିଡ୍ କାନାଡାର ଫେଲିକ୍ସ ଅଗର-ଆଲିସିଆମେଙ୍କର ମୁକାବିଲା ହେବ।

ସୋମବାର ଖେଳାଯାଇଥିବା ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଡି ମିନାଉର ଅଣସିଡେଡ ଖେଳାଳି ସ୍ୱିଜରଲାଣ୍ଡର ଲିଆଣ୍ଡ୍ରୋ ରିଏଡିଙ୍କୁ ୬-୩, ୬-୨, ୬-୧ ସିଧାସଳଖ ସେଟରେ ପରାସ୍ତ କରିଥିଲେ। ତାଙ୍କ କ୍ୱାର୍ଟର ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଅଗର-ଆଲିସିଆମେ ସୁନ୍ଦର ଖେଳ ପ୍ରଦର୍ଶନ କରି ନଂ-୧୫ ସିଡ୍ ରୁଷିଆର ଆନ୍ଦ୍ରେ ରୁବ୍‌ଲେଭ୍‌ଙ୍କୁ ୭-୫, ୬-୩, ୬-୪ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

### ■ ଗଫ୍‌ଙ୍କୁ ହରାଇଲେ ଓସାକା

ପୂର୍ବ ଚାମ୍ପିଅନ କୋକୋ ଗଫ୍‌ଙ୍କୁ ୬-୩, ୬-୨ରେ ହରାଇ ଜାପାନର ନାଓମି ଓସାକା ପୁଣିଥରେ ଫର୍ମକୁ ଫେରିବା ସହ ମହିଳା ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ କାରୋଲିନା ମୁଚୋଭାଙ୍କୁ ଭେଟିବେ। ସେହିପରି ଅନ୍ୟ କ୍ୱାର୍ଟର ଫାଇନାଲରେ ନଂ-୪ ସିଡ ଜେସିକା ପେଗୁଲାଙ୍କ ସହ ବାର୍ବରୋ କ୍ରେଜିକୋଭାଙ୍କର, ନଂ-୧ ସିଡ୍ ଆରିନା ସାବାଲେଙ୍କାଙ୍କ ସହ ମାର୍କେଟା ଭୋଣ୍ଡ୍ରୋଉସୋଭାଙ୍କର ଓ ନଂ-୨ ସିଡ୍ ଇଗା ସ୍ୱିଆଟେକଙ୍କ ସହ ୮ମ ସିଡ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ସହ ମୁକାବିଲା ହେବ। ଗତକାଲି ଖେଳାଯାଇଥିବା ଚତୁର୍ଥ ରାଉଣ୍ଡ ମୁକାବିଲାରେ ଆନିସିମୋଭା ୬-୦, ୬-୩ରେ ବିଏଟ୍ରିଜ୍ ହାଦାଦ ମାଇଆଙ୍କୁ ମୁଚୋଭା ୬-୩, ୬-୭, ୬-୩ରେ ମାର୍ତ୍ତା କୋସ୍ତ୍ୟୁକଙ୍କୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଥିଲେ।

**କ୍ୱାର୍ଟରଫାଇନାଲ ମୁକାବିଲା**

| ପୁରୁଷ ଏକକ | ମହିଳା ଏକକ |
|---|---|
| ଆଲକାରାଜ-ଲେହେକା | ପେଗୁଲା-କ୍ରେଜିକୋଭା |
| ଫ୍ରିଜ୍-ଜୋକୋଭିଚ୍ | ସାବାଲେଙ୍କା-ଭୋଣ୍ଡ୍ରୋଉସୋଭା |
| ସିନ୍ନର-ମୁସେଟି | ସ୍ୱିଆଟେକ୍- ଆନିସିମୋଭା |
| ଆଲେକ୍ସ-ଫେଲିକ୍ସ | ମୁଚୋଭା-ଓସାକା |

## ପ୍ରଥମ ଦିନିକିଆରେ ଇଂଲଣ୍ଡ ପରାସ୍ତ

ହେଡିଂଲେ,୨।୯ (ଏଜେନ୍ସି): ଏଠାରେ ସୋମବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ଫଳରେ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ଏହି ମ୍ୟାଚ୍‌ରେ ବାମହାତୀ ସ୍ପିନର କେଶବ ମହାରାଜ ଯାଦୁକରୀ ବୋଲିଂ କରି ୪ଟି ଓ ୱିଆନ ମୁଲ୍ଡର ୩ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୨୪.୩ ଓଭରରେ ୧୩୧ ରନ୍ କରିଥିଲା। ଦଳ ପକ୍ଷରୁ ଜେମି ସ୍ମିଥ୍ ସମ୍ମାନଜନକ ୫୪ ରନ୍ କରିଥିଲେ। ଜବାବରେ ଆଇଡେନ ମାର୍କରମ ଓ ରିୟାନ ରିକେଲଟନଙ୍କ ଯୋଡି ଥମ ୱିକେଟରୁ ୧୮.୧ ଓଭରରେ ୧୨୧ ରନ୍ ଉଠାଇଥିଲା। ଫଳରେ ଭ୍ରମଣକାରୀ ଦଳ ୨୦.୫ ଓଭରରେ ୩ୱିକେଟ ହରାଇ ବିଜୟୀ ହୋଇଥିଲା। ୨୩ ବଲ୍‌ରେ ଅର୍ଦ୍ଧଶତକ ପୂରଣକରିଥିବା ମାର୍କରମ ୫୫ ବଲ୍‌ରେ ୧୩ ଚୌକା ଓ ୨ ଛକା ସହ ୮୬ ରନ୍ କରି ଆଉଟ ହୋଇଥିଲେ। ରିକେଲଟନ ୩୧ ରନ୍‌ରେ ଅପରାଜିତ ଥିଲାବେଳେ ଦକ୍ଷିଣ ଆଫ୍ରିକା ହରାଇଥିବା ୩ଟି ଯାକ ୱିକେଟ ଆଦିଲ ରଶିଦ୍‌ଙ୍କୁ ମିଳିଥିଲା।



ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ(ଓସଜା)ର ବାର୍ଷିକ ସ୍ମରଣିକାକୁ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ସଭାପତି ଟଙ୍କଧର ତ୍ରିପାଠୀ କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାର ଆନୁଷ୍ଠାନିକ ଉନ୍ମୋଚନ କରୁଛନ୍ତି।

# ନୂଆ ପ୍ରାୟୋଜକ ପାଇଁ କଡ଼ା ସର୍ତ୍ତ ରଖିଲା ବିସିସିଆଇ

**ଯୋଗ୍ୟ ସଂସ୍ଥା: କ୍ରୀଡ଼ା ପ୍ରସାଧନ ପ୍ରସ୍ତୁତକାରୀ, ବ୍ୟାଙ୍କ, ବୀମା, ମଦ-ମୁକ୍ତ ଥଣ୍ଡାପାନୀୟ କମ୍ପାନୀ**

**ଅଯୋଗ୍ୟ ସଂସ୍ଥା : ମଦ ଓ ତମାଖୁ ଉତ୍ପାଦକାରୀ, ବେଟିଂ, ଜୁଆ, କ୍ରିପ୍ଟୋକରେନ୍ସି, ଅନଲାଇନ ଗେମିଂ, ପର୍ଣ୍ଣୋଗ୍ରାଫି**



ମୁମ୍ବଇ, ୨।୯ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ବିସିସିଆଇ ଜାତୀୟ ଦଳର ମୁଖ୍ୟ ପ୍ରାୟୋଜକ ଖୋଜିବା ଲାଗି ଅଭିଯାନ ଆରମ୍ଭ କରିଦେଇଛି। ମୁଖ୍ୟ ପ୍ରାୟୋଜକ ଅଧିକାର ହାସଲ କରିବା ପାଇଁ ବିସିସିଆଇ ବିଭିନ୍ନ ସଂସ୍ଥାକୁ ବିଡ୍ ଦାଖଲ କରିବାକୁ ନିମନ୍ତ୍ରଣ କରିଛି। ନିକଟରେ ଅନଲାଇନ ଗେମିଂ ବିଲ୍ ଆଇନରେ ପରିଣତ ହେବାପରେ ଏହା ଭାରତରେ ବ୍ୟାନ ହୋଇଥିଲା। ଫଳରେ ଅନଲାଇନ ଗେମିଂ ସଂସ୍ଥା 'ଡ୍ରିମ୍-୧୧' ଚୁକ୍ତି ଶେଷ ହେବା ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକରୁ ଓହରିଯାଇଥିଲା। ଯେଉଁଥି ପାଇଁ ଏବେ ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକ ଖାଲି ପଡ଼ିଛି । ନୂଆ ପ୍ରାୟୋଜକ ଲାଗି ବିଡ୍ ଦାଖଲର ଶେଷ ତାରିଖ ସେପ୍ଟେମ୍ବର ୧୬ ରହିଛି। ବିଡ୍ ଦାଖଲ ଲାଗି ଆଗ୍ରହୀ ସଂସ୍ଥାକୁ ସେପ୍ଟେମ୍ବର ୨ରୁ 'ଆଇଓଇଆଇ ଡକ୍ୟୁମେଣ୍ଟ' ମିଳିବ। ଏହି ଡକ୍ୟୁମେଣ୍ଟରେ ବିଡ୍ ଦାଖଲର ବିସ୍ତୃତ ନିୟମ ଓ ସର୍ତ୍ତାବଳୀମାନ ଉଲ୍ଲେଖ ରହିଛି। 'ଆଇଓଇଆଇ' ଡକ୍ୟୁମେଣ୍ଟ କ୍ରୟ କରିବାର ଶେଷ ତାରିଖ ସେପ୍ଟେମ୍ବର ୧୨ ରଖାଯାଇଛି। ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକ ହେବାକୁ ଥିବା ଆଗ୍ରହୀ ସଂସ୍ଥା ୫ ଲକ୍ଷ ଟଙ୍କାର ଅଣଫେରସ୍ତ ଯୋଗ୍ୟ ଫି ଦେଇ ଡକ୍ୟୁମେଣ୍ଟ କି ଣି ପା ରି ବେ ବୋଲି ଜଣାପଡ଼ିଛି। ସେହିଭଳି ବିସିସିଆଇ ଦ୍ୱାରା ଧାର୍ଯ୍ୟ ଆର୍ଥିକ ଯୋଗ୍ୟତା ଅନୁଯାୟୀ, ବିଡ୍ ଦାଖଲକାରୀଙ୍କ ଗତ ୩ ବର୍ଷ ପାଇଁ ହାରାହାରି ବାର୍ଷିକ ଟର୍ଣ୍ଣଓଭର ୩୦୦ କୋଟି ଟଙ୍କା ହୋଇଥିବା ଆବଶ୍ୟକ। ସେହିଭଳି ବିସିସିଆଇ ନୂଆ ପ୍ରାୟୋଜକ ଲାଗି କେତେକ କଡ଼ା ସର୍ତ୍ତ ରଖିଛି। ଯେପରି ବିଡ୍ ଦାଖଲକାରୀ ଠକାମୀ, ଆର୍ଥିକ ଆପରାଧିକ ଆଦି ମାମଲାରେ ଜଡ଼ିତ ନ ଥିବେ। ବିସିସିଆଇ ନିୟମ ଅନୁଯାୟୀ ଦ୍ୱୈତ ସ୍ୱାର୍ଥର ଦ୍ୱନ୍ଦ୍ୱ ନ ଥିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଖିଲାପଧାରୀବର୍ଗରେ ସାମିଲ ହୋଇ ନ ଥିବେ। ଅନ୍‌ଲାଇନ ଗେମିଂ, ବେଟିଂ ସହ ଜଡ଼ିତ ହୋଇ ନ ଥିବେ କିମ୍ବା ଏଭଳି ସଂସ୍ଥାରେ ନିବେଶ କରି ନ ଥିବେ। ସେହିଭଳି ମଦ ଉତ୍ପାଦ, ତମାଖୁ, ବେଟିଂ ଓ ଜୁଆ, କ୍ରିପ୍ଟୋ କରେନ୍ସି, ଅନଲାଇନ ଗେମିଂ, ପର୍ଣ୍ଣୋଗ୍ରାଫି, ସରୋଗେଟ୍ ବ୍ରାଣ୍ଡିଂ ଆଦି ସହ ଜଡ଼ିତ ଥିବା ସଂସ୍ଥାକୁ ମୁଖ୍ୟ ପ୍ରାୟୋଜକ ଲାଗି ଅଯୋଗ୍ୟ ଘୋଷିତ କରାଯିବ। ଯେଉଁ ବିଡର୍ କ୍ରୀଡ଼ା ଓ କ୍ରୀଡ଼ା ପ୍ରଶାଧନ ସାମଗ୍ରୀ, ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ସେବା, ମଦ-ମୁକ୍ତ ଥଣ୍ଡାପାନୀୟ, ବୀମା ଆଦି ସହ ଜଡ଼ିତ ସଂସ୍ଥା ବିଡ୍ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

**୧୩ ବର୍ଷର ଲଢ଼େଇ**

## ସୁପ୍ରିମକୋର୍ଟରେ ପହଞ୍ଚିଲା ଶ୍ରୀସନ୍ତ-ରାଜସ୍ଥାନ-ଇନ୍ସ୍ୟୁରାନ୍ସ ମାମଲା

ନୂଆଦିଲ୍ଲୀ ୨।୯ (ଏଜେନ୍ସି): ୨୦୧୨ରେ ଏସ୍ ଶ୍ରୀସନ୍ତଙ୍କୁ ନେଇ ଜଡ଼ିତ ଏକ ମାମଲାରେ ଆଇପିଏଲ୍ ଦଳ ରାଜସ୍ଥାନ ରୟାଲ୍ସକୁ ସୁପ୍ରିମ କୋର୍ଟକୁ ଟାଣିଛି ଏକ ବୀମା କମ୍ପାନୀ। ଏହି ଘଟଣାଟି ୧୩ ବର୍ଷ ତଳର। ଆଣ୍ଠୁରେ ଆଘାତଜନିତ ସମସ୍ୟା ଲାଗି ଶ୍ରୀସନ୍ତ ୨୦୧୨ ଆଇପିଏଲ୍‌ରୁ ସମ୍ପୂର୍ଣ୍ଣ ଭାବେ ବାଦ୍ ପଡ଼ିଥିଲେ। ସେତେବେଳେ ଏହାକୁ ନେଇ ତାଙ୍କ ଦଳ ରାଜସ୍ଥାନ ରୟାଲ୍ସ କ୍ଷତିପୂରଣ ବାବଦକୁ ୮୨ ଲକ୍ଷ ଟଙ୍କା ବୀମା କମ୍ପାନୀ ନିକଟରୁ ଦାବି କରିଥିଲା। କିନ୍ତୁ ବୀମା କମ୍ପାନୀ ଏହି କ୍ଷତିପୂରଣ ଦେବାକୁ ମନା କରିଦେଇଥିଲା। ବୀମା କମ୍ପାନୀ ପକ୍ଷରୁ କୁହାଯାଇଥିଲା କି ଶ୍ରୀସନ୍ତ ଆଇପିଏଲ୍ ସମୟରେ ନୁହେଁ ବରଂ ଏହାର ବହୁ ପୂର୍ବରୁ ଆଘାତ ପାଇଥିଲେ। ପୁରୁଣା ଆଘାତ ସମସ୍ୟା ଲାଗି ସେ ୨୦୧୨ ଆଇପିଏଲ୍ ଖେଳିପାରି ନ ଥିଲେ। ନିୟମ ଅନୁସାରେ ଏହି ଆଘାତ ସମସ୍ୟା ବୀମା କମ୍ପାନୀକୁ ଜଣାଇବାର ଥିଲା। ଅପରପକ୍ଷରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ କୁହାଯାଇଥିଲା କି, ଶ୍ରୀସନ୍ତ ପୂର୍ବରୁ ଗୋଡ଼ର ବୁଢ଼ା ଆଙ୍ଗୁଠିରେ ଆଘାତ ପାଇଥିଲେ। କିନ୍ତୁ ସେ ଆଣ୍ଠୁଜନିତ ଆଘାତ ସମସ୍ୟା ଲାଗି ଆଇପିଏଲ୍ ଖେଳିପାରି ନ ଥିଲେ। ଏହାକୁ ନେଇ ବୀମା କମ୍ପାନୀ ଓ ରାଜସ୍ଥାନ ଫ୍ରାଞ୍ଚାଇଜ ମଧ୍ୟରେ କୋର୍ଟରେ ଲଢ଼େଇ ଲାଗି ରହିଥିଲା। ଶେଷରେ ଜାତୀୟ ଉପଭୋକ୍ତା ବିବାଦ ସମାଧାନ କମିଶନ (ଏନ୍‌ସିଡିଆର୍‌ସି) ରାଜସ୍ଥାନ ରୟାଲ୍ସ ସପକ୍ଷରେ ରାୟ ଶୁଣାଇ ୮୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ବିରୋଧରେ ବୀମା କମ୍ପାନୀ ଶେଷରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ଏହି ମାମଲାରେ ବୀମା କମ୍ପାନୀକୁ ଅତିରିକ୍ତ ଦସ୍ତାବିଜ ଦାଖଲ କରିବାକୁ ସୁପ୍ରିମ କୋର୍ଟ କହିଥିବା ଜଣାପଡ଼ିଛି। ଏଠାରେ ପ୍ରକାଶଯୋଗ୍ୟ, ଆଇପିଏଲ୍‌ର ପ୍ରତ୍ୟେକ ଦଳ ସେମାନଙ୍କ ଖେଳାଳିଙ୍କ ଇନ୍ସୁରାନ୍ସ କରିଥାନ୍ତି। ଯଦି ଖେଳାଳି ଆହତ ହୋଇ ବାଦ୍ ପଡ଼ନ୍ତି ତେବେ ଫ୍ରାଞ୍ଚାଇଜ ସେହି ଖେଳାଳିଙ୍କ ଉପରେ ଖର୍ଚ୍ଚ କରିଥିବା ଅର୍ଥରାଶି ବୀମା କମ୍ପାନୀ ନିକଟରୁ ପାଇପାରିଥାନ୍ତି।

**ଏସିଆ କପ୍ ପୁରୁଷ ହକି**

# ଆଜିଠାରୁ ସୁପର୍-୪ ମୁକାବିଲା



ରାଜଗିର,୨।୯ (ଏଜେନ୍ସି)

ଏଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ବା ସୁପର-୪ ପର୍ଯ୍ୟାୟ ଆସନ୍ତାକାଲି ବା ବୁଧବାରଠାରୁ ଆରମ୍ଭ ହେବ। ୮ଟି ଦଳକୁ ନେଇ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦୁଇଟି ଗ୍ରୁପର ୨ଟି ଲେଖାଏଁ ଶ୍ରେଷ୍ଠ ଦଳ ସୁପର-୪'କୁ ଉନ୍ନିତ ହୋଇଛି। ଏଥିରେ ଗ୍ରୁପ୍-ଏ'ରୁ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ଭାରତ ଓ ଗୋଲ ବ୍ୟବଧାନରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଚୀନ୍ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି। ସେହିପରି ଗ୍ରୁପ୍-ବି'ରୁ ମାଲେସିଆ ୩ଟି ଓ ଦକ୍ଷିଣ କୋରିଆ ୨ଟି ଲିଗ୍ ମ୍ୟାଚ୍ ଜିତି ପ୍ରଥମ ଦୁଇଟି ସ୍ଥାନ ଅଧିକାର କରି ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଏହି ପର୍ଯ୍ୟାୟ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବ। ଏଥିରେ ଗୋଟିଏ ଦଳ ଅନ୍ୟ ସହ ଥରେ ଲେଖାଏଁ ଅର୍ଥାତ୍ ୩ଟି ମ୍ୟାଚ୍ ଖେଳିବ। ଏଥିରେ ଯେଉଁ ଦୁଇଟି ଦଳ ସର୍ବାଧିକ ପଏଣ୍ଟ ହାସଲ କରିବେ ସେହି ଦୁଇ ଦଳ ମଧ୍ୟରେ ଫାଇନାଲ ମୁକାବିଲା ସେପ୍ଟେମ୍ବର ୭ରେ ଖେଳାଯିବ।

ଗ୍ରୁପ୍-ଏ' ଲିଗ୍ ପର୍ଯ୍ୟାୟରେ ଭାରତ ୩ଟି ଯାକ ମ୍ୟାଚ୍ ଜିତିଥିଲେ ମଧ୍ୟ ଚୀନ ଓ ଜାପାନ ବିପକ୍ଷରେ ସଂଘର୍ଷ କରିଥିଲା। ପ୍ରୋ-ଲିଗ୍‌ରେ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜିତ ହେବା ପରେ ଅଷ୍ଟ୍ରେଲିଆରେ ଅଭ୍ୟାସ ଲାଗି ଯିବା ଓ ସମସ୍ତ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଖେଳିଥିଲେ ମଧ୍ୟ ଭାରତ ଆଶାନୁରୂପ ଖେଳ ପ୍ରଦର୍ଶନ କରିପାରି ନାହିଁ। ଏଭଳି ସ୍ଥିତିରେ ଦଳକୁ ସୁପର-୪ରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବା ଏକ ଚ୍ୟାଲେଞ୍ଜ ଭାବେ ଦେଖା ଦେଇଛି। ହେଡ୍ କୋଚ୍ କ୍ରେଗ୍ ଫୁଲଟନ ଓ ଅଧିନାୟକ ହରମନପ୍ରୀତ୍ ସିଂ ଏହି ପର୍ଯ୍ୟାୟକୁ କିପରି ମୁକାବିଲା କରିବେ ତାହା ଦେଖିବାକୁ ବାକି ରହିଲା। ଚୀନ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଭଲ ଖେଳ ପ୍ରଦର୍ଶନ କରିଛି। ଗ୍ରୁପ୍-ବି'ରେ ମାଲେସିଆ ଓ କୋରିଆ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ସରଜିତ ସିଂହ କୁନ୍ଦନଙ୍କ ପ୍ରଶିକ୍ଷଣରେ ମାଲେସିଆ ଏଠାରେ ଦମ୍‌ଦାର ଖେଳ ପ୍ରଦର୍ଶନ କରିଛି। ସୁପର-୪'ରେ ଏହି ଦଳ କିପରି ଖେଳିବ ତାହା ଅଳ୍ପ ଦିନ ମଧ୍ୟରେ ଜଣାପଡ଼ିବ।

**ସୁପର-୪ ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ସମୟ |
|---|---|---|
| ୩।୯ | ମାଲେସିଆ-ଚୀନ | ସନ୍ଧ୍ୟା ୫ଟା |
| ୩।୯ | ଭାରତ-କୋରିଆ | ରାତି ୭.୩୦ |
| ୪।୯ | କୋରିଆ-ଚୀନ | ସନ୍ଧ୍ୟା ୫ଟା |
| ୪।୯ | ଭାରତ-ମାଲେସିଆ | ରାତି ୭.୩୦ |
| ୬।୯ | ମାଲେସିଆ-କୋରିଆ | ସନ୍ଧ୍ୟା ୫ଟା |
| ୬।୯ | ଭାରତ-ଚୀନ | ରାତି ୭.୩୦ |
| ୭।୯ | ଫାଇନାଲ | ରାତି ୭.୩୦ |

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରୁଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS